# ଧରିତ୍ରୀ DHARITRI

ଢେଙ୍କାନାଳ, ମଙ୍ଗଳବାର, ଜୁଲାଇ ୫/୨୦୨୨ (୧୪ ପୃଷ୍ଠା) | Dhenkanal, Tuesday, July 5/2022 | Page 14 | ₹ 7.00 | ★★★★★

୧୮ଶ ଭାଗ ୧୩୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପ୍ରଯୋଜକ ସାଜିବେ ତାପସୀ**

ବଲିଉଡ୍ ଚଳଚ୍ଚିତ୍ର ନାୟିକା ତାପସୀ ପନ୍ନୁ ଆଗାମୀ ଦିନରେ ଫିଲ୍ମ ପ୍ରଯୋଜନା କରିବାକୁ ପ୍ରସ୍ତୁତ ହେଉଥିବା କହିଛନ୍ତି।

୧୦

୧୪

**ରେଣୁକା ପ୍ଲେୟର ଅଫ୍ ଦି ମ୍ୟାଚ**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ମହିଳା ଦିନିକିଆ କ୍ରିକେଟ ମ୍ୟାଚରେ ଭାରତର ରେଣୁକା ସିଂ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି।



# ଆମ ଝିଅର ଏମିତି ହେଲେ...

## ରାଗିଂ ଯୋଗୁ ଛାତ୍ରୀ ଆତ୍ମହତ୍ୟା ଘଟଣା

- ସିବିଆଇ ତଦନ୍ତ ଦାବି
- ବିଧାନସଭାରେ ହଙ୍ଗାମା, ଗୃହ ମୁଲତବୀ
- ବିବୃତି ଦେଲେ ମନ୍ତ୍ରୀ

ଭୁବନେଶ୍ୱର,୪।୭(ବ୍ୟୁରୋ)

ରାଗିଂ ଯୋଗୁ ରାଜ୍ୟରେ ବହୁ ଛାତ୍ରୀଛାତ୍ରଙ୍କ ଜୀବନ ଗଲାଣି। ଏହାକୁ ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯେଉଁ ଆଣ୍ଟି ସ୍କ୍ୱାଡ୍ ଗଠନ ହୋଇଛି, ତାହା କାମ କରୁନାହିଁ। ବେଳକୁ ବେଳ ଏଭଳି ସମ୍ବେଦନଶୀଳ ଘଟଣା ବୃଦ୍ଧି ପାଇଚାଲିଛି। ଯଦି ଆମ ଝିଅ ପ୍ରତି ଏଭଳି ଘଟିବ ତେବେ ଆମେ ସମ୍ଭାଳିପାରିବା ତ! ସରକାରଙ୍କୁ ବିରୋଧୀ ଏଭଳି ପ୍ରଶ୍ନବାଣ ମାରିଛନ୍ତି। ଯେଉଁ ମା'ବାପା ତାଙ୍କ ଝିଆକୁ ହରାଇଛନ୍ତି, ସେମାନେ ହିଁ କେବଳ ଏହାର କଷ୍ଟ ଜାଣୁଛନ୍ତି। ସରକାର କାହିଁକି ଏଭଳି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱ ଦେଉନାହାନ୍ତି। ବିଜେବି ସ୍ୱୟଂଶାସିତ କଲେଜ ଛାତ୍ରୀ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାକୁ ନେଇ ଏମିତି ଢଙ୍ଗରେ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟମାନେ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି। ସରକାର ଘଟଣାର ସିବିଆଇ ତଦନ୍ତ କରାନ୍ତୁ। ଯିଏ ଏହି ଘଟଣାରେ ଦୋଷୀ ତାଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯାଉ ବୋଲି ବିରୋଧୀ ଦାବି କରିଛନ୍ତି।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ବିଧାନସଭା ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାକୁ ନେଇ ଉଭୟ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ଭାଜପା ସଭ୍ୟ ମୋହନ ଚରଣ ମାଝି 'ଧରିତ୍ରୀ'କୁ ଦେଖାଇ କହିଲେ ରାଗିଂରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଖବରକାଗଜରେ ଏହା ପ୍ରକାଶ ପାଇଛି। ଏହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ପ୍ରଶ୍ନକାଳ ବନ୍ଦ କରାଯାଇ ତୁରନ୍ତ ଏହା ଉପରେ ଆଲୋଚନା କରାଯାଉ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରେ ଏହା ଉପରେ ଆଲୋଚନା କରିବାକୁ ବାଚସ୍ପତି କହିଥିଲେ ମଧ୍ୟ ବିରୋଧୀ ନିଜ ଜିଦ୍‌ରେ ଅଡ଼ିବସିଥିଲେ। ବାଚସ୍ପତି ବାଧ୍ୟହୋଇ ଗୃହକୁ ୧୦ଟା ୩୮ ମିନିଟ୍‌ରୁ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଦେଇଥିଲେ।

ଶୂନ୍ୟକାଳରେ ରାଗିଂ ଜନିତ ଆତ୍ମହତ୍ୟା ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ଭୁବନେଶ୍ୱରର ପ୍ରତିଷ୍ଠିତ ସରକାରୀ ମହାବିଦ୍ୟାଳୟରେ ଯେଉଁ ଘଟଣା ଘଟିଲା, ତାହା ଅତ୍ୟନ୍ତ ସ୍ପର୍ଶକାତର। ୨୨ ବର୍ଷ ଶାସନ କାଳରେ ବିଜେଡି ସରକାର ରାଗିଂ ମୁହଁରୁ ଛାତ୍ରୀଛାତ୍ରଙ୍କୁ ବଞ୍ଚାଇ ପାରିଲେ ନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି। ଉଚ୍ଚଶିକ୍ଷା ବିଭାଗରେ ରାଗିଂ ବଢ଼ିଚାଲିଛି। ଏଥିଲାଗି ସରକାରଙ୍କର ଚିନ୍ତା ନାହିଁ। ନିରୀହ ପିଲାଙ୍କ ଜୀବନ ଚାଲିଯାଉଛି। ସାରା ଭାରତରେ ଓଡ଼ିଶା ରାଗିଂରେ ତୃତୀୟ ସ୍ଥାନରେ ରହିଛି। ଆତ୍ମହତ୍ୟା କରିଥିବା ରୁଚିକା ମହାନ୍ତିଙ୍କୁ ୩ ଜଣ ଛାତ୍ରୀ ରାଗିଂ କରିଛନ୍ତି। ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ☞ପୃଷ୍ଠା-୪



ବିଧାନସଭାରେ ଭାଜପା ସଭ୍ୟ ମୋହନ ଚରଣ ମାଝି 'ଧରିତ୍ରୀ' ଦେଖାଇ ରାଗିଂ କ୍ଷେତ୍ରରେ ଓଡ଼ିଶା ୩ୟ ସ୍ଥାନ ଶୀର୍ଷକ ଖବର ସମ୍ପର୍କରେ ବାଚସ୍ପତି ବିକ୍ରମ ଆରୁଖଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି।

## ସରକାରଙ୍କୁ ଘେରିଲେ ବିରୋଧୀ

# ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରକୁ କଳା ବେଲୁନ

## ୪ କଂଗ୍ରେସ କର୍ମୀ ଗିରଫ

ନୂଆଦିଲ୍ଲୀ,୪।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୋମବାର ଆନ୍ଧ୍ରପ୍ରଦେଶ ଗସ୍ତ ସମୟରେ ବିରୋଧାଭାସ ଦେଖିବାକୁ ମିଳିଛି। ବିଜୟୱାଡ଼ା ଗାନାଭରମ୍ ବିମାନ ବନ୍ଦରରୁ ମୋଦି ହେଲିକପ୍ଟର ଯୋଗେ ଉଡ଼ାଣ କରିବାର କିଛି ସମୟ ମଧ୍ୟରେ ତାଙ୍କ ହେଲିକପ୍ଟରକୁ ଲକ୍ଷ୍ୟ କରି କଳା ବେଲୁନ୍ ଛଡ଼ା ଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟର ପାଖାପାଖି କଳା ବେଲୁନ୍ ଉଡୁଥିବାର ଭିଡ଼ିଓ ଦେଖିବା ପରେ ଏହି ଘଟଣାରେ ସମ୍ପୃକ୍ତ ୪ଜଣ କଂଗ୍ରେସ କର୍ମୀଙ୍କୁ ପୋଲିସ ଗିରଫ କରିଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ କୌଣସି ତ୍ରୁଟି ହୋଇନାହିଁ। ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉଛି ବୋଲି କ୍ରିଷ୍ଣା ଜିଲା ଡିଏସ୍‌ପି ବିଜୟ ପାଲ୍ କହିଛନ୍ତି। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରକୁ ଲକ୍ଷ୍ୟ କରି କଳା ବେଲୁନ୍ ଛଡ଼ା ଯିବା ଘଟଣାକୁ ଭାଜପା ପକ୍ଷରୁ ଘୋର ନିନ୍ଦା କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ କ୍ରିଷ୍ଣା ଜିଲାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଗାନାଭରମ୍ ବିମାନ ବନ୍ଦରରୁ ହେଲିକପ୍ଟର ଯୋଗେ ଉଡ଼ାଣ କରିଥିଲେ। ଏହି ସମୟରେ ବିମାନ ବନ୍ଦର ବାହାରେ କେତେକ କଂଗ୍ରେସ କର୍ମୀ ହାତରେ କଳା ବେଲୁନ୍ ଏବଂ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିବା ସହ ମୋଦି ବିରୋଧୀ ନାରାବାଜି ଦେଇଥିଲେ। ସୁଙ୍କଦରା ପଦ୍ମଶ୍ରୀ, ପାର୍ବତୀ ଏବଂ କିଶୋର ହାତରେ କଳା ବେଲୁନ୍ ଧରିଥିବାରୁ ☞ପୃଷ୍ଠା-୪

# ୬ରେ ମାଟ୍ରିକ୍ ପରୀକ୍ଷାଫଳ

- ମଧ୍ୟମା, ମୁକ୍ତ ବିଦ୍ୟାଳୟର ପରୀକ୍ଷାଫଳ ବି ପ୍ରକାଶ ପାଇବ
- ୱେବ୍‌ସାଇଟ୍, ଏସ୍ଏମ୍ଏସ୍ ମାଧ୍ୟମରେ ଜାଣିହେବ ଫଳାଫଳ

କଟକ ଅଫିସ, ୪।୭

ଆସନ୍ତା ୬ ତାରିଖରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ। ଏଥିସହ ଉକ୍ତ ଦିନ ମଧ୍ୟମା ଏବଂ ମୁକ୍ତ ବିଦ୍ୟାଳୟର ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି, ଜୁଲାଇ ୬ ତାରିଖ ପୂର୍ବାହ୍ନ ୧୦ଟାରେ ପ୍ରଥମେ ପରୀକ୍ଷା ପରିଚାଳନା କମିଟି ପରୀକ୍ଷାଫଳ ପ୍ରକାଶ ପାଇଁ ଅନୁମୋଦନ କରିବେ। ଏହାପରେ ବୋର୍ଡ ପକ୍ଷରୁ ଉକ୍ତ ଦିନ ଅପରାହ୍ନ ୧ଟାରେ ଫଳ ପ୍ରକାଶ କରାଯିବ। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ ଏବଂ ଏସ୍ଏମ୍ଏସ୍ ମାଧ୍ୟମରେ ଫଳାଫଳ ଜାଣିପାରିବେ। ୱେବ୍‌ସାଇଟ୍ www.bseodisha.ac.in ଏବଂ www.bseodisha.nic.inରେ ପରୀକ୍ଷାଫଳ ଉପଲବ୍ଧ ହେବ। ଅପରାହ୍ନ ୨ଟା ପରେ ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷାଫଳ ୱେବ୍‌ସାଇଟ୍‌ରେ ଦେଖିପାରିବେ। ସେହିପରି ନିଜ ମୋବାଇଲ ଫୋନ୍‌ରୁ ଓଆର୍୧୦ ଏବଂ ନିଜ ରୋଲ୍ ନମ୍ବରକୁ ଟାଇପ୍ କରି ୫୬୭୬୭୫୦କୁ ପଠାଇଲେ ଫଳାଫଳ ଜାଣିହେବ ବୋଲି ହାଜରା ସୂଚନା ଦେଇଛନ୍ତି। ଉକ୍ତଦିନ ଫଳ ପ୍ରକାଶ ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାଟ୍ରିକ୍ ପରୀକ୍ଷାଫଳ ପୁସ୍ତିକା ଉଦ୍‌ଘାଟନ କରିବେ। ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଉପସ୍ଥିତ ରହିବେ ବୋଲି ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, କରୋନା ମହାମାରୀ ଯୋଗୁ ଗତ ୨ବର୍ଷ ପରେ ଚଳିତ ବର୍ଷ ଅଫ୍‌ଲାଇନରେ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ରାଜ୍ୟର ୩୫୪୦ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୭୧ ହଜାର ୯୦୯ ଜଣ ହାଇସ୍କୁଲ, ୪,୪୪୩ ଜଣ ମଧ୍ୟମା ଏବଂ ୯,୩୭୮ ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ଏହି ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ୍ କରିଥିଲେ। ତେବେ ପ୍ରକୃତରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ☞ପୃଷ୍ଠା-୪






**ଆଜିର ସମ୍ପାଦକୀୟ** ଆଉ ଥରେ ପ୍ରହସନ

# ୩ ବର୍ଷରେ ୧୫ ହଜାର ବଳାତ୍କାର ମାମଲା

**୫୮୪ ନାବାଳିକା ବି ବର୍ତ୍ତିନାହାନ୍ତି**

**ଭୁବନେଶ୍ୱର,୪।୭(ବ୍ୟୁରୋ):** ରାଜ୍ୟରେ ଚିନ୍ତାଜନକ ଭାବେ ବଳାତ୍କାର ମାମଲା ବଢ଼ିଚାଲିଛି। ଗତ ୩ ବର୍ଷରେ ୧୫ ହଜାର ୭୧୩ ଦୁଷ୍କର୍ମ ମାମଲା ରାଜ୍ୟର ବିଭିନ୍ନ ଥାନାରେ ରୁଜୁ ହୋଇଛି। ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କା ମହିଳାଙ୍କ କ୍ଷେତ୍ରରେ ୨୦୧୯ରୁ ୨୦୨୨ ଏପ୍ରିଲ ଭିତରେ ୧୦ ହଜାର ୧୨୯ଟି ବଳାତ୍କାର ମାମଲା ରୁଜୁ ହୋଇଛି। ସେହିପରି ଏହି ସମୟ ଭିତରେ ୫ ହଜାର ୫୮୪ଟି ନାବାଳିକା ବଳାତ୍କାର ମାମଲା ଆସିଛି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ସୋମବାର ବିଧାନସଭାରେ ଏହା କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ମୁତାବକ, ରାଜ୍ୟର ବିଭିନ୍ନ ଥାନାରେ ୨୦୧୯ରେ ୨ ହଜାର ୯୫୦ଟି ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ରେ ୨ ହଜାର ୯୮୪ , ୨୦୨୧ରେ ୩ ହଜାର ୩୨୭ ଏବଂ ☞ପୃଷ୍ଠା-୪

# ଟ୍ରକ୍-ବାଇକ୍ ଧକ୍କା, ଚାଲିଗଲା ୫ ଜୀବନ

## ମୃତକଙ୍କ ମଧ୍ୟରେ ପରିବାରର ୩ ସଦସ୍ୟ

**ନୂଆପଡ଼ା ଅଫିସ,୪।୭:** ନୂଆପଡ଼ା ଜିଲା କୋମନା ବ୍ଲକ କ୍ରିଷ୍ଣା ଗାଁ ନିକଟ ୩୫୩ ନଂ. ଜାତୀୟ ରାଜପଥରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଶ୍ୱଶୁର ଘରକୁ ବାଇକ୍ ଯୋଗେ ଯାଉଥିବା ବେଳେ ଟ୍ରକ୍ ଧକ୍କା ହେବା ଫଳରେ ୫ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ପରିବାରର ୩ଜଣ ରହିଥିବା ଜଣାପଡ଼ିଛି। ମୃତକମାନେ ହେଲେ କୋମନା ଥାନା ଦର୍ଲିପଡା ପଞ୍ଚାୟତ ହାତିସରା ଗାଁର ଭଜନ ମାଝି (୨୮), ସ୍ତ୍ରୀ କୁନ୍ତଳା (୨୫) ଓ ପୁଅ ଦୁଷ୍ମନ୍ତ ୧ ବର୍ଷ, ସନବାହାଲି ଗାଁର ନୀଳମାଝି (୨୬), ଅନ୍ୟ ଜଣେ ଖଡିଆଳ ଥାନା ଖନତରାଇ ଗାଁର ରମେଶ ମାଝି (୨୫)।

ମିଳିଥିବା ସୂଚନା ଅନୁସାରେ ହାତିସରା ଗ୍ରାମର ଭଜନ, ସ୍ତ୍ରୀ କୁନ୍ତଳା ଓ ପୁଅ ଦୁଷ୍ମନ୍ତ ହାଇଦ୍ରାବାଦରେ କାମ କରି କିଛି ଦିନ ତଳେ ଗାଁକୁ ଫେରିଥିଲେ। ସୋମବାର ପରିବାରବର୍ଗ ଶ୍ୱଶୁର ଘର କୋମନା ଥାନା ଅଧୀନ ସନବାହାଲିକୁ ୨ଜଣ ସମ୍ପର୍କୀୟ ଶଳା ନୀଳ ଓ ସଢୁ ରମେଶଙ୍କ ସହିତ ୫ଜଣ ଏକ ବାଇକ୍ (ନଂ.ଓଆର୨୬ଡି-୩୭୬୯) ଯୋଗେ ☞ପୃଷ୍ଠା-୪




## ଦୁର୍ଘଟଣାରେ ଦମ୍ପତି ଗୁରୁତର

**ଛେଣ୍ଡିପଦା,୪।୭(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ସୀମାନ୍ତ ଚଡେଇମରା ନିକଟସ୍ଥ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ସୋମବାର ଏକ କାର୍ ଧକ୍କା ଦେବାରୁ ସେଥିରେ ବସିଥିବା ଦମ୍ପତି ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛେଣ୍ଡିପଦା ଥାନା ହରିଡାଗୁଡ ଗ୍ରାମର ବିଦ୍ୟାଧର ଦେହୁରୀ ଓ ତାଙ୍କ ସ୍ତ୍ରୀ ଚପଳା ଦେହୁରୀ। ବିଦ୍ୟାଧର ପରିବାର ଲୋକଙ୍କୁ ନେଇ ଚଡେଇମରା ଗ୍ରାମକୁ ଯାଉଥିବା ବେଳେ ଡାହାଣ ଚକା ଫାଟି ଯିବାରୁ ଗାଡ଼ିଟି ଗଛରେ ପିଟି ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ଦମ୍ପତିଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଚପଳାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

# ସଂକ୍ଷେପରେ

## ୫ ଫୁଟର ନାଗ ସାପ ଉଦ୍ଧାର



**ଅନୁଗୋଳ ଅଫିସ, ୪।୭:** ଅନୁଗୋଳ ଉପକଣ୍ଠ ପଞ୍ଚମହଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟାଳୟ ପରିସରରୁ ଏକ ୫ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ନାଗ ସାପଟି ଏକ ବସ୍ତା ପାଖରେ ଥିବା କାର୍ଯ୍ୟାଳୟ କର୍ମଚାରୀମାନେ ଦେଖି ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ଖବର ପାଇବା ମାତ୍ରେ ବେହେରା ଓ ସାଥୀ ପିଣ୍ଟୁ ବେହେରା, ସଞ୍ଜୟ ବେହେରା ପ୍ରମୁଖ ପହଞ୍ଚି ସାପଟିକୁ ଉଦ୍ଧାର କରି ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦେଇଥିଲେ।

## ସ୍ତ୍ରୀଙ୍କ ଅଭିଯୋଗକ୍ରମେ ସ୍ୱାମୀ ଗିରଫ

**ଅନୁଗୋଳ ଅଫିସ, ୪।୭:** ଅନୁଗୋଳ ସଦର ଥାନା ରନ୍ତଲେଇ ଗ୍ରାମର ବିକାଶ ବେହେରା(୨୭)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ତ୍ରୀ ଜିଲା ନାଏକଙ୍କ ଅଭିଯୋଗକ୍ରମେ ଗତ ମେ ମାସରେ ନଂ. ୩୩୧/୨୨ରେ ମାମଲା ରୁଜୁ କରାଯାଇଥିଲା। ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି, ବିକାଶ ଓ ଜିଲା ପ୍ରେମ ବିବାହ କରିଥିଲେ। ସଂସାର କରିବାର କିଛି ଦିନ ପରେ ଜାତିଆଣ ମନଭାବ ବିକାଶଙ୍କ ମନକୁ ଆସିଥିଲା। ବିକାଶ ଜାତିରେ ଗୌଡ଼ ଘରର ହୋଇଥିବା ବେଳେ ସ୍ତ୍ରୀ ଅନୁସୂଚିତ ଜାତିର। ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ବିକାଶ ମେ ୩ ତାରିଖରେ ସ୍ତ୍ରୀଙ୍କୁ ରାସ୍ତାରେ ଛାଡ଼ିଦେଇଥିଲେ। ଏ ନେଇ ସ୍ତ୍ରୀ ଥାନାର ଦ୍ୱାରସ୍ଥ ହେବା ପରେ ବିକାଶ ଦିଲ୍ଲୀ ଫେରାର ହୋଇଯାଇଥିଲେ। ସୋମବାର ଦିଲ୍ଲୀରୁ ଫେରିବା ଖବରପାଇ ତଦନ୍ତକାରୀ ଅଧିକାରୀ ସତ୍ୟରଞ୍ଜନ ଲେଙ୍କା ଅନୁଗୋଳ ରେଳଷ୍ଟେଶନରୁ ବିକାଙ୍କୁ ଗିରଫ କରିଥିଲେ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ସ୍ତ୍ରୀଙ୍କୁ ଘରୁ ତଡ଼ି ଦେବା ଅଭିଯୋଗ

**ଅନୁଗୋଳ ଅଫିସ, ୪।୭:** ଅନୁଗୋଳ ସହର ଶିମିଳପଡ଼ାରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରି ଘରୁ ତଡ଼ି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ମହିଳାଙ୍କ ସ୍ୱାମୀଙ୍କ ଘର ନିଶା ଥାନା ଅଞ୍ଚଳରେ। ସେ ଅନୁଗୋଳର ଏକ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରିଥାନ୍ତି। ସେମାନେ ଶିମିଳିପଡ଼ାରେ ଘର ଭଡ଼ା ନେଇ ରହୁଛନ୍ତି। କିନ୍ତୁ ସ୍ୱାମୀଙ୍କର ପରକୀୟା ପ୍ରୀତିକୁ ବିରୋଧ କରିବାରୁ ସ୍ୱାମୀ ମାଡ଼ ମାରି ଘରୁ ବାହାର କରିଦେଇଥିବା ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଥାନାକ ଡକାଇ ଥିବା ଜଣାପଡ଼ିଛି।

# ଶେଷ ହେଉ ନ ଥିବାରୁ ସମସ୍ୟା

- ବଇଣ୍ଡାଠାରେ ରାଜପଥ ସମ୍ପ୍ରସାରଣର ଅଗ୍ରଗତି ହେଉନି
- ଅଧାପନ୍ତରିଆ ଅବସ୍ଥାରେ ପଡ଼ିଛି ଡ୍ରେନ୍ କାର୍ଯ୍ୟ
- ଘରେ ବର୍ଷା ପାଣି ପଶୁଥିବାରୁ ବଢ଼ୁଛି ଅସନ୍ତୋଷ



**ବଇଣ୍ଡା,୪।୭(ଡି.ଏନ.ଏ.)**

ରାଜପଥ ସମ୍ପ୍ରସାରଣ ହେବ ବୋଲି ତରବର ହେଲା ପ୍ରଶାସନ। କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା ହେବା ପୂର୍ବରୁ ଶତାଧିକ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଦେଲା। ସ୍କୁଲ, ସରକାରୀ କାର୍ଯ୍ୟାଳୟ ଆଦିକୁ ଭାଙ୍ଗି ମାଟିରେ ମିଶାଇଦେଲା। ହେଲେ ବଇଣ୍ଡା ବଜାର ଭଙ୍ଗାଯିବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ଅଗ୍ରଗତି ହୋଇପାରି ନାହିଁ। ଡ୍ରେନ୍ ନିର୍ମାଣ ମାତ୍ର ୨୦ ପ୍ରତିଶତ ହୋଇଛି। ଫଳରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶୁଛି। ରାସ୍ତା ପାର୍ଶ୍ୱକୁ ଖୋଳି ଛାଡ଼ିଦିଆଯାଇଥିବାରୁ ବଜାରକୁ ଯାତାୟାତରେ ଅସୁବିଧା ହେଉଛି। ଦୀର୍ଘଦିନ ପରେ ବି ରାଜପଥ କାର୍ଯ୍ୟ ଶେଷ କରାଯାଉ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ବଇଣ୍ଡାବାସୀ ଅଭିଯୋଗ କରିଛନ୍ତି।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ପାଇଁ ଅନୁଗୋଳ ଜିଲା କିଶୋରନଗର ବ୍ଲକର ବଇଣ୍ଡାଠାରେ ୨୦୧୮ ମେ ୧୭ ଓ ୧୮ରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବଇଣ୍ଡା ବଜାର ଛକକୁ ପ୍ରଥମେ ଭଙ୍ଗାଯାଇଥିଲା। ପରେ କଦଳୀମୁଣ୍ଡାଠାରୁ ଶରଧାମୁଣ୍ଡା ପର୍ଯ୍ୟନ୍ତ ୩ କିଲୋମିଟର ଡ୍ରେନ ନିର୍ମାଣ ପାଇଁ ରାଜପଥର ଉଭୟ ପାର୍ଶ୍ୱକୁ ଖୋଳି ଦିଆଯାଇଥିଲା। ଫଳରେ ବଜାରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ବଜାରବାସୀଙ୍କ ଘର ସମ୍ମୁଖରେ ଗର୍ତ୍ତମାନ ସୃଷ୍ଟି ହୋଇଥିଲା। ହେଲେ ନିର୍ମାଣ ଦାୟିତ୍ୱ ନେଇଥିବା ଠିକା ସଂସ୍ଥାର ମନମୁଖି କାର୍ଯ୍ୟ ଯୋଗୁ ରାଜପଥ ସମ୍ପ୍ରସାରଣ ଏଯାଏ ଆରମ୍ଭ ହୋଇପାରି ନ ଥିବାବେଳେ ଡ୍ରେନ୍ ନିର୍ମାଣ ମାତ୍ର ୨୦ ପ୍ରତିଶତରେ ସୀମିତ ରହିଛି। ସେହିପରି ବଇଣ୍ଡା, ଆନନ୍ଦମୁଣ୍ଡା ନିକଟରେ କରାଯାଇଥିବା ଅସ୍ଥାୟୀ ରାସ୍ତାରୁ ପିଚୁ ଉଠିଯାଇ ବଡ ବଡ ଖାଲମାନ ସୃଷ୍ଟି ହୋଇଛି। ଏହାର ମରାମତି କରାଯାଉ ନ ଥିବାରୁ ବାଇକ୍ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାଜପଥ ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ୍ ନିର୍ମାଣ କରାଯାଉଥିବା ବେଳେ ମାତ୍ର ୨୦ ପ୍ରତିଶତ କାମ କରି ଠିକାସଂସ୍ଥା ବନ୍ଦ କରିଦେଇଥିବା ଯୋଗୁ ଲୋକମାନେ ଘରକୁ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚନ୍ଦନ ପୋଖରୀରେ ବ୍ରିଜ୍ ନିର୍ମାଣ କରାଯାଉ ନ ଥିବାରୁ ନୁନୁକାପଶି ଅଞ୍ଚଳରୁ ଆସୁଥିବା ପାହାଡ ପାଣି ଗଚ୍ଛିତ ହୋଇ ମାହେଶ୍ୱରୀ ମନ୍ଦିର, ଶିବ ମନ୍ଦିର ପରିସରରେ ପ୍ରବେଶ କରୁଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମ୍ପ୍ରସାରଣ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବଇଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ୧୨ ଏପ୍ରିଲ ୨୦୧୯ , ୨ ଫେବୃୟାରୀ ୨୦୨୦, ୨୧ ମାର୍ଚ୍ଚ ୨୦୨୧, ୧୨ ଜାନୁୟାରୀ ୨୦୨୨ରେ ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ଏନ୍‌ଏଚ୍‌ଏଆଇକୁ ଅବଗତ କରାଯିବ



"୫୫ ନମ୍ବର ଜାତୀୟ ରାଜପଥର ବଇଣ୍ଡାଠାରେ ରାସ୍ତା ସହ ଡ୍ରେନ କାର୍ଯ୍ୟ କରିବା ଏନ୍‌ଏଚ୍‌ଏଆଇର କାମ। ଏ ନେଇ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ କ'ଣ ପାଇଁ ଡ୍ରେନ୍ କାର୍ଯ୍ୟ ହେଉନି, ତାହାର ସମୀକ୍ଷା କରାଯାଇ ଏନ୍‌ଏଚ୍‌ଏଆଇକୁ ଅବଗତ କରାଯିବ।

-ଲଳିତ ମୋହନ ବେହେରା, ଉପଜିଲାପାଳ, ଆଠମଲ୍ଲିକ

### ସମସ୍ୟାର ସମାଧାନ ହେଉନାହିଁ



"ବଜାର ଉଚ୍ଛେଦର ଦୀର୍ଘ ବର୍ଷ ପରେ ମଧ୍ୟ ବଇଣ୍ଡାରେ ରାସ୍ତା ଓ ଡ୍ରେନ ନିର୍ମାଣ କରାଯାଉ ନାହିଁ। ସାମାନ୍ୟ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନ ପାରି ଲୋକଙ୍କ ଘରେ ପଶିଯାଉଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନକୁ ଅଭିଯୋଗ କରାଗଲେ ମଧ ସମାଧାନ କରାଯାଉ ନାହିଁ।

-ରମେଶ ଚନ୍ଦ୍ର ଟିବ୍ରୁୱାଲା, ବଇଣ୍ଡା

### ଜଳ ନିଷ୍କାସନ ନେଇ ବଢ଼ୁଛି ଚିନ୍ତା



"ବଇଣ୍ଡା ଅଞ୍ଚଳରେ ରାସ୍ତା ସଂପ୍ରସାରଣରେ ବିଳମ୍ବ ହେଉଥିବା ଯୋଗୁ ଏସବୁ ସମସ୍ୟା ସୃଷ୍ଟି ହେଉଛି। ଅର୍ଦ୍ଧନିର୍ମିତ ଅବସ୍ଥାରେ ଡ୍ରେନଗୁଡିକ ପଡିରହିଛି। ବର୍ଷା ହେଲେ ପାଣି ନିଷ୍କାସନ ହୋଇପାରୁ ନାହିଁ। ବର୍ଷା ଋତୁ ଆସିଯାଇଥିବାରୁ ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ିଯାଇଛି।

-ଗିରିଶ ଚନ୍ଦ୍ର ବେହେରା

### ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ହୋଇଛି



"୫୫ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣରେ ବହୁ ବିଳମ୍ବ ହେଉଛି। କଦଳୀମୁଣ୍ଡାଠାରୁ ଶରଧାମୁଣ୍ଡା ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ ହେବାକୁ ଥିବାବେଳେ ବଇଣ୍ଡା ଅଞ୍ଚଳରେ ମାତ୍ର ୨୦ ପ୍ରତିଶତ କାର୍ଯ୍ୟ ହୋଇଛି। ନୁନୁକାପଶି ପାହାଡ଼ରୁ ଆସୁଥିବା ପାଣି ରାସ୍ତାରେ ପ୍ରବାହିତ ହେବା ସହ ଲୋକଙ୍କ ଘରେ ପଶିଯାଉଛି।

-ରମେଶ କୁମାର ବେହେରା

### ବ୍ୟବସାୟୀ, ଅଞ୍ଚଳବାସୀ ହଇରାଣ ହେଉଛନ୍ତି



"ବଇଣ୍ଡା ଅଞ୍ଚଳରେ ରାସ୍ତା ଓ ଡ୍ରେନ କାର୍ଯ୍ୟ କରାଯାଉ ନ ଥିବା ଯୋଗୁ ବ୍ୟବସାୟୀଙ୍କ ସହ ଅଞ୍ଚଳବାସୀ ବହୁ ହଇରାଣ ହେଉଛନ୍ତି। ଦୀର୍ଘ ୪ ବର୍ଷ ହେବ ସେମାନଙ୍କ ଅସୁବିଧା ଦୂର ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ। ଏ ନେଇ ଜିଲା ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ଅବଗତ କରାଯିବ।

-ଦୀପ୍ତିମୟୀ ସାହୁ, ସରପଞ୍ଚ, ନୁନୁକାପଶି



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରସ୍ଥିତ ଆଡ଼ପ ମଣ୍ଡପରେ ଶ୍ରୀଜୀଉଙ୍କ ନୃସିଂହ ବେଶ।



ଆଠମଲ୍ଲିକସ୍ଥିତ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ ବାମନ ବେଶ।



ଅନୁଗୋଳ ଜିଲା ନାଲ୍‌କୋସ୍ଥିତ ମାଉସୀ ମା' ମନ୍ଦିରରେ ଶ୍ରୀଜୀଉଙ୍କ କଚ୍ଛପ ଅବତାର।

# ଚାନ୍ଦା କରି ରାସ୍ତା ମରାମତି

**ବଇଣ୍ଡା,୪।୭(ଡି.ଏନ.ଏ)**

ସାମାନ୍ୟ ବର୍ଷାହେଲେ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହୁଥିଲା। ଯାତାୟାତରେ ବଡ଼ ସମସ୍ୟା ଭୋଗୁଥିଲେ ଗ୍ରାମବାସୀ। ଏ ନେଇ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପ୍ରତିକାର ବ୍ୟବସ୍ଥା ହେଉ ନ ଥିଲା। ଶେଷରେ ଗ୍ରାମବାସୀ ନିଜ ନିଜ ମଧ୍ୟରେ ଚାନ୍ଦା କରି ରାସ୍ତା ମରାମତି କରିଛନ୍ତି। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ବାଘୁଆନାଳି ଗ୍ରାମବାସୀ ସୋମବାର ଏପରି ଉଦାହରଣୀୟ କାର୍ଯ୍ୟ କରି ପ୍ରଶଂସିତ ହୋଇଛନ୍ତି।

ଗ୍ରାମବାସୀ କହିଛନ୍ତି, ପଞ୍ଚାୟତର ପୋକଣ୍ଡାରୁ ବାଘୁଆନାଳି ଗ୍ରାମକୁ ସଂଯୋଗ କରୁଥିବା ୨ କିଲୋମିଟର ମାଟି ରାସ୍ତା ଶୋଚନୀୟ ହୋଇପଡ଼ିଥିଲା।



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

### ଗ୍ରାମବାସୀଙ୍କ ପ୍ରଶଂସନୀୟ କାର୍ଯ୍ୟ

ଏହା ପଞ୍ଚାୟତ ଅଧୀନରେ ରହିଛି। ହେଲେ ମରାମତି କରାଯାଉ ନ ଥିବା ଯୋଗୁ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ହୋଇଯାଉଛି। ଫଳରେ ଲୋକେ ଯାତାୟାତ କରିପାରୁନାହାନ୍ତି। ଗ୍ରାମବାସୀ ପକ୍କା ରାସ୍ତା ପାଇଁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିପାରୁ ନ ଥିଲା। ଫଳରେ ଲୋକେ ରାସ୍ତା ମରାମତି କରିଥିବା ଗ୍ରାମବାସୀ କହିଛନ୍ତି। ଏନେଇ ପାଇକସାହି ସରପଞ୍ଚ ନିରୋଜ କାନ୍ତ ସାହୁ କହିଛନ୍ତି, ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ଦିଆଯାଇଥିଲେ ମଧ୍ୟ ଲୋକେ ମରାମତି କରି ନ ଥିଲେ। ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି।

## ବାଇକ୍ ଭଙ୍ଗା ସହ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୪।୭(ଡି.ଏନ.ଏ)**

କିଶୋରନଗର ବ୍ଲକ ହଣ୍ଡପା ଥାନା ପାପସରାଠାରେ ହଣ୍ଡପା ଗ୍ରାମର ସାଧୁଚରଣ ସାହୁ ଓ ସଂସାର ସ୍ୱାଇଁଙ୍କୁ ସେହି ଗ୍ରାମର ରୁମା ପ୍ରଧାନ, ଅମିୟ ପ୍ରଧାନ, ରୋହିତ ସାହୁ, ଦୁଷ୍ମନ୍ତ ସାହୁଙ୍କ ସମେତ ସହଯୋଗୀମାନେ ମାଡ଼ ମାରିବା ସହ ବାଇକ ଭାଙ୍ଗି ଦେଇଥିବା ରବିବାର ସାଧୁଚରଣ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୭୦/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ସାଧୁ ଓ ସଂସାର ତାଙ୍କ ବାଇକ୍‌ରେ ବିଲେଇନାଳିରୁ ହଣ୍ଡପା ଆସୁଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସେମାନଙ୍କୁ ପାପସରାଠାରେ ଅଟକାଇ ମାଡ଼ ମାରିବା ସହ ବାଇକ୍ ଭାଙ୍ଗି ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏଥିରେ କାହାରିକୁ ଗିରଫ କରାଯାଇ ନ ଥିବା ପୋଲିସ କହିଛି।

# ଶୁଣାଣି ଶିବିରରେ ୩୬ ଅଭିଯୋଗ

**ଅନୁଗୋଳ ଅଫିସ, ୪।୭**

ଅନୁଗୋଳ ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ମୋଟ ୩୬ଟି ଅଭିଯୋଗରୁ ୩୩ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଜମି ପଟ୍ଟା, ବିଜୁ ପକ୍କା ଘର, ଚିକିତ୍ସା ଓ ଶ୍ରମ କାର୍ଡ ପ୍ରଦାନ ଆଦି ସମ୍ପର୍କରେ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଉପଜିଲାପାଳ ବାଇଡୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି, ଆସିଷ୍ଟାଣ୍ଟ କଲେକ୍ଟର ଅଜୟ ଗଡ଼ନାୟକ ପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

# ଆନ୍ଦୋଳନକାରୀଙ୍କ ଗିରଫଦାରିକୁ ନିନ୍ଦା

**ଅନୁଗୋଳ ଅଫିସ, ୪।୭**

ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ଦାବିରେ ବନ୍ଦ ପାଳନ କରାଯାଉଥିବା ବେଳେ ୧୬ ଆନ୍ଦୋଳନକାରୀଙ୍କୁ ଗିରଫ କରାଯିବାକୁ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଦୀର୍ଘଦିନ ହେଲା ମେଡିକାଲ କଲେଜ ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ତାହାକୁ କାର୍ଯ୍ୟକ୍ଷମ ପାଇଁ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି କମିଟି ପକ୍ଷରୁ ପ୍ରଶ୍ନ କରାଯାଇଛି। ଏ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାରେ ବନ୍ଦ ଡାକରା ଦିଆଯିବ ବୋଲି କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ନିରୋଦ ପାଳ, ତ୍ରେତାନନ୍ଦ ସାମନ୍ତ, ତୀର୍ଥବାସୀ ଭୋଇ, ପଠାଣି ବାରିହା, ରମେଶ ସାହୁ, ମାନସ ପାଳ, ତ୍ରିଲୋଚନ ଜେନା, ଦାମୋଦର ଦାସ, ଅଶୋକ କୁମାର ପ୍ରଧାନ, ବଳରାମ ବେହେରା, ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଚେତନାବନୀ ଦେଇଛନ୍ତି।

# ବସ୍‌ଷ୍ଟାଣ୍ଡଠାରେ ପ୍ରତିବାଦ ସଭା

**ଅନୁଗୋଳ ଅଫିସ, ୪।୭**

ତାଳଚେରବାସୀଙ୍କ ନ୍ୟାୟ ସଙ୍ଗତ ଦାବିକୁ ପୂରଣ କରିବା ପରିବର୍ତ୍ତେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଅନୁଗୋଳ ଜିଲା କମିଟିପକ୍ଷରୁ କୁହାଯାଇଛି। ଏହି ଅନ୍ୟାୟ ଗିରଫଦାରିକୁ ନିନ୍ଦାକରି ଅନୁଗୋଳ ବସ୍‌ଷ୍ଟାଣ୍ଡଠାରେ ଜିଲା କମିଟି ସଭ୍ୟ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା କରାଯାଇଛି। ଏଥିରେ ଜିଲା କମିଟି ସଭ୍ୟ ନବକିଶୋର ପ୍ରଧାନ, ବ୍ରଜବନ୍ଧୁ ସାହୁ, ସଞ୍ଜୟ ସାହୁଙ୍କ ସମେତ ବିଷ୍ଣୁ ସାହୁ, ନିରଞ୍ଜନ ନାୟକ, ମଳୟ ବେହେରା, କୁମର ସାହୁ ପ୍ରମୁଖ ବକ୍ତବ୍ୟ ଦେଇ ଆନ୍ଦୋଳନକାରୀଙ୍କୁ ବିନା ସର୍ତ୍ତରେ ଖଲାସ କରିବା ସହିତ ଅବିଳମ୍ବେ ମେଡିକାଲ କଲେଜକୁ ସରକାରୀ ପରିଚାଳନାରେ କାର୍ଯ୍ୟକାରୀ କରିଜିଲାବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଦେବାକୁ ଦାବି କରିଥିଲେ।




ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ପ୍ରତିବାଦ ସଭା।

# ତାଳଚେର ବନ୍ଦକୁ ଜନସାଧାରଣଙ୍କ ସମର୍ଥନ

**ତାଳଚେର,୪।୭(ନି.ପ୍ର.)**

ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପାଇଁ ସରକାରୀ ବିଜ୍ଞପ୍ତି ପ୍ରକାଶ ନ ପାଇବା ପ୍ରତିବାଦରେ ସୋମବାର ୧୨ ଘଣ୍ଟିଆ ବନ୍ଦ ପାଳନ କରିଛି ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି। ଏହା ତାଳଚେରବାସୀଙ୍କ ସ୍ୱାସ୍ଥ୍ୟସେବା ସହ ଜଡ଼ିତ ପ୍ରସଙ୍ଗ ହୋଇଥିବାରୁ ଏହି ବନ୍ଦ ଡାକରାକୁ ଜନସାଧାରଣଙ୍କ ପକ୍ଷରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିଥିଲା। ଫଳରେ ବିଭିନ୍ନ କୋଇଲା ଖଣିରେ ଉତ୍ତୋଳନ ସହ ପରିବହନ କାର୍ଯ୍ୟ ସକାଳୁ ଠପ୍ ହୋଇଯାଇଥିଲା। ସହରରେ ଗାଡ଼ି ଚଳାଚଳ ଓ ଦୋକାନ ବଜାର ମଧ୍ୟ ବନ୍ଦ ରହିଥିଲା। କମିଟି କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଧ୍ୟାହ୍ନରେ ତାଳଚେର ପୋଲିସ କମିଟିର ୧୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତେବେ ପୋଲିସର ଏପରି ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ତାଳଚେରବାସୀ ନାପସନ୍ଦ କରିଛନ୍ତି।

ପ୍ରକାଶ ଯେ, ତାଳଚେର ମେଡିକାଲ କଲେଜ ନିର୍ମାଣ ଶେଷ ହେବାର ଦୀର୍ଘବର୍ଷ ପରେ ମଧ୍ୟ ତାହାକୁ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଏମ୍‌ସିଏଲ୍ ଏହାର ସମସ୍ତ ଖର୍ଚ୍ଚ ବହନ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାଜ୍ୟ ସରକାର ପରିଚାଳନା ପାଇଁ ରାଜି ଥିବା ମେ ୧୨ରେ ଘୋଷଣା କରିଥିଲେ। ହେଲେ ଦେଢ଼ମାସ ପରେ ମଧ୍ୟ ଏ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରୁନାହାନ୍ତି। ଏହାର ପ୍ରତିବାଦରେ ପୂର୍ବ ନିଷ୍ପତ୍ତି ମୁତାବକ ତାଳଚେର ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏଥିସହ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଆନ୍ଦୋଳନ ଆରମ୍ଭ କରାଯାଇଥିଲା। କମିଟିର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରି ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏହି ବନ୍ଦକୁ ତାଳଚେରର ବିଭିନ୍ନ ସଂଘ ସମର୍ଥନ କରିଥିବା ବେଳେ ସହରରେ ଦୋକାନ ବଜାର, ବସ୍ ଚଳାଚଳ, ଶିକ୍ଷାନୁଷ୍ଠାନ ଆଦି ବନ୍ଦ ରହିଥିଲା। ଆନ୍ଦୋଳନ ଯୋଗୁ ବିଭିନ୍ନ କୋଇଲା ଖଣିରୁ ଉତ୍ପାଦନ ଓ ପରିବହନ ବନ୍ଦ ରହିଥିଲା। ମଧ୍ୟାହ୍ନରେ ତାଳଚେର ପୋଲିସ ହଠାତ୍ କମିଟିର ଆବାହକ ପଦ୍ମଚରଣ ସାମଲଙ୍କ ସମେତ ଦିଗାମ୍ବର ଗଡ଼ନାୟକ, କେଶବ ଭୂତିଆ, ରଞ୍ଜିତ ମହାପାତ୍ର, ସୁନୀଲ ବିଶ୍ୱାଳ, ଭୂପେନ ଥମ୍ବ, ବିନୋଦ ଲାଲ, ଅଭୟ ପାଣି, ପ୍ରେମାନନ୍ଦ ମହାନ୍ତି, ସୁକାନ୍ତ ଦାସ, ଜୟସେନ ମେହେର, ପର୍ଶୁରାମ ସାମଲ, ପରମାନନ୍ଦ ସାହୁ, ମାନସୀ ସ୍ୱାଇଁ, ପ୍ରହ୍ଲାଦ ସାହୁ, ଗଗନ ବିହାରୀ ଦାସ ପ୍ରମୁଖ ୧୬ ଜଣ ସଦସ୍ୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାପରେ ରେଳ ଏବଂ ସଡ଼କ ପଥ ଯୋଗେ କୋଇଲା ପରିବହନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ତାଳଚେରବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବାକୁ ଏହି ଆନ୍ଦୋଳନ କରାଯାଉଥିବା ବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରିବା ଘଟଣାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଇଛି। ଅନେକ ସମୟରେ ରାଜନୈତିକ ଦଳଗୁଡ଼ିକ ଦିନ ଦିନ ଧରି ଏଠାରେ ଆନ୍ଦୋଳନ କରୁଥିବା ବେଳେ ପୋଲିସ କେବଳ ଦେଖଣାହାରୀ ସାଜିଥାଏ। ହେଲେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ଦାବି କରୁଥିବା ଲୋକଙ୍କ ପ୍ରତି ପୋଲିସ ଏପରି କଠୋର ହେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଆନ୍ଦୋଳନକାରୀଙ୍କ ନାମରେ ଥାନାରେ ନଂ. ୩୧୨/୨୨ରେ ଏକ ମାମଲା ରୁଜୁ କରାଯାଇଛି। ତେବେ ରାଜ୍ୟ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସ ଦାବି କରିଛନ୍ତି। ଏ ସମ୍ପର୍କରେ ତାଳଚେର ଉପଜିଲାପାଳ ବିଶ୍ୱରଞ୍ଜନ ରଥ କହିଛନ୍ତି, ରେଳ ଧାରଣାରେ ବସି ଆନ୍ଦୋଳନ ଚଳାଇଥିବା ୧୬ ଜଣଙ୍କୁ ପୋଲିସ ଗିରଫ କରିଛି। ଏହାପରେ ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଉପୁଜିନାହିଁ।




ତାଳଚେର ସହରରେ ଦୋକାନ ବଜାର ବନ୍ଦ ରହିଛି।



ଆନ୍ଦୋଳନକାରୀମାନେ ରେଳଧାରଣା ଅବରୋଧ କରିଛନ୍ତି।

- ଅଟକିଲା କୋଇଲା ଉତ୍ତୋଳନ, ପରିବହନ
- କ୍ରିୟାନୁଷ୍ଠାନ କମିଟିର ୧୬ ସଦସ୍ୟ ଗିରଫ
- ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ନାପସନ୍ଦ

**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୫,୪୫,୬୪,୯୯୪ | ୬୩,୬୧,୮୦୨ | ୫୨,୯୪,୯୬,୨୪୧ |
| ଭାରତ | ୪,୩୫,୧୮,୫୬୪ | ୫,୨୫,୧୨୩ | ୪,୨୮,୭୯,୪୭୭ |
| ଓଡ଼ିଶା | ୧୨,୯୦,୭୮୩ | ୯୧୨୬(+୫୩) | ୧୨,୮୦,୨୪୩ |

ସୋମବାର ରାତି ୯ଟା ୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ରାଗିଂ: କଡ଼ା ଆଇନ ପ୍ରଣୟନ ଜରୁରୀ

**ଭୁବନେଶ୍ୱର, ୪।୭(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ରାଗିଂ ଯୋଗୁ ରୁଚିକା ମହାନ୍ତି ନାମ୍ନୀ ଯୁକ୍ତ୩ ଛାତ୍ରୀ ଶନିବାର ହଷ୍ଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଆନ୍ଦୋଳନ ଜାରି ରହିଥିବାବେଳେ ସବୁବର୍ଗର ଲୋକେ ଏହାକୁ ନିନ୍ଦା କରି ଆସୁଛନ୍ତି। ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ ପାଇଁ ନିର୍ଦ୍ଦେଶ ରହିଛି। କିନ୍ତୁ ରାଜ୍ୟର ଅଧିକାଂଶ ଶିକ୍ଷାନୁଷ୍ଠାନରେ ଜୁନିୟରମାନେ ସିନିୟରଙ୍କ ର୍ୟାଗିଂର ଶିକାର ହେଉଥିବା ସୂଚନା ମିଳିବାରେ ଲାଗିଛି। କେତେକ ଘଟଣା ନଜରକୁ ଆସୁଥିବାବେଳେ ଆଉ କେତେକ ରୁଚିକାଙ୍କ ଭଳି ଆତ୍ମହତ୍ୟାରେ ଅନ୍ତ ହୋଇଛି। ତେବେ ରାଜଧାନୀରେ ଥିବା ରାଜ୍ୟର ଏକ ପ୍ରତିଷ୍ଠିତ ତଥା ପ୍ରମୁଖ କଲେଜରେ ଏଭଳି ଘଟଣା ରାଜ୍ୟ ସରକାରଙ୍କ ର୍ୟାଗିଂ କଟକଣା ବା ଆଇନ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ କ୍ୟାମ୍ପସ କରିବା ପାଇଁ ତୁରନ୍ତ ଏକ କଡ଼ା ଆଇନ ପ୍ରଣୟନ ହେବା ଉଚିତ। ଏଥିସହ ଉକ୍ତ ଆଇନ ଆଧାରରେ ତୁରନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଦାବି ହେଉଛି।



ହଷ୍ଟେଲ୍‌ରେ ରହୁଥିବା ପିଲାମାନେ ପ୍ରତିଦିନ ଅଭିଭାବକଙ୍କ ସ୍ନେହ, ଶ୍ରଦ୍ଧା ଖୋଜନ୍ତି। କାହାକୁ ମିଳେ, ଆଉ କାହା ପାଇଁ କ ସ୍ୱପ୍ନ ହୋଇଯାଏ। ହଷ୍ଟେଲ୍‌ରେ ଦାୟିତ୍ୱରେ ରହୁଥିବା କର୍ତ୍ତୃପକ୍ଷମାନେ ଅଭିଭାବକର ଭୂମିକା ତୁଲାଇବା ଉଚିତ୍। ପିଲାମାନେ ପାଠପଢ଼ା ସହିତ ଯୁବାବସ୍ଥାରେ ମନରେ ଉଠୁଥିବା ଅନେକ ପ୍ରଶ୍ନକୁ ସେମାନଙ୍କ ସହିତ ସେୟାର କରିପାରିବେ, ଯାହା ହୁଏତ ଘଟଣାକୁ ଏଭଳି ନକାରାତ୍ମକ ଦିଗ ଆଡ଼କୁ ନେବ ନାହିଁ।

**- ଶରତ କୁମାର କର, ଶିକ୍ଷାବିତ୍, ଭୁବନେଶ୍ୱର**



“ ୨୦୨୧ରୁ ୨୦୨୨ ମଧ୍ୟରେ ୟୁଜିସି ନିକଟରେ ରାଗିଂ ନେଇ ୬୦ଟି କେସ୍ ପଞ୍ଜୀକରଣ ହୋଇଛି। ଓଡ଼ିଶାରେ ଛାତ୍ରୀଛାତ୍ର ଆତ୍ମହତ୍ୟାରେ କରିବାରେ ଓଡ଼ିଶା ଦ୍ୱିତୀୟରେ ରହିଛି। ଏହି ଭୂଲ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିର ନୁହେଁ, ପୂରା ସିଷ୍ଟମର ବିଫଳତା। ଗୋଟେ ଦୁଇଟା ଲୋକକୁ ଜେଲ୍‌ରେ ଭର୍ତ୍ତି କରିଦେଲେ ଯେ, ଏହି ଧାରାଟା ବଦଳିଯିବ ତାହା ଭାବିବା ଭୁଲ୍। ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏବେ ସମ୍ପର୍କ ଭଲ ରହୁନାହିଁ। ଶିକ୍ଷକମାନେ କେବଳ ପାଠପଢ଼ାଇଦେଇ ଚାଲିଗଲେ ହେବନାହିଁ, ପିଲାଙ୍କ ପାଠପଢ଼ାଠାରୁ ଆରମ୍ଭ କରି ସେମାନଙ୍କ ଖାଇବା, ରହିବା ସମ୍ପର୍କରେ ପଚାରି ବୁଝିବା ଦରକାର। ନିକଟରେ ଏକ ସ୍କୁଲ ପିଲା ତିନିକ ପଣକିଆ କହିପାରି ନ ଥିବାରୁ ଶିକ୍ଷାମନ୍ତ୍ରୀ ଶିକ୍ଷକଙ୍କ ଦରମା କାଟ କରିଦେଲେ। କିନ୍ତୁ ରୁଚିକା ଆତ୍ମହତ୍ୟା ପରେ ଉଚ୍ଚଶିକ୍ଷା ବିଭାଗ ଏ ପର୍ଯ୍ୟନ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିଲମ୍ବନ କରି ନ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଗିଂକୁ ନେଇ ଓଡ଼ିଶାରେ କୌଣସି ହେଲ୍ପଲାଇନ ନମ୍ବର ନାହିଁ। କୌଣସି ଆଇନ ପ୍ରଣୟନ ହୋଇ ନାହିଁ। ତେଣୁ ସରକାର ଏ ଦିଗରେ ପଦକ୍ଷେପ ନିଅନ୍ତୁ। ନଚେତ ଆଗକୁ ଆହୁରି ରୁଚିକା ଭଳି ବହୁ ପିଲା ଆତ୍ମହତ୍ୟା କରିବେ।

**- ସଂଘମିତ୍ରା ଜେନା, ରାଜ୍ୟ ସଭାପତି, ଏଆଇଏସ୍ଏଫ୍**



“ ରୁଚିକା ଆତ୍ମହତ୍ୟା ପରେ ଏବେ ରାଗିଂକୁ ନେଇ ଚର୍ଚ୍ଚା ହେଉଛି। ଏଭଳି ଘଟଣା ପ୍ରଥମ ନୁହେଁ। ରାଜ୍ୟର ସବୁ ଜିଲାରେ ରାଗିଂ ହେଉଛି। ଶିକ୍ଷାନୁଷ୍ଠାନକୁ ରାଗିଂମୁକ୍ତ କରିବା ପାଇଁ ନିୟମ ରହିଥିଲେ ମଧ ଏହା କେଉଁଠି ବି ପାଳନ ହେଉନାହିଁ। ଯେଉଁଠି ବି ରାଗିଂ ହେଉଥିବା ନଜରକୁ ଆସୁଛି, ସେ ପିଲାକୁ ଚିହ୍ନଟ କରି ତାଙ୍କ ବିରୋଧରେ ଦୃଢ଼ରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ଏଥିସହିତ ସରକାର ରାଗିଂକୁ ନେଇ ଏକ କଡ଼ା ଆଇନ ପ୍ରଣୟନ କରିବା ଆବଶ୍ୟକ। ଆଇନ କରି ତାକୁ କିପରି କଡ଼ାକଡ଼ି ଭାବେ ପାଳନ କରାଯିବ ସରକାର ସେ ଦିଗରେ ପଦକ୍ଷେପ ନେବା ଉଚିତ। ଥରେ କୌଣସି ପିଲା ଭୁଲ୍ କରି ଦଣ୍ଡ ପାଇଲେ, ଆଗକୁ ଆଉ କେହି ପିଲା ସେପରି କରିବାକୁ ସାହସ କରିବେ ନାହିଁ।

**- ସୌଭାଗ୍ୟ ମହାନ୍ତି, ରାଜ୍ୟ ସମ୍ପାଦକ, ଏବିଭିପି, ଓଡ଼ିଶା**



“ ମୁଁ ଭାବୁଛି ଆଜିକାଲି ରାଗିଂ ସେଭଳି ହେଉନାହିଁ। ଅନେକ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ କାର୍ଯ୍ୟକ୍ରମ ହୋଇଥାଏ। ଏଥିରେ ନୂଆ ପିଲାଙ୍କ ବିଷୟରେ ଜାଣିବା ଏବଂ ପୁରୁଣା ପିଲାଙ୍କ ସହିତ ଭାବ ବିନିମୟ କରାଯାଏ। ଏହି କାର୍ଯ୍ୟକ୍ରମରେ ଶିକ୍ଷକମାନେ ରହିବା ଉଚିତ। ଯଦି କେଉଁଠି ଶିକ୍ଷକମାନେ ନ ରହି କେବଳ ପିଲାଙ୍କ ଉପରେ ଛାଡ଼ି ଦିଆଯାଏ, ତେବେ ବେଳେବେଳେ ପିଲାମାନେ ଥଟ୍ଟା କରୁକରୁ ସୀମା ଟପିଯାଆନ୍ତି। ତେଣୁ ଏଭଳି କାର୍ଯ୍ୟକ୍ରମରେ ଶିକ୍ଷକମାନେ ଉପସ୍ଥିତ ରହିବା ଉଚିତ ସମସ୍ତ ଶିକ୍ଷାନୁଷ୍ଠନରେ କାଉନ୍‌ସିଲ ସେଣ୍ଟର ସୁଦୃଢ଼ କରାଯିବା ଉଚିତ। ସେଥିରେ ଜଣଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେବା ଉଚିତ। ଫଳରେ କେହି ରାଗିଂର ଶିକାର ହେଲେ ତୁରନ୍ତ ସେ ଘଟଣା ସମ୍ପର୍କରେ ତାଙ୍କୁ ଜଣାଇପାରିବ। ସମସ୍ତଙ୍କ ବଞ୍ଚିବାର ଅଧିକାର ଅଛି ଓ ସବୁ ସମସ୍ୟାର ସମାଧାନ ବାଟ ଅଛି। ତେଣୁ କେହି ବି ରାଗିଂ ଭଳି ପରିସ୍ଥିତିର ସମ୍ମୁଖୀନ ହେଲେ ନିରାଶ ନ ହୋଇ ଦୃଢ଼ ହୋଇ ସମସ୍ତଙ୍କୁ ଜଣାଇବା ଉଚିତ। ଏଭଳି ଆତ୍ମହତ୍ୟାର ପନ୍ଥା ଆପଣାଇବା ଭୁଲ ନିଷ୍ପତ୍ତି ।

**- ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ମନସ୍ତତ୍ତ୍ୱ ବିଭାଗୀୟ ମୁଖ୍ୟ, ଉତ୍କଳ ବିଶ୍ୱବିଦ୍ୟାଳୟ**



“ ରାଗିଂମୁକ୍ତ କ୍ୟାମ୍ପସ କରିବା ପାଇଁ ସମସ୍ତେ ମିଳିମିଶି କାମ କରିବା ଉଚିତ। ସରକାର ଯେମିତି ପଦକ୍ଷେପ ନେବେ ତାକୁ ପ୍ରଣୟନ କରିବା ପାଇଁ ଶିକ୍ଷାନୁଷ୍ଠାନରେ ତତ୍ପରତା ଦେଖାଇବା ଉଚିତ। ପିଲାମାନେ ମଧ ସଚେତନ ହେବା ଉଚିତ। ସବୁ ଶିକ୍ଷାନୁଷ୍ଠାନରେ ଆଣ୍ଟି ରାଗିଂ ସ୍କ୍ୱାଡ୍ ଗଠନ ବାଧ୍ୟତାମୂଳକ କରାଯାଉ ଏବଂ ତାହାକୁ ଠିକ୍ ଭାବେ କାର୍ଯ୍ୟାନ୍ୱୟନ କରିବା ଆବଶ୍ୟକ। ପ୍ରତି ମାସରେ ଥରେ ସେହି ସ୍କ୍ୱାଡ୍‌ର ସମୀକ୍ଷା ହେବା ଉଚିତ। ଏଥିସହିତ ରାଜ୍ୟ ସରକାର ତୁରନ୍ତୁ ଏ ଦିଗରେ ଏକ ଆଇନ ପ୍ରଣୟନ କରିବା ଉଚିତ।

**- ମଲ୍ଲିକ ସମିମ ଅଖତର, ସଭାପତି, ବିଜେବି କଲେଜ ଛାତ୍ରସଂଘ, ଭୁବନେଶ୍ୱର**



“ ରାଗିଂ ଏକ ବିକୃତ ମାନସିକତା। ରାଗିଂ ଅର୍ଥ ହେଉଛି ବିଶୃଙ୍ଖଳିତ ଆଚରଣ ଅଥବା ବ୍ୟବହାରିକ ଥଟ୍ଟା ପରିହାସ, ଯାହା ଛାତ୍ରୀଛାତ୍ରଙ୍କୁ ଅବସାଦଗ୍ରସ୍ତ କରିଥାଏ। ସବୁ ଶିକ୍ଷାନୁଷ୍ଠାନରେ ଆଣ୍ଟି ର୍ୟାଗିଂ କମିଟି ଅଛି। କିନ୍ତୁ ତାହା ନାମକୁ ମାତ୍ର। ନା ସେଗୁଡ଼ିକ ଠିକ୍ ଭାବେ କାମ କରୁଛି ନା ଉତ୍ତରଦାୟୀ ରହୁଛି।



“ ଓଡ଼ିଶାର ସବୁ ସ୍କୁଲ ଓ କଲେଜରେ ରାଗିଂ ହେଉଛି। ବୈଷୟିକ ଶିକ୍ଷାନୁଷ୍ଠାନରେ ମାତ୍ରାଧିକ ହେଉଛି। କିନ୍ତୁ ମାତ୍ର ୨ରୁ ୩ ପ୍ରତିଶତ ଘଟଣା ସାମ୍ନାକୁ ଆସୁଛି। ପ୍ରାୟ ୯୮ ପ୍ରତିଶତ କ୍ଷେତ୍ରରେ ସିନିୟରମାନେ ଜୁନିଅରଙ୍କୁ ଡରାଇ ରଖୁଛନ୍ତି। ଫଳରେ ଜୁନିୟରମାନେ ନିଜେ କଷ୍ଟ ସହୁଛନ୍ତି ପଛେ ଭୟରେ କାହାକୁ କିଛି କହୁନାହାନ୍ତି। ତେଣୁ ସରକାର ତୁରନ୍ତ ଆଣ୍ଟି ରାଗିଂ ଆକ୍ଟ କରିବା ଉଚିତ। ଯଦି କେହି ରାଗିଂ କରିବାର ସାମ୍ନାକୁ ଆସେ, ତୁରନ୍ତ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ। ଫଳରେ ଆଗକୁ କେହି ସେପରି ଭୁଲ କରିବା ପାଇଁ ସାହାସ କରିବେ ନାହିଁ।

**- ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**



“ ଜଣେ ଛାତ୍ରୀ ଭାବେ ରାଗିଂକୁ ଦୃଢ଼ ନିନ୍ଦା କରେ। ଶିକ୍ଷାନୁଷ୍ଠାନ ପରିସରରେ ରାଗିଂ ସମ୍ପୂର୍ଣ୍ଣ ବର୍ଜନୀୟ। ଯଦି କେହି ରାଗିଂର ଶିକାର ହୁଅନ୍ତି, ତେବେ ଦୃଢ଼ତାର ସହ ଏହାକୁ ବିରୋଧ କରିବା ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ଜରୁରୀ। ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ୨୦୨୧-୨୩ ବର୍ଷର ପିଜି ଛାତ୍ରୀ ହୋଇଥିବା ବେଳେ ହଷ୍ଟେଲରେ ରହେ। ବର୍ତ୍ତମାନ ସୁଦ୍ଧା କୌଣସି ରାଗିଂର ସମ୍ମୁଖୀନ ହୋଇନାହୁଁ କି କ୍ୟାମ୍ପସ ପରିସରରେ ଏଭଳି କିଛି ଶୁଣିବାକୁ ମଧ ମିଳିନି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ରାଗିଂ ଭଳି ଏକ ଦୁଷ୍ଟ ମାନସିକତାକୁ ଘୋର ବିରୋଧ କରିବା ସହ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି କରିଛନ୍ତି। ନୋଟିସ ବୋର୍ଡ, କ୍ଲାସ୍‌ରୁମ୍ ବିଭିନ୍ନ ସ୍ଥାନରେ ରାଗିଂ ବିରୋଧୀ ସଚେତନତାମୂଳକ ବାର୍ତ୍ତା ପୋଷ୍ଟର ରହିବା ସହ ଏ ସମ୍ପର୍କିତ କର୍ମଶାଳା କରାଯାଉଛି। ଏହାଛଡ଼ା ନିୟମିତ ବ୍ୟବଧାନରେ ହଷ୍ଟେଲ ଓ କ୍ୟାମ୍ପସ ପରିସରରେ ଚେକିଂ ହେଉଛି। ଛାତ୍ରୀଛାତ୍ରଙ୍କ ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଉଥିବାରୁ ବିଶ୍ୱବିଦ୍ୟାଳୟରେ ରାଗିଂ ନାହିଁ।

**- ତନ୍ମୟୀ ପାଣି, ପିଜି ୨ୟ ବର୍ଷ ଛାତ୍ରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**



“ ଜିଆଇଇଟି କଲେଜ କିମ୍ବା ହଷ୍ଟେଲରେ କୌଣସି ପ୍ରକାର ରାଗିଂ ହେଉନି। ଆମ କ୍ୟାମ୍ପସରେ ଆଣ୍ଟି ରାଗିଂ କମିଟି ଏସବୁ ଉପରେ କଡ଼ା ନଜର ରଖୁଛି। ହଷ୍ଟେଲରେ ସିନିୟର ଭାଇମାନଙ୍କ ସହ ମିଳିମିଶି ଚଳୁ। କୌଣସି ସମସ୍ୟା ହେଲେ ସେମାନେ ଆମକୁ ସାହାଯ୍ୟ କରନ୍ତି।

**- ସୌରଭ ଚାଟାର୍ଜୀ, ବିଏସ୍ଏଚ୍ ୧ମ ବର୍ଷ ଛାତ୍ର, ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର**

# ଓଜେଇଇ ଆରମ୍ଭ

ଭୁବନେଶ୍ୱର, ୪।୭(ବ୍ୟୁରୋ)

**ପ୍ରଥମ ଦିନ ୮୫% ପରୀକ୍ଷା ଦେଲେ**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ)-୨୦୨୨ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ହେଉଛି। ଏଥିପାଇଁ ମୋଟ ୫୭,୯୧୮ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ଆସନ୍ତା ୮ ତାରିଖ ଯାଏ ଦିନକୁ ୩ଟି ସିଟିଂରେ ପରୀକ୍ଷା ହେବ। ସକାଳ ୯ରୁ ୧୧ଟା ପ୍ରଥମ ସିଟିଂ, ମଧ୍ୟାହ୍ନ ୧୨ଟା ୩୦ରୁ ୨ଟା ୩୦ ଦ୍ୱିତୀୟ ସିଟିଂ ଏବଂ ଅପରାହ୍ନ ୪ଟା ରୁ ୬ଟା ପର୍ଯ୍ୟନ୍ତ ତୃତୀୟ ସିଟିଂ ପରୀକ୍ଷା ରହିଛି। ପ୍ରଥମ ଦିନ ତିନୋଟି ଯାକ ସିଟିଂରେ ଲାଟେରାଲ ଏଣ୍ଟ୍ରି(ଡିପ୍ଲୋମା) ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା ପାଇଁ ୧୯,୧୫୦ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୮୫% ଅର୍ଥାତ୍ ୧୬,୨୭୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନ ପରୀକ୍ଷା ସୁରୁଖୁରୁରେ ସରିଥିବା ଓଜେଇଇ ପକ୍ଷରୁ କୁହାଯାଇଛି।

ସୂଚନାନୁସାରେ, ଚଳିତ ବର୍ଷ ୬୧ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜ୍ୟର ୩୦ ଜିଲା ସହ ରାଜ୍ୟ ବାହାରେ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡରେ ୩ଟି ପରୀକ୍ଷା କେନ୍ଦ୍ର ହୋଇଛି। ତେବେ କମ୍ପ୍ୟୁଟର ବେସ୍‌ଡ ପରୀକ୍ଷା ଯୋଗୁ ପରୀକ୍ଷାର୍ଥୀଙ୍କୁ ଦେଢ଼ଘଣ୍ଟା ଆଗରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବାକୁ ଓଜେଇଇ ପକ୍ଷରୁ ନିର୍ଦ୍ଦେଶ ରହିଥିବାରୁ ସେହି ଅନୁସାରେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ଅନ୍ୟପଟେ ରାଜ୍ୟରେ କୋଭିଡ୍ ସଂକ୍ରମଣ ବଢ଼ି ଚାଲିଥିବାବେଳେ ନିୟମ ମାନି ପରୀକ୍ଷା ଦେବାକୁ ଛାତ୍ରୀଛାତ୍ରଙ୍କୁ ଅନୁରୋଧ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ମାସ୍କ ପରିଧାନ, ହ୍ୟାଣ୍ଡ ସାନିଟାଇଜେଶନ, ସାମାଜିକ ଦୂରତା ମାନିବା ଓ ପ୍ରବେଶ ସମୟରେ ଥର୍ମାଲ ସ୍କ୍ରିନିଂକୁ ବାଧ୍ୟତାମୂଳକ କରାଯାଇଛି।

# ବର୍ଷାଙ୍କୁ ଗୀତା ଉପହାର ଦେଲେ ଅନୁଭବ

କଟକ ଅଫିସ, ୪।୭

**ପରିବାର ଅଦାଲତରେ ଛାଡ଼ପତ୍ର ମାମଲା**
- ଦୀର୍ଘ ସମୟ ଧରି ଅନୁଭବଙ୍କୁ ଜେରା
- ୧୧ରେ ପରବର୍ତ୍ତୀ ଶୁଣାଣି



ଅଭିନେତ୍ରୀ ସହଧର୍ମିଣୀ ବର୍ଷା ପ୍ରିୟଦର୍ଶିନୀଙ୍କ ପାଇଁ ଗୀତା ଉପହାର ଦେଲେ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି। ବର୍ଷାଙ୍କ ଓକିଲଙ୍କ ଜରିଆରେ ଏହି ଶ୍ରୀମଦ୍ ଭଗବଦ୍ ଗୀତାକୁ ଅନୁଭବ ପରିବାର ଅଦାଲତ ପରିସରରେ ପ୍ରଦାନ କରିଛନ୍ତି। ନିୟମିତ ଭଗବଦ୍ ଗୀତା ପଢ଼ି ଏଥିରେ ଲେଖାଥିବା ପ୍ରତ୍ୟେକ ଶ୍ଳୋକର ଅର୍ଥ ବୁଝି ବିବାଦ ତୁଟାଇବାକୁ ନିଷ୍ପତ୍ତି ନେବାକୁ ମଧ ସେ ପରାମର୍ଶ ଦେଇଛନ୍ତି। ସୋମବାର କଟକ ପରିବାର ଅଦାଲତରେ ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲାର ଶୁଣାଣି ହୋଇଛି। ଅନୁଭବଙ୍କ ପକ୍ଷରୁ ଦାଏର ହୋଇଥିବା ଛାଡ଼ପତ୍ର ଆବେଦନ ନେଇ ସେ ନିଜେ ପରିବାର ଅଦାଲତରେ ହାଜର ହୋଇଥିଲେ । ପ୍ରତିପକ୍ଷ ଓକିଲ ରାମକୃଷ୍ଣ ରଥ ଦୀର୍ଘ ସମୟ ପର୍ଯ୍ୟନ୍ତ ଅନୁଭବଙ୍କୁ ଜେରା କରିଥିଲେ। ଜେରା ପ୍ରକ୍ରିୟା ଆସନ୍ତା ଦୁଇ ଦିନ ଧରି ଚାଲିବାର ଥିଲା। ହେଲେ ପ୍ରତିପକ୍ଷ ଉପସ୍ଥିତ ରହି ପାରିବେ ନାହିଁ ବୋଲି କୋର୍ଟଙ୍କୁ ଜଣାଇଥିଲେ। ତେଣୁ ପରିବାର ଅଦାଲତରେ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରାଯାଇଛି। ବର୍ଷାଙ୍କୁ ଛାଡ଼ପତ୍ର ଦେବା ଲାଗି ଅନୁଭବ ପ୍ରଥମେ ନୂଆଦିଲ୍ଲୀର ପଟିଆଲା ହାଉସ୍ କୋର୍ଟରେ ଆବେଦନ କରିଥିଲେ, ଯାହା ପରବର୍ତ୍ତୀ ସମୟରେ କଟକ ସ୍ଥାନାନ୍ତର ହୋଇଛି। ତେବେ ସୋମବାର ଜେରା ସରିବା ପରେ ବର୍ଷାଙ୍କ ଉଦ୍ଦେଶ୍ୟରେ ତାଙ୍କ ଓକିଲଙ୍କ ଜରିଆରେ ଅନୁଭବ ଶ୍ରୀମଦ୍ ଭଗବଦ୍ ଗୀତା ପୁସ୍ତକ ପ୍ରଦାନ କରିଛନ୍ତି। ବର୍ଷାଙ୍କ ଓକିଲଙ୍କ ଦ୍ୱାରା ସେ ଏହି ପବିତ୍ର ପୁସ୍ତକ ପ୍ରଦାନ କରିଥିବା ଅନୁଭବଙ୍କ ଓକିଲ ସୂଚନା ଦେଇଛନ୍ତି ।

**ରଥ କାଠ ପାଇଁ ଦେଖାଦେଲାଣି ବୃକ୍ଷର ଅଭାବ !**




# ଶେଷ ସପ୍ତାହରେ ଯୁକ୍ତ୨ ପରୀକ୍ଷାଫଳ

**ଭୁବନେଶ୍ୱର, ୪।୭(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଚଳିତ ମାସ ଶେଷ ସପ୍ତାହରେ ପ୍ରକାଶ ପାଇବ। ଏ ନେଇ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ଗତ ଦୁଇବର୍ଷ ହେବ କରୋନା ଯୋଗୁ ପରୀକ୍ଷା ହୋଇ ନ ଥିଲା। ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରାଯାଇ ଫଳ ପ୍ରକାଶ କରାଯାଇଥିଲା। କରୋନା ସଂକ୍ରମଣ କମିବା ପରେ ଚଳିତବର୍ଷ ଅଫ୍‌ଲାଇନରେ ଯୁକ୍ତ୨ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଗତ ଏପ୍ରିଲ ୨୮ରେ ପରୀକ୍ଷା ଆରମ୍ଭ ହୋଇଥିଲା। ମୋଟ ୩ ଲକ୍ଷ ୨୧ ହଜାର ୫୦୮ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। କଳାରେ ୨ ଲକ୍ଷ ୧୩ ହଜାର ୪୩୨, ବିଜ୍ଞାନରେ ୭୮ ହଜାର ୭୭ଜଣ ଓ ବାଣିଜ୍ୟରେ ୨୪ ହଜାର ୧୩୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲାବେଳେ ଧନ୍ଦାମୂଳକ ଶିକ୍ଷାରେ ୫ ହଜାର ୮୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିପାଇଁ ମୋଟ ୧ ହଜାର ୧୩୩ଟି ପରୀକ୍ଷା କେନ୍ଦ୍ର ଏବଂ ୨୦୨ଟି ପରିଚାଳନା ହବ୍ କରାଯାଇଥିଲା।

# ଏନ୍‌ଆଇଏନ୍‌ଏଲ୍ ଅଧିଗ୍ରହଣ ସମ୍ପନ୍ନ

- ଟାଟା ହାତକୁ ଗଲା
- ୨୦୩୦ ସୁଦ୍ଧା ବାର୍ଷିକ ୧୦ ନିୟୁତ ଟନ୍ କ୍ଷମତା ବୃଦ୍ଧି ଲକ୍ଷ୍ୟ

ଯାଜପୁର ଅଫିସ/କଳିଙ୍ଗନଗର୪।୭ (ଡି.ଏନ.ଏ.)



ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟସ୍ ଲିମିଟେଡ୍(ଟିଏସ୍ଏଲ୍‌ପିଏଲ୍) ପକ୍ଷରୁ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍(ଏନ୍‌ଆଇଏନ୍‌ଏଲ୍)ର ୯୩.୭୧ ପ୍ରତିଶତ ଅଂଶଧନ ଅଧିଗ୍ରହଣ ସମ୍ପନ୍ନ ହୋଇଛି। ଟାଟା ଷ୍ଟିଲ ଲିମିଟେଡ୍ ପକ୍ଷରୁ ସୋମବାର ଏନେଇ ଘୋଷଣା କରାଯାଇଛି। ଘୋଷଣା ଅନୁସାରେ ଅର୍ଥ ମନ୍ତ୍ରଣାଳୟ ଅଧୀନ ଇନ୍‌ଭେଷ୍ଟମେଣ୍ଟ ଓ ପବ୍ଲିକ୍ ଆସେଟ୍ ମ୍ୟାନେଜମେଣ୍ଟ ବିଭାଗ (ଡିଆଇପିଏଏମ୍) ଦ୍ୱାରା ପରିଚାଳିତ ପ୍ରକ୍ରିୟାନୁସାରେ ଚଳିତ ବର୍ଷ ମାର୍ଚ୍ଚ ୧୦ରେ ଶେୟାର ବିକ୍ରି ଓ କ୍ରୟ ଚୁକ୍ତିନାମା ହୋଇଥିଲା। ଏଥିପାଇଁ ଟାଟା ଷ୍ଟିଲ ପକ୍ଷରୁ ମୋଟ ୧୨,୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏମ୍ଏମ୍‌ଟିସି, ଏନ୍ଏମ୍‌ଡିସି, ମେକନ୍, ଭାରତ ହେଭି ଇଲେକ୍ଟ୍ରିକାଲ ଲିମିଟେଡ୍, ଇଣ୍ଡଷ୍ଟ୍ରିଆଲ ପ୍ରମୋଶନ୍ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଅଫ୍ ଓଡ଼ିଶା ଲିମିଟେଡ୍, ଓଡ଼ିଶା ମାଇନିଂ କର୍ପୋରେଶନ୍ ଲିମିଟେଡ୍ ଦ୍ୱାରା ଯୌଥ ପରିଚାଳନାରେ ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏନ୍‌ଆଇଏନ୍‌ଏଲ୍ ଏବେ ଟାଟା କମ୍ପାନୀ ହାତକୁ ଯାଇଛି। କଳିଙ୍ଗନଗରରେ ଅବସ୍ଥିତ ଟାଟା ଷ୍ଟିଲର ଅତ୍ୟାଧୁନିକ କାରଖାନା ନିକଟରେ ଥିବାରୁ ଏନ୍‌ଆଇଏନ୍‌ଏଲ୍ ଟାଟା ଷ୍ଟିଲ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଏକ ଉତ୍ସର୍ଗୀକୃତ ଓ ଦୀର୍ଘସ୍ଥାୟୀ ଲଙ୍ଗ୍ ପ୍ରଡକ୍ଟସ୍ କମ୍ପ୍ଲେକ୍ସ ଗଠନ କରିବା ଦିଗରେ ସୁଯୋଗ ପ୍ରଦାନ କରିବ। ଯଥାଶୀଘ୍ର ବାର୍ଷିକ ୧ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନାକୁ ପୁନଃ କାର୍ଯ୍ୟକ୍ଷମ କରାଯିବ। ୨୦୩୦ ସୁଦ୍ଧା ଏହାର କ୍ଷମତାକୁ ବାର୍ଷିକ ୧୦ ନିୟୁତ ଟନ୍‌କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି।

ଟାଟା ଷ୍ଟିଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶକ ଏବଂ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ୍‌ର ଅଧ୍ୟକ୍ଷ ଟି.ଭି. ନରେନ୍ଦ୍ରନ୍ ଏହି ଅବସରରେ କହିଛନ୍ତି ଯେ, ଏନ୍‌ଆଇଏନ୍‌ଏଲ୍ ଅଧିଗ୍ରହଣ ଏକ ଐତିହାସିକ ସଫଳତା। ଏନ୍‌ଆଇଏନ୍‌ଏଲ୍ ଓ ଏହାର କର୍ମଚାରୀଙ୍କୁ ଟାଟା ପରିବାରକୁ ସ୍ୱାଗତ ଜଣାଇ ଖୁସି ଅନୁଭବ କରୁଛୁ। ଆମେ ସମସ୍ତ ଅଂଶୀଦାର ଓ କର୍ମଚାରୀଙ୍କ ସହାୟତା ଓ ପ୍ରତିବଦ୍ଧତା ଆଶା କରୁଛୁ। ଏନ୍‌ଆଇଏନ୍‌ଏଲ୍‌କୁ ଶୀଘ୍ର ଏକ ଅତ୍ୟାଧୁନିକ ଏବଂ ଦୀର୍ଘସ୍ଥାୟୀ ଉଦ୍ୟୋଗ କରିବା ଦିଗରେ ଟାଟା ଷ୍ଟିଲର ପ୍ରୟାସ ରହିବ। ଏନ୍‌ଆଇଏନ୍‌ଏଲ୍‌ର ଏହି ଅଧିଗ୍ରହଣ ଆଗାମୀ ଦଶନ୍ଧି ପାଇଁ କମ୍ପାନୀର ଅଗ୍ରଗତି କରିବାର ଯୋଜନାକୁ ସୁଦୃଢ଼ କରିବା ସହିତ ସକ୍ଷମ କର୍ମଚାରୀମାନଙ୍କୁ ୪୦ ନିୟୁତ ଟନ୍‌ର ଲକ୍ଷ୍ୟ ଅତିକ୍ରମ କରିବାକୁ ସୁଯୋଗ ପ୍ରଦାନ କରିବ ବୋଲି ଟାଟା ଷ୍ଟିଲ୍ ପକ୍ଷରୁ ଘୋଷଣା କରାଯାଇଛି। ଏନ୍‌ଆଇଏନ୍‌ଏଲ୍ ଅଧିଗ୍ରହଣ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କର୍ପୋରେଟ୍ ସର୍ଭିସ୍‌ର ଭାଇସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ ଏବଂ ଡିଆଇପିଏଏମ୍ ସଚିବ ତୁହିନକାନ୍ତ ପାଣ୍ଡେ ଉପସ୍ଥିତ ଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କେବେ ତେଲ ଶାଢ଼ି ବିନେ ଲଣ୍ଡା; କେବେ ଖଣ୍ଡ ଖଣ୍ଡ ମୁଣ୍ଡା ମୁଣ୍ଡା।**

ଆଜି ଯିଏ ଭୋଗ ବିଳାସରେ ବୁଡି ରହିଛି ବା ଧନ ପ୍ରାଚୁର୍ଯ୍ୟରେ ଅୟସ କରୁଛି, କାଲିକି ହୁଏତ ସିଏ ଦାନା ଟିକକ ପାଇଁ କଲବଲ ହେବାରେ କିଛି ଅସମ୍ଭବ ରହି ନ ଥାଏ। ମନୁଷ୍ୟର ଅବସ୍ଥା ଚିର ପରିବର୍ତ୍ତନଶୀଳ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଲି ବାସି ଦେବୁ ନାହିଁ, କି ଫୋଓ ଫାଆ କରି କହିବୁ ନାହିଁ।**

ବାକିରେ ଦେଲେ ମିଳିବାର ଆଶା ନ ଥାଏ। ବାସି ଖାଦ୍ୟ ଦେବା ମଧ୍ୟ ଅନୁଚିତ। ସେହିପରି ଅନ୍ୟକୁ ଫୋପାଡ଼ିବା ଭଳି କଥା କହିବା ଅଶୋଭନୀୟତାର ପରିଚୟ ହୋଇଥାଏ, ତେଣୁ ଏଥିରୁ ନିବୃତ୍ତ ରହିବା ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଟ୍ରକ୍-ବାଇକ୍ ଧକ୍କା...

ଯାଉଥିଲେ। କ୍ରିଷ୍ଣା ଛକରେ ଏକ ମାଲ ବୋଝେଇ ଟ୍ରକ୍ (ନଂ.ଆରଜେ-୨୩ଜିବି-୬୦୪୭) ସହ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମା' ଓ ପୁଅ ଗୁରୁତର ଆହତ ହୋଇଥିଲେ। କୋମନା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଆହତ ମା' ଓ ପୁଅକୁ କାମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପୁଅ ଦୁଷ୍ମନ୍ତଙ୍କ ମୃତ୍ୟୁ ଘଟିଛି। କୁନ୍ତଳାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ରାତି ପ୍ରାୟ ୯ଟାରେ ତାଙ୍କର ମୃତ୍ୟୁ ଘଟିଛି। କୋମନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମଙ୍ଗଳବାର ସକାଳେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଅସୁସ୍ଥ ଛାତ୍ରୀଙ୍କୁ ନେବାକୁ ଆସିଥିବା ଆମ୍ବୁଲାନ୍ସ ଅଚଳ

**ବାରିପଦା ଅଫିସ, ୪।୭**


ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ସତ୍ୟସାଇ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଭିନ୍ନ ଦାବି ନେଇ ଧାରଣାରେ ବସିଥିବା ୩ ଅସୁସ୍ଥ ଛାତ୍ରୀଙ୍କୁ ହସ୍ପିଟାଲ ନେବାକୁ ଆସିଥିବା ୧୦୮ ଆମ୍ବୁଲାନ୍ସ ଗାଡ଼ି ଷ୍ଟାର୍ଟ ନ ହେବାରୁ ପିଲାମାନେ ଠେଲୁଛନ୍ତି।

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ସତ୍ୟସାଇ ସରକାରୀ ଉଚ୍ଚ ବିଦ୍ୟାଳୟ ୫-ଟି ଅଧୀନରେ ରୂପାନ୍ତରଣ ହୋଇଛି। ହେଲେ ଏହି ବିଦ୍ୟାଳୟର ଅବ୍ୟବସ୍ଥା ସୁଧୁରି ପାରିନାହିଁ। ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ପାନୀୟ ଜଳ ଓ ବିଦ୍ୟୁତ୍ ସେବାରୁ ଛାତ୍ରୀଛାତ୍ର ବଞ୍ଚିତ ରହିଛନ୍ତି। ଏହାର ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ। ପ୍ରଚଣ୍ଡ ଖରାରେ ଧାରଣାରତ ୩ ଛାତ୍ରୀ ସଂଜ୍ଞାହୀନ ହୋଇପଡ଼ିବାରୁ ୧୦୮ ଆମ୍ବୁଲାନ୍ସ ଡକାଯାଇଥିଲା। ତେବେ ଆମ୍ବୁଲାନ୍ସ ପହଞ୍ଚିଥିଲେ ହେଁ ଷ୍ଟାର୍ଟ ହୋଇ ନ ଥିଲା। ଛାତ୍ରମାନେ ମିଶି ଠେଲିଲେ ମଧ୍ୟ ତାହା ଆଗକୁ ନ ଗଡ଼ି ଅଚଳ ହୋଇପଡ଼ିଥିଲା। ପରେ ଅସୁସ୍ଥ ଛାତ୍ରୀମାନଙ୍କୁ ଅଟୋ ଯୋଗେ ଡାକ୍ତରଖାନା ନିଆଯାଇଥିଲା। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ସ୍ଥାନୀୟ ଅତିରିକ୍ତ ତହସିଲଦାର ଓ ବୈଶିଙ୍ଗା ପୋଲିସ ପହଞ୍ଚି ଏକ ମାସ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

୧୯୭୪ରେ ବେତନଟୀ ବ୍ଲକ ରଘୁପୁର ପଞ୍ଚାୟତର ଖୁଣ୍ଟାପୁର ଗ୍ରାମବାସୀଙ୍କ ଉଦ୍ୟମରେ ଏହି ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ଏହି ବିଦ୍ୟାଳୟ ଏବେ ରାଜ୍ୟ ସରକାରଙ୍କ ସ୍କୁଲ ରୂପାନ୍ତରଣ ଯୋଜନାରେ ସାମିଲ ହୋଇଛି। ସ୍କୁଲରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ନିମନ୍ତେ ୮ଜଣ ଶିକ୍ଷକ ନିୟୋଜିତ ହୋଇଥିବା ବେଳେ ଦୀର୍ଘ ଦିନ ଧରି ୪ର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଖାଲି ପଡ଼ିଛି। ସେହିପରି ୨ବର୍ଷ ହେଲା ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ଶିକ୍ଷକ ନାହାନ୍ତି। ଫଳରେ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏହି ଦୁଇ ବିଷୟରେ ପାଠପଢ଼ାରୁ ବଞ୍ଚିତ ରହିଛନ୍ତି। ଅଭିଭାବକମାନେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ବିଲ୍ ବାକି ଥିବାରୁ ୬ମାସ ହେଲା ସ୍କୁଲର ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରାଯାଇଛି। ପିଲାମାନେ ଅସହ୍ୟ ଗରମ ଓ ଗୁଳୁଗୁଳିରେ ବସି ପାଠ ପଢୁଛନ୍ତି। ପାନୀୟ ଜଳ ଓ ସାଇକେଲ ଷ୍ଟାଣ୍ଡ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧା ଭୋଗୁଛନ୍ତି। ଏହା ବ୍ୟତୀତ ଠିକ୍ ସମୟରେ ଶିକ୍ଷକମାନେ ସ୍କୁଲ ଆସୁ ନ ଥିବା ପ୍ରତିବାଦରେ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଦୀର୍ଘ ସମୟ ଧରି ଖରାରେ ବସି ରହିବାରୁ ୯ମ ଶ୍ରେଣୀର ଛାତ୍ରୀ ପୂଜା ମହାନ୍ତ, ରୀତିକା ରାଣୀ ଓ ପୂଜା ବେହେରା ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଖବରପାଇ ୧୦୮ ଆମ୍ବୁଲାନ୍ସ ଆସିଥିଲେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଚଳ ହୋଇପଡ଼ିଥିଲା। ପରେ ଅଟୋ ଯୋଗେ ଅସୁସ୍ଥ ଛାତ୍ରୀମାନଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ବେତନଟୀ ଅତିରିକ୍ତ ତହସିଲଦାର ନମିତା ଧଳ, ଥାନା ସବ ଇନ୍ସପେକ୍ଟର ସୁମନ୍ତ ସେଠୀ ଓ ସିଆର୍‌ସିସି ଉମାକାନ୍ତ ନାଏକ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ସିଆର୍‌ସିସିଙ୍କ ଉଦ୍ୟମରେ ସଙ୍ଗେ ସଙ୍ଗେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା।

**■ ସ୍କୁଲରେ ତାଲା ପକାଇ ଧାରଣା ଦେଇଥିଲେ ଛାତ୍ରୀଛାତ୍ର**

**■ ୫-ଟି ରୂପାନ୍ତରଣ ବିଦ୍ୟାଳୟରେ ନାହାନ୍ତି ଗଣିତ, ବିଜ୍ଞାନ ଶିକ୍ଷକ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର କେନ୍ଦ୍ରରେ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ମାଙ୍ଗଳିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିପାରନ୍ତି। ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ମୃଗଶିରା ନକ୍ଷତ୍ର ସକାଶେ ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** ଆଜି ଭାବିବେ ଗୋଟିଏ, କରିବେ ଗୋଟିଏ। କଳା, ସାହିତ୍ୟ, ସଙ୍ଗୀତ ସାମ୍ବାଦିକତା ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବାରେ ପଛାଇବେ ନାହିଁ।

**କର୍କଟ** କର୍ମଭାବର ଶୁଭପ୍ରଭାବରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ। ବନ୍ଧୁସମ୍ପର୍କରେ, ଲେଖାପଢ଼ାରେ, ଆଲୋଚନା ତଥା ଚୁକ୍ତିପତ୍ର ସମ୍ପାଦନାରେ ସଫଳତା ହାସଲ କରିବେ। ନିମନ୍ତ୍ରଣ ପାଇ ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିବେ।

**ସିଂହ** ଶୁକ୍ରଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଦ୍ୱାରା କାର୍ଯ୍ୟ ସାଧନ କରିବେ। ଶନିଙ୍କ ସ୍ଥିତିଜନିତ ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଆଜି ଅଧିକାଂଶ ସମୟ ବିତିବ। ବାଣିଜ୍ୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି।

**କନ୍ୟା** ଧନସ୍ଥାନକୁ ପାପଗ୍ରହର ଦୃଷ୍ଟିହେତୁ ଆର୍ଥିକ ସମସ୍ୟା ବୃଦ୍ଧି ପାଇବା କାରଣରୁ କୌଣସି କାମରେ ଉତ୍ସାହିତ ହୋଇପାରିବେ ନାହିଁ। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ପାରିବାରିକ ସମସ୍ୟା ବନ୍ଧୁଙ୍କ ସମ୍ମୁଖରେ ପ୍ରକାଶ କରିବାରେ ପଛେଇଯିବେ। କର୍ମକ୍ଷେତ୍ରରେ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ। ଆଜି ଦିନଟିର ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତତା ମଧ୍ୟରେ କଟାଇବେ।

**ବିଛା** ଶନିଜନିତ ପାରିବାରିକ ସମସ୍ୟା ଯୋଗୁ ମନ ଭାରାକାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନାକୁ ଏଡ଼ି ହେବ ନାହିଁ। ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାରକରଜ କରିବେ। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜିର ଗ୍ରହସ୍ଥିତି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ନିଜ ନିଜ ମଧ୍ୟରେ କଳହ ଦେଖାଦେଇପାରେ। ରାଜନୀତିରେ, ରଚନାତ୍ମକ କାମରେ, କଳା, ସାହିତ୍ୟରେ ପ୍ରଶଂସିତ ହେବେ। ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** ଅଷ୍ଟମ ଚନ୍ଦ୍ରର କୁପ୍ରଭାବରେ ଯାତ୍ରାରେ କଳହ, ଧନହାନି ସାଙ୍ଗକୁ ପରିବାରର ଅଶାନ୍ତିର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ସମସ୍ୟା କାରଣରୁ ମନ ବିଚଳିତ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ସରକାରୀ ସ୍ତରରୁ ସୁବିଧା ସୁଯୋଗ ପାଇ କାମ ହାସଲ କରିବାର ସୁଯୋଗ ପାଇପାରନ୍ତି।

**କୁମ୍ଭ** ଆଜିର କାମଗୁଡ଼ିକ ସମ୍ପନ୍ନ ହେବାରେ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଶତଭିଷା ନକ୍ଷତ୍ର ପାଇଁ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘ ଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ** ଆଜି ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ଭାବରେ ସଫଳତା ପାଇପାରିବେ। ଅର୍ଥ ସମ୍ପର୍କକୁ ନେଇ କୌଣସି ବନ୍ଧୁଙ୍କ ସହ ବିବାଦଗ୍ରସ୍ତ ହେବେ ଓ ତିକ୍ତତା ସୃଷ୍ଟି ହେବା ସମ୍ଭାବନା ରହିଛି। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ।


## classifieds Everyday

0674-2580101, 2549302




**SALE**

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

**ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତି Sudhananda Schoolକୁ ଲାଗି 30' road, electricity ସୁବିଧା ଥାଇ gated society ଘରବାରି plot @9,00,000/- ଘର କରନ୍ତୁ। (Bank loan available). 9437691481.** D-73260

**ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ 700mtr ଦୂରତାରେ Adyanta କଲେଜ backsideରେ yellowzone ପ୍ଲଟ୍ ମିଳୁଛି। 9556368377.** D-73270

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita- 9853150290. D-73271

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

**Duplex sale at Bhubaneswar @ 45 lakhs and apartment @ 42lakhs. 9439206202.** D-73275

**ଭୁବନେଶ୍ୱର IIT ଅରଗୁଳ ରେଲୱେ ଷ୍ଟେସନ୍ ନିକଟରେ Road, ଇଲେକ୍ଟ୍ରିପୋଲ୍, Plantation ଥାଇ well developed ପ୍ଲଟ୍ sqft.-270/-ରେ କିଣନ୍ତୁ। 8018603523, 9348767829.** D-73273

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

**Immediate ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ sqft. 500/ ବାଳକାଟିରେ sqft.1000/-. 8114929186.** D-73929

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରତାରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଛି। 9994968742.** D-73267

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 30ft. road, ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ sqft.-320/-, 850/-ରେ ମିଳୁଛି। 7894433357, 9437607388.** D-73268




**1200sqft. Office space 1st floor Lewisroad, Bhubaneswar available, Contact: 7008264670, 9937211223.** D-73708




Full body massage in homely atmosphere all therapy. Mob.- 8114881641. D-73404

Newly open full body massage ladies and gents. 8327740003, 8093860513. D-73926

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, refresh your body, mind at Saikrupa Spa with best therapies. 8984068077.** D-805

Refreshing your mind and body with the best therapy, 7873794731. D-872

Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

**LOST**

ମୁଁ ଶ୍ରୀ ଅମିର କୁମାର ରାୟ, ପିତା- ସ୍ୱର୍ଗତ ବଂଶୀଧର ରାୟ, ଗ୍ରାମ- ଚତରାଗଡ଼, ପୋ- ଅଲଣାହାଟ, ଥାନା- ନାଉଗାଁ, ଜିଲ୍ଲା- ଜଗତ୍‌ସିଂହପୁର, ବର୍ତ୍ତମାନ ଠିକଣା- ପ୍ଲଟ୍- ୬୮୩, ବମିଖାଲ, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର ମୋ- 9861233313, ଘୋଷଣା କରେ କି ମୋର ଓରିଜିନାଲ ଦଲିଲ୍ ନଂ.-14170/2008, ତା- ୨୫।୦୬।୨୦୨୨ରିଖ ଦିନ ଲକ୍ଷ୍ମୀସାଗର ସ୍କୋୟାର ରାସ୍ତାରେ ହଜି ଯାଇଛି। ହଜିଥିବା ଦଲିଲରେ ମୁଁ କେଉଁ ବ୍ୟାଙ୍କ କିମ୍ବା ଅନୁଷ୍ଠାନରେ ଦେଇ ମୁଁ ଋଣ ନେଇନାହିଁ। ଧ-୯୦୪

**AFFIDAVIT**

JC-682194P-Nb/ Sub-Debashisa Nayak, Vill- Kuansh (ward No-16), PO/ Dist- Bhadrak, State- Odisha, have changed my daughters name Baishnobi to Baishnavi Nayak. Affidavit Dt- 23/06/2022, On court of Executive Magistrate, Bhadrak. D-902

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାତ୍ରା କରୁଥିବା ହେଲିକପ୍ଟରକୁ ଲକ୍ଷ୍ୟ କରି କଳା ବେଲୁନ ଛଡ଼ାଯାଉଛି।

## ପ୍ରଧାନମନ୍ତ୍ରୀଙ୍କ ହେଲିକପ୍ଟରକୁ...

ପୋଲିସ ସେମାନଙ୍କୁ ଅଟକାଇଥିଲା। ତେବେ ହେଲିକପ୍ଟର ଉଡ଼ାଣ କରିବାର ୫ମିନିଟ ମଧ୍ୟରେ ବିମାନ ବନ୍ଦରର ସାଢ଼େ ୪ କିଲୋମିଟର ଦୂରରେ ୨ଜଣ କଂଗ୍ରେସ କର୍ମୀ ରାଜୀବ ରତନ ଏବଂ ରବି ପ୍ରକାଶ ଏକ ଅର୍ଦ୍ଧନିର୍ମିତ କୋଠା ଉପରେ ଚଢ଼ି କଳା ବେଲୁନ ଛାଡ଼ିଥିଲେ। ପୋଲିସ ସେଠାରେ ପହଞ୍ଚି ଜଣଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲେ।

## ୬ରେ ମାଟ୍ରିକ୍...

ଦେଇଛନ୍ତି ସେ ନେଇ ବିବାଦ ଦେଖାଦେଇଥିଲା। ୪୭ହଜାର ପିଲା ପରୀକ୍ଷାରେ ଅନୁପସ୍ଥିତ ଥିବା ଚର୍ଚ୍ଚା ହେଉଥିବା ବେଳେ ପ୍ରକୃତ ପକ୍ଷେ କେତେ ସଂଖ୍ୟକ ପିଲା ପରୀକ୍ଷା ଦେଇନାହାନ୍ତି ସେ ନେଇ ତଥ୍ୟ ବୋର୍ଡ ପାଖରେ ନ ଥିଲା। ଅପରପକ୍ଷେ ଅଧିକ ସଂଖ୍ୟକ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ବିଭାଗ ସ୍ୱୀକାର କରିଥିଲା। ତେବେ ପରୀକ୍ଷାଫଳ ବାହାରିବା ଦିନ ପ୍ରକୃତରେ ଅନୁପସ୍ଥିତ ଥିବା ପିଲାଙ୍କ ସଂଖ୍ୟା କୁହାଯିବ ବୋଲି ବୋର୍ଡ ସଭାପତି କହିଛନ୍ତି।

## ୩ ବର୍ଷରେ ୧୫ ହଜାର...

୨୦୨୨ ଏପ୍ରିଲ ସୁଦ୍ଧା ୮୬୮ଟି ବଳାତ୍କାର ମାମଲା ରୁଜୁ ହୋଇଛି। ସେହିପରି ନାବାଳିକା ମଧ୍ୟ ବଳାତ୍କାରରୁ ବର୍ତ୍ତିପାରୁନାହାନ୍ତି। ବିଧାନସଭାରେ ମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୯ରେ ୧,୬୩୫ ନାବାଳିକା ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୨୦୨୦ରେ ୧,୬୪୬, ୨୦୨୧ରେ ୧,୮୭୧ଟି ମାମଲା ଏବଂ ୨୦୨୨ ଏପ୍ରିଲ ସୁଦ୍ଧା ୪୩୨ଟି ନାବାଳିକା ବଳାତ୍କାର ମାମଲା ରୁଜୁ ହୋଇଛି। ସେହିପରି ଯୌତୁକଜନିତ ହତ୍ୟା, ନିର୍ଯାତନା ଏବଂ ଅନ୍ୟାନ୍ୟ ନିର୍ଯାତନା ମଧ୍ୟ ରାଜ୍ୟରେ ବଢି ଚାଲିଛି। ୨୦୧୯ରେ ୩୪୧ ଯୌତୁକଜନିତ ହତ୍ୟା ରୁଜୁ ହୋଇଥିବା ବେଳେ ଯୌତୁକ ନିର୍ଯାତନା ୩୭୫୬ ଓ ଅନ୍ୟାନ୍ୟ ନିର୍ଯାତନା ୨୫୩୨ ରୁଜୁ ହୋଇଛି। ସେହିପରି ୨୦୨୦ରେ ୩୨୦ ଯୌତୁକଜନିତ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ଯୌତୁକ ନିର୍ଯାତନା ୩୭୫୯ ଓ ଅନ୍ୟାନ୍ୟ ନିର୍ଯାତନା ୩୧୫୩ ରୁଜୁ ହୋଇଛି। ୨୦୨୧ରେ ୨୯୩ ଯୌତୁକଜନିତ ହତ୍ୟା ମାମଲା ରୁଜୁ ହୋଇଥିବା ବେଳେ ଯୌତୁକ ନିର୍ଯାତନା ୪୯୫୩ ଓ ଅନ୍ୟାନ୍ୟ ନିର୍ଯାତନା ମାମଲା ୪୮୮୯ ରୁଜୁ ହୋଇଛି। ୨୦୨୨ ଏପ୍ରିଲ ସୁଦ୍ଧା ୮୫ ଯୌତୁକଜନିତ ହତ୍ୟା ରୁଜୁ ହୋଇଥିବା ବେଳେ ଯୌତୁକ ନିର୍ଯାତନା ୧୪୪୨ ଓ ଅନ୍ୟାନ୍ୟ ନିର୍ଯାତନା ୧୪୩୦ ରୁଜୁ ହୋଇଛି। ମହିଳାମାନଙ୍କ କ୍ଷେତ୍ରରେ ହେଉଥିବା ଅପରାଧରେ ଓଡ଼ିଶା ୧୮ ନମ୍ବର ସ୍ଥାନରେ ରହିଛି ବୋଲି ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

## ଆମ ଝିଅର...

ଦରକାର। ଛାତ୍ରୀନିବାସର ୱାର୍ଡେନ କହୁଛନ୍ତି, ତାଙ୍କ ସମୟରେ ରାଗିଂ କେବେ ହୋଇ ନ ଥିଲା। ଯଦି ନ ହୋଇଥିଲା ତେବେ ଛାତ୍ରୀ ମଲେ କାହିଁକି? ତାହାର ସେ ଜବାବ ଦେବା ଦରକାର। ବଲାଙ୍ଗୀର ଭୀମଭୋଇ କଲେଜ, ମୟୂରଭଞ୍ଜର ଏକ କଲେଜରେ ରାଗିଂ ଯୋଗୁ ଛାତ୍ରୀଛାତ୍ରଙ୍କ ଜୀବନ ଯାଇଛି। ୨୦୨୨ ଜୁନ୍ ମଧ୍ୟରେ ୪୦ ରାଗିଂ ମାମଲା ଦାଖଲ ହୋଇଥିବା ୟୁଜିସି ତାଙ୍କ ରିପୋର୍ଟରେ କହିଛନ୍ତି। ଆଣ୍ଟି ରାଗିଂ ସ୍କ୍ୱାଡ୍ କୁଆଡ଼େ ଗଲା। ରାଗିଂକୁ ରୋକିବା ପାଇଁ କି ପଦକ୍ଷେପ ନିଆଯାଇଛି ସେ ବିଷୟରେ ଗୃହକୁ ଅବଗତ କରାଯିବା ଦରକାର ସେ ଦାବି କରିଛନ୍ତି।

କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବିଜେବି କଲେଜରୁ ବହୁ ଛାତ୍ରୀଛାତ୍ର ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ନାଁ କମାଇଛନ୍ତି। ଏହାର ସୁନାମ ରହିଛି। ମାତ୍ର ଗତ ବର୍ଷେ ହେବ କଲେଜରେ ଛୁରାମାଡ଼ଠାରୁ ଆରମ୍ଭ କରି ବୋମାମାଡ଼ ହେଉଛି। ମୁଖ୍ୟମନ୍ତ୍ରୀ ସବୁବେଳେ କହୁଛନ୍ତି ମା'କୁ ସମ୍ମାନ ଦେଉଛୁ। ମା'କୁ ନା ବୋଉକୁ ସମ୍ମାନ ଦେଉଛନ୍ତି। ରାଗିଂ ଯୋଗୁ ମେଧାବୀ ଛାତ୍ରୀଙ୍କ ଜୀବନ ଗଲା। ଆଣ୍ଟି ରାଗିଂ ସ୍କ୍ୱାଡ୍ କ'ଣ କରୁଛି। ରାଗିଂ ବନ୍ଦ ପାଇଁ ଜଷ୍ଟିସ୍ ପଶାୟତ କମିଟି, ଆର.କେ. ରାଘବନ କମିଟିର ସୁପାରିସକୁ କାର୍ଯ୍ୟକାରୀ କରାଗଲାନାହିଁ। ୨୨ ବର୍ଷରେ ରାଜ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ଝିଅ ଆତ୍ମହତ୍ୟା କଲେଣି। ଅଭିଭାବକଙ୍କୁ ଡାକି ପ୍ରତ୍ୟେକ କଲେଜରେ ସରକାର କମିଟି ଗଠନ କରନ୍ତୁ। ବିଜେବି କଲେଜ ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନିଅନ୍ତୁ ବୋଲି ସେ ଦାବି କରିଛନ୍ତି। ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ଏହି ପ୍ରସଙ୍ଗକୁ ଅତ୍ୟନ୍ତ ସ୍ପର୍ଶକାତର କହିବା ସହ ରାଜ୍ୟ ସରକାର ଏହି ପ୍ରସଙ୍ଗକୁ ଏଡ଼ାଇ ପାରିବେ ନାହିଁ ବୋଲି କହିଛନ୍ତି। ଆଗରୁ ପୁଅମାନେ ରାଗିଂ କରୁଥିଲେ। ଏବେ ଝିଅମାନେ କଲେଣି। ଏହି ଘଟଣାରେ ମୁଁ ଜଣେ ବାପା ହିସାବରେ ଅତ୍ୟନ୍ତ ମର୍ମାହତ। ମୋ ଝିଅ କ୍ଷେତ୍ରରେ ଯଦି ଏଭଳି ଘଟିବ ତେବେ ମୁଁ ନିଜକୁ ସମ୍ଭାଳିପାରିବି ତ। କୌଣସି ବିଧାୟକ ସମ୍ଭାଳିପାରିବେ କି? କଲେଜରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୋଷ୍ଠୀ କରି ନିଜର ଉଦ୍ଦେଶ୍ୟ ସାଧନ କରୁଛନ୍ତି। ସରକାର ଏଭଳି ସମ୍ବେଦନଶୀଳ ଘଟଣାର ସିବିଆଇ ଦ୍ୱାରା ତଦନ୍ତ କରାନ୍ତୁ ବୋଲି ସେ ଦାବି କରିଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି, ସନ୍ତୋଷ ସିଂ ସାଲୁଜା ମଧ୍ୟ କଡ଼ା ସମାଲୋଚନା କରିଛନ୍ତି। ରାଗିଂ ନୂଆ କଥା ନୁହେଁ। ବାରମ୍ବାର ଏଭଳି ଘଟଣା ଘଟୁଛି। ମୃତା ଛାତ୍ରୀଙ୍କ ମା'ବାପା ରାତିସାରା ଧାରଣାରେ ବସିଛନ୍ତି। ସିବିଆଇ ତଦନ୍ତ ଦାବି କରୁଛନ୍ତି। ରାଜ୍ୟ ସରକାର ତୁରନ୍ତ ବିଧାନସଭାରେ ଆଣ୍ଟି ରାଗିଂ ବିଲ୍ ଆଣନ୍ତୁ। ଏହି ଘଟଣାର ସିବିଆଇ ତଦନ୍ତ କରାନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ବିରୋଧୀଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ବିଜେବି କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣା ଉପରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ବିଧାନସଭାରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଅପରାହ୍ନରେ ମନ୍ତ୍ରୀ ଗୃହରେ ବିବୃତି ଦେଇ କହିଛନ୍ତି ଯେ, ବିଜେବି କଲେଜ ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ଓ ଦୁଃଖଦ ଘଟଣା। ଛାତ୍ରୀଙ୍କ ଘର ଚୌଦ୍ୱାର ଅନ୍ତର୍ଗତ କଖଡ଼ିରେ। ଯଦିଓ ତାଙ୍କୁ କାରୁବାକୀ ଛାତ୍ରୀନିବାସର ଡର୍ମିଟୋରିରେ ରୁମ୍ ଦିଆଯାଇଥିଲା, ସେ କିନ୍ତୁ ତାଙ୍କ ବାନ୍ଧବୀଙ୍କ ସହ ୨୦୧ ନମ୍ବର ରୁମ୍‌ରେ ରହୁଥିଲେ। ରୁଚିକାଙ୍କ ମା'ଙ୍କ ରିପୋର୍ଟ ଉପରେ ବରଗଡ଼ ଥାନାରେ ଆଇପିସି ଦଫା ୩୦୬ ଓ ୩୪ ଅନୁଯାୟୀ କେସ୍ ନମ୍ବର ୨୨୬/୨୨ ପଞ୍ଜୀକୃତ ହୋଇଛି। ଉପଯୁକ୍ତ ତଦନ୍ତ ପାଇଁ କମିଶନରେଟ ପୋଲିସର ୩ଟି ଟିମ୍ ଗଠନ କରାଯାଇଛି। ଜଣେ ଅତିରିକ୍ତ ଡିସିପିଙ୍କ ତତ୍ତ୍ୱାବଧାନରେ ତଦନ୍ତ ଚାଲିଛି। ପରିବାର ସଦସ୍ୟ, ମୃତାଙ୍କ ବନ୍ଧୁବର୍ଗଙ୍କ ଦ୍ୱାରା ଉତ୍ଥାପିତ ତଥ୍ୟ ଓ ଚିଠିରେ ଲିଖିତ ସମସ୍ତ ଦିଗକୁ ତଦନ୍ତରେ ସାମିଲ କରାଯାଇଛି। ଅପରାଧ ଓ ଅପରାଧୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ ସହନଶୀଳତା ନୀତିକୁ ବଜାୟ ରଖିବା ପାଇଁ ଗୃହ ବିଭାଗ ପ୍ରତିଶ୍ରୁତିବଦ୍ଧ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ରାଗିଂକୁ ପ୍ରତିହତ କରିବାକୁ ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ଏସ୍‌ଓପି କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ପୋଲିସ ଗୁରୁତର ସହ ନେଇ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ, କଲେଜ ଅଧ୍ୟକ୍ଷ, ମାଟ୍ରନ ଓ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରୁଛି ବୋଲି ମନ୍ତ୍ରୀ କହିଛନ୍ତି।

ଧରିତ୍ରୀ DHARITRI
ମଙ୍ଗଳବାର, ୫ ଜୁଲାଇ, ୨୦୨୨

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି-ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ଆଉ ଥରେ ପ୍ରହସନ

ସମଗ୍ର ଦେଶରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ (ଏସ୍‌ୟୁପି)ର ଉତ୍ପାଦନ, ଆମଦାନୀ, ବଣ୍ଟନ ଓ ବିକ୍ରି ଉପରେ ଭାରତ ଜୁଲାଇ ୧ରୁ ନିଷେଧାଦେଶ ଜାରି କରିଛି। ଏଥିସହିତ ପ୍ଲାଷ୍ଟିକ୍‌ର ଇଅର ବଡ୍‌ସ, ବେଲୁନ୍‌ରେ ବ୍ୟବହୃତ ପ୍ଲାଷ୍ଟିକ୍, ପ୍ଲାଷ୍ଟିକ୍ ପତାକା, ଆଇସ୍‌କ୍ରିମ୍ ଷ୍ଟିକ୍ସ, ପଲିଷ୍ଟିରିନ୍ ଡେକୋରେଶନ, ପ୍ଲାଷ୍ଟିକ୍ ପ୍ଲେଟ, କପ୍, ଚାମଚ, ଛୁରି ଆଦି ବହୁ ସାମଗ୍ରୀକୁ ନିଷିଦ୍ଧ କରାଯାଇଛି। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ସିଙ୍ଗଲ ୟୁଜ୍ ପ୍ଲାଷ୍ଟିକ୍‌ର ବେଆଇନ ଉତ୍ପାଦନ, ଆମଦାନୀ, ଗଚ୍ଛିତ କରି ରଖିବା, ବଣ୍ଟନ, ବିକ୍ରି ଓ ବ୍ୟବହାରକୁ ଯାଞ୍ଚ କରି ଉଲ୍ଲଂଘନକାରୀଙ୍କୁ ଦଣ୍ଡିତ କରିବା ସକାଶେ ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ମଧ୍ୟ ଗଠନ କରିଛି। ଯଦିଓ ଚଳିତ ଥର ସରକାରୀ ନିଷେଧାଜ୍ଞାର ପରିସର ବ୍ୟାପକ ହୋଇଛି, ତଥାପି ବିଭିନ୍ନ ରାଜ୍ୟ ବା ସମଗ୍ର ଦେଶରେ ପ୍ଲାଷ୍ଟିକ୍ ବନ୍ଦ କରିବା ସହଜ ମନେହେଉନାହିଁ। କାରଣ ନିଷେଧାଜ୍ଞା ପାଳନ ପର୍ବ ଆରମ୍ଭରୁ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ୩ ଜୁଲାଇରେ ସରକାରଙ୍କୁ ଅନୁରୋଧ କରି କହିଛି ଯେ, ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ପଦାର୍ଥ ନିଷିଦ୍ଧ ନିର୍ଦ୍ଦେଶକୁ ଆଉ ଏକ ବର୍ଷ ବିଳମ୍ବରେ କରାଯାଉ। ପରିବେଶକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ନିଜ ତରଫରୁ ଏହାର କୌଣସି ବିକଳ୍ପ ଖୋଜି ବାହାର କରିବାର ଚେଷ୍ଟା କରୁନାହାନ୍ତି। ଏକ ବର୍ଷ ସମୟ ଯାହା ମାଗିଛନ୍ତି, ତାହା କେବଳ ଏକ ଚତୁରାମି ଦର୍ଶାଉଛି। ଆଜି ଯେତେବେଳେ ପରିବେଶକୁ ନେଇ ସମଗ୍ର ପୃଥିବୀରେ ଘଡ଼ିକେ ଘୋଡ଼ା ଛୁଟୁଛି, ସେତେବେଳେ ଭାରତର ବ୍ୟବସାୟୀ ମହାସଂଘ ସମୟ ମାଗିବା ଏକ ମନ୍ଦ ଓ ଅଭିସନ୍ଧିମୂଳକ ମନେହୁଏ।

ଇତିମଧ୍ୟରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ବଜାରରେ ଚଢ଼ାଉ କରାଯାଇ ଦୋକାନୀ ଓ ଜନସାଧାରଣଙ୍କଠାରେ ସଚେତନତା ଅଣାଯିବା ଲାଗି ପ୍ରୟାସ ହୋଇଛି। ବିଗତ ବର୍ଷଗୁଡ଼ିକ ଭଳି ଏହା ଏକ ଲୋକଦେଖାଣିଆ ଚଢ଼ାଉ ବୋଲି କୁହାଯାଇପାରେ। କାରଣ ଭାରତୀୟମାନଙ୍କ ଚରିତ୍ର ହେଉଛି ଯେତେବେଳେ ଏଭଳି ନିର୍ଦ୍ଦେଶ ଦିଆଯାଇଥାଏ, ତାହା କିଛି ଦିନ କାର୍ଯ୍ୟକାରୀ ହେବା ପରେ ପୁଣି ଯେଉଁ କଥାକୁ ସେହି କଥା ଦୃଷ୍ଟିଗୋଚର ହୁଏ।

ପୂର୍ବରୁ ୧୨୦ ମାଇକ୍ରନ୍‌ରୁ କମ୍ ଓଜନର ପ୍ଲାଷ୍ଟିକ୍ ବ୍ୟାଗ୍ ବ୍ୟବହାରକୁ ଅନୁମତି ଦିଆଯାଇ ନ ଥିଲା। ଏବେ ତାହା ୬୦ ମାଇକ୍ରନ୍ କରି ଦିଆଗଲାଣି। ଅର୍ଥାତ୍ ଆହୁରି ପତଳା ପଲିଥିନ୍ ତିଆରି ଓ ବିକ୍ରି ହେଉଛି। କିନ୍ତୁ ଏଭଳି ବୈଷୟିକ ଦିଗ ପ୍ରତି ସାଧାରଣ ଉପଭୋକ୍ତା ସଚେତନ ନ ଥାଆନ୍ତି। ବଜାରରୁ ସେମାନଙ୍କ ସାମଗ୍ରୀ ବୋହିନେବା ସକାଶେ ଯେଉଁ ଓଜନର ପଲିଥିନ୍ ଦରକାର ସେତିକି ହୋଇଗଲେ ଖାଉଟି ଖୁସି। ଦୁଇବର୍ଷ ତଳେ ଓଡ଼ିଶାରେ ପଲିଥିନ୍ ନିଷିଦ୍ଧ କରିବା ଲାଗି ଏତେ ଧରପଗଡ଼ କରାଗଲା ଯେ, ଲୋକେ କନା ବା ଅଖା ବ୍ୟାଗ୍ ନେଇ ବଜାର ଯିବାର ଅଭ୍ୟାସରେ ପଡ଼ିଥିଲେ। ହେଲେ ଖୁବ୍‌ଶୀଘ୍ର ପଲିଥିନ୍ ପୁଣି ବହୁଳମାତ୍ରାରେ ବଜାରକୁ ପ୍ରବେଶ କରିବା ପରେ ଲୋକେ ଘରୁ ବାହାରିବା ବେଳେ ବ୍ୟାଗ୍ ଧରି ଯିବାକୁ ଭୁଲିଗଲେ। କେବଳ ବୁହାଯାଉଥିବା ପଲିଥିନ୍ ବ୍ୟାଗ୍ ନୁହେଁ, ପ୍ଲାଷ୍ଟିକ୍ ପ୍ଲେଟ୍, ଗ୍ଲାସ୍, ଆଇସ୍‌କ୍ରିମ୍‌ରେ ବ୍ୟବହୃତ ହେଉଥିବା କାଠି ଓ ଏପରି କି ସାଜସଜ୍ଜା ଲାଗି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର କରାଯାଉଛି। ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଭାରତରେ ଦୈନିକ ୨୬,୦୦୦ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟ ବାହାରୁଛି। ସେହିଭଳି ବାର୍ଷିକ ପ୍ଲାଷ୍ଟିକ୍ ବ୍ୟବହାର ୨୦ ମିଲିୟନ୍ ଟନ୍‌ରେ ପହଞ୍ଚିଛି। ସମୁଦ୍ରରେ ପ୍ଲାଷ୍ଟିକ୍ ପଦାର୍ଥର ଅତି କ୍ଷୁଦ୍ର ଗୁଣ୍ଡ ଭାସିବା, ଯାହାକୁ ମାଇକ୍ରୋପ୍ଲାଷ୍ଟିକ୍ କୁହାଯାଉଛି ତାହାର ପରିମାଣ ୨୪.୪ ଟ୍ରିଲିୟନ ବୋଲି ଆକଳନ କରାଯାଇଛି। ତେଣୁ କୁହାଯାଉଛି ଆସନ୍ତା କିଛି ବର୍ଷ ପରେ ସମଗ୍ର ବିଶ୍ୱ ପ୍ଲାଷ୍ଟିକମୟ ହୋଇଯାଇଥିବ। ମାଟିରେ ଯେହେତୁ ଏହା ବିଘଟିତ ଓ ପାଣିରେ ଦ୍ରବୀଭୂତ ହୋଇପାରୁ ନାହିଁ, ତାହା ମଣିଷ, ଭୂପୃଷ୍ଠ ଜୀବଜନ୍ତୁ ଓ ଜଳଚର ଜୀବଙ୍କ ପ୍ରତି ଘୋର ବିପଦ ସୃଷ୍ଟି କଲାଣି। ଗଣମାଧ୍ୟମରେ ବାରମ୍ବାର ଖବର ମିଳିଥାଏ ଗୋରୁ, ତିମି, ଶାର୍କ ଆଦି ପ୍ରାଣୀଙ୍କ ପେଟରୁ ବହୁପରିମାଣର ପଲିଥିନ୍ ବାହାର କରାଯାଉଛି।

ପ୍ଲାଷ୍ଟିକ୍ ଅତି ହାଲୁକା ଓ ମଣିଷର ବଜାରଭିତ୍ତିକ ସାମଗ୍ରୀ ନେବାଆଣିବାରେ ବିଶେଷ ସହାୟକ ହୋଇଥାଏ। ତେଣୁ ତାହାର ଅଦାର ବଢ଼ିଆସିଛି। ଏବେ ଯେତେବେଳେ ତାହାର କୁପ୍ରଭାବ ପ୍ରାଣୀଙ୍କ ପ୍ରତି ବିପଦ ଭାବେ ଉଭା ହୋଇଛି, ତାହାକୁ ତତ୍କ୍ଷଣାତ୍ ବନ୍ଦ କରିବା କଷ୍ଟକର ହେଉଛି। ପଲିଥିନ୍‌ର ଉପଯୁକ୍ତ ବିକଳ୍ପ ତିଆରିକୁ ଠିକ୍ ପ୍ରୋତ୍ସାହନ ମିଳୁ ନ ଥିବାରୁ ପ୍ଲାଷ୍ଟିକ୍ ବ୍ୟବହାର ନିଷିଦ୍ଧ କରାଯାଇପାରୁ ନାହିଁ। ଅନ୍ୟପକ୍ଷରେ ଝୋଟ, ଖଦି ନିର୍ମିତ ବ୍ୟାଗ୍ କିମ୍ବା ବାଉଁଶ କାଠିରେ ତିଆରି ଝୁଲା ବ୍ୟାଗ୍ ଆକର୍ଷଣୀୟ ହୋଇଥାଏ। କିନ୍ତୁ ସାଧାରଣରେ ମାନସିକତା ରହିଛି ଏହିସବୁ ସାମଗ୍ରୀ ନୀଚ ସ୍ତରର ହୋଇଥିବାରୁ କେହି ଧରିବେ ନାହିଁ। କିନ୍ତୁ ଫେଶନ ବଜାରକୁ ଦେଖିଲେ ଏସବୁ ପଦାର୍ଥ ଏବେ ଉଚ୍ଚକୋଟୀର ବୋଲି ଧରାଯାଇ ଧନୀ ଲୋକମାନେ ବ୍ୟବହାର କରୁଛନ୍ତି। ସେହିପରି କ୍ଷୀର ଭଳି ପଦାର୍ଥ ବୋହିବା ଲାଗି ପ୍ଲାଷ୍ଟିକ୍‌ର ବିକଳ୍ପ ଭାବେ ସରକାର କୌଣସି ଚିନ୍ତା କରୁ ନ ଥିବା ଦେଖାଯାଉଛି। ଭାରତ ସମେତ କାନାଡ଼ା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ରାଷ୍ଟ୍ରରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଉତ୍ପାଦନ, ଆମଦାନୀ, ଗଚ୍ଛିତ କରି ରଖିବା, ଏହାର ବଣ୍ଟନ ଓ ବ୍ୟବହାର ଉପରେ କଡ଼ା ନିୟମ କରାଯାଇଛି। ଅନ୍ୟ ଦେଶଗୁଡ଼ିକରେ ସରକାରୀ ନିଷ୍ପତ୍ତିକୁ ଜନସାଧାରଣ ସମର୍ଥନ କରିଥିବା ବେଳେ ଭାରତ ଭଳି ଦେଶରେ ଏଭଳି ନିଷେଧାଜ୍ଞାକୁ ବିରୋଧ କରାଯାଉଛି। ଯେପର୍ଯ୍ୟନ୍ତ ଏଠାରେ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ଉତ୍ପାଦନ, ଆମଦାନୀ, ବିକ୍ରି ଓ ବ୍ୟବହାର ବନ୍ଦ ନ ହେବ, ଉପରୋକ୍ତ ନିଷେଧାଦେଶ ଆଉ ଥରେ ପ୍ରହସନ ବୋଲି କୁହାଯାଇପାରିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | | |
| | | 1 | | | | 6 | 7 | 3 |
| 2 | | 7 | | 8 | | | 9 | |
| | | | 9 | | | | 4 | 5 |
| 5 | | | 2 | | 8 | | | |
| | 4 | | | | 5 | | | 9 |
| | 9 | | | | | | | |
| 7 | 2 | | | 6 | | | 8 | |
| 4 | | 8 | | | 2 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 7 | 2 | 3 | 8 | 5 | 1 |
| 8 | 2 | 3 | 5 | 6 | 1 | 7 | 4 | 9 |
| 5 | 1 | 7 | 8 | 4 | 9 | 2 | 3 | 6 |
| 4 | 3 | 2 | 9 | 1 | 7 | 5 | 6 | 8 |
| 7 | 5 | 9 | 6 | 8 | 2 | 4 | 1 | 3 |
| 1 | 8 | 6 | 3 | 5 | 4 | 9 | 2 | 7 |
| 6 | 4 | 8 | 1 | 9 | 5 | 3 | 7 | 2 |
| 3 | 9 | 5 | 2 | 7 | 6 | 1 | 8 | 4 |
| 2 | 7 | 1 | 4 | 3 | 8 | 6 | 9 | 5 |

ଗତକାଲିର ଉତ୍ତର



# ମିୟାୱାକୀ ବନୀକରଣ

ପ୍ର. ରମେଶ ଚନ୍ଦ୍ର ପରିଡ଼ା

ପୃଥିବୀକୁ ଏକ ବିକଶିତ ଜୀବଜଗତର 'ଧରିତ୍ରୀମାତା'କୁ ରୂପାନ୍ତରିତ କରିବାରେ ଉଦ୍ଭିଦର ଅବଦାନ ଅତୁଳନୀୟ। ଧରିତ୍ରୀମାତାର ଆତ୍ମା ବୋଲାଉଥିବା ପର୍ଯ୍ୟାବରଣର ଏହା ହେଉଛି ମୁଖ୍ୟ ସ୍ଥପତି। ଶ୍ୱାସକ୍ରିୟା ଲାଗି ଅମ୍ଳଜାନ ସମୃଦ୍ଧ ବାୟୁ, ପୁଷ୍ଟିକର ଖାଦ୍ୟ ଏବଂ ବିଶୁଦ୍ଧଜଳ ଇତ୍ୟାଦି ଜୀବନ ଧାରଣର ସମସ୍ତ ବ୍ୟବସ୍ଥା ଖଞ୍ଜି ଏହା ତା'ର ନିର୍ମାଣ କରିଥାଏ ଏବଂ ସେଗୁଡ଼ିକ କିପରି ସକ୍ରିୟ ରହିବେ ସେଥିପ୍ରତି ଧ୍ୟାନ ରଖିଥାଏ। କିନ୍ତୁ ବିଗତ ପ୍ରାୟ ୨ଶତାବ୍ଦୀ ଧରି ଶିଳ୍ପବିପ୍ଳବ କାଳରୁ ମଣିଷ ତାହାର ଧ୍ୱଂସ କରିଚାଲିଛି। ଏକ ଆକଳନ (୨୦୨୧) ଅନୁସାରେ ପ୍ରତିବର୍ଷ ମଣିଷ ପ୍ରାୟ ୧୫ ହଜାର ନିୟୁତ ବୃକ୍ଷ ଛେଦନ କରୁଛି। ପରିଣାମ ସ୍ୱରୂପ ବିବିଧ ପ୍ରାକୃତିକ ବିପର୍ଯ୍ୟୟ ଘଟିବାରେ ଲାଗିଛି, ଯାହାକି ଆଗାମୀ ମହାବିଲୁପ୍ତି ପ୍ରକ୍ରିୟାର ଆଗମନକୁ ତ୍ୱରାନ୍ୱିତ କରୁଛି।

ଦ ୱାର୍ଲଡ ଇକୋନୋମିକ୍ ଫୋରମ (୨୦୨୦) ଦ୍ୱାରା ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ବର୍ତ୍ତମାନ ପୃଥିବୀର ସମସ୍ତ ଜୈବବସ୍ତୁତ୍ୱର ୮୨.୪ ଶତାଂଶ ହେଉଛି ଉଦ୍ଭିଦ। ଅନ୍ୟପକ୍ଷରେ ଜୀବାଣୁ, କବକ, ଏକ ଜୀବକୋଷ ବିଶିଷ୍ଟ ସୂକ୍ଷ୍ମଜୀବ ଏବଂ ସମସ୍ତ ପ୍ରାଣୀ ଯଥାକ୍ରମେ ୧୨.୮ ଶତାଂଶ, ୨.୨ଶତାଂଶ,୧.୫ଶତାଂଶ ଏବଂ ୧.୧ଶତାଂଶ। କେବଳ ମଣିଷ କଥା ବିଚାରକଲେ ଏହା ଅତ୍ୟନ୍ତ ନଗଣ୍ୟ- ମାତ୍ର ୦.୧ ଶତାଂଶ। ସେହିପରି ପୃଥିବୀ ପୃଷ୍ଠରେ ଜୀବଜଗତର ପ୍ରାରମ୍ଭ ୩୭୦ ହଜାର ନିୟୁତ ବର୍ଷ ପୂର୍ବେ ଘଟିଥିଲା ବେଳେ ଭୂଭାଗରେ ଉଦ୍ଭିଦମାନଙ୍କ ଉଦ୍ଭବ ହୋଇଥିଲା ୪୦୦ ନିୟୁତ ବର୍ଷ ପୂର୍ବେ ଏବଂ ମଣିଷ ଏଥିରେ ମାତ୍ର ୫ରୁ ୭ ନିୟୁତ ବର୍ଷ ହେଲା ବାସବାସ କରି ଆସୁଛି। ତେବେ ଏହି ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ ଉକ୍ତ ସଂଖ୍ୟାଲଘୁ ପ୍ରଜାତିର ପ୍ରଭାବରେ ଆଜି ସମଗ୍ର ଜୀବଜଗତ, ବିଶେଷକରି ଉଦ୍ଭିଦଜଗତ ଗଭୀର ଭାବେ ପ୍ରଭାବିତ।

ବର୍ତ୍ତମାନର ପୃଥିବୀରେ ଚିହ୍ନଟ ହୋଇଛନ୍ତି ପ୍ରାୟ ୩,୯୦,୦୦୦ରୁ ୪,୦୦,୦୦୦ ପ୍ରଜାତିର ଉଦ୍ଭିଦ। ସମ୍ଭବତଃ ଆଉ ସେତିକି ଚିହ୍ନଟ ହୋଇପାରି ନ ଥିବାର ବୈଜ୍ଞାନିକମାନେ ମନେକରନ୍ତି। ବିଶ୍ୱ ଖାଦ୍ୟ ଓ କୃଷି ସଂସ୍ଥାର ଆକଳନ ମୁତାବକ ଉଦ୍ଭିଦମାନେ ହିଁ ଆମର ୮୦ ଶତାଂଶ ଖାଦ୍ୟ ଏବଂ ୯୦ ଶତାଂଶ କ୍ୟାଲୋରି(ଶକ୍ତି) ଆବଶ୍ୟକତା ପୂରଣ କରନ୍ତି। ଏହା ବ୍ୟତୀତ ଆଲୋକ ସଂଶ୍ଲେଷଣ ଦ୍ୱାରା ସବୁଜଗୃହ ବାଷ୍ପ ଅଙ୍ଗାରକାମ୍ଳ ଶୋଷଣ ସହିତ ଆମେ ଶ୍ୱାସକ୍ରିୟାରେ ବ୍ୟବହାର କରୁଥିବା ଅମ୍ଳଜାନର ୯୮ ଶତାଂଶ ଏହିମାନେ ଉତ୍ପନ୍ନ କରନ୍ତି। ପୁନଶ୍ଚ ପ୍ରାୟ ୮୦,୦୦୦ ପ୍ରଜାତିର ଉଦ୍ଭିଦ ଔଷଧୀୟ ଗୁଣସମ୍ପନ୍ନ ହେଲା ବେଳେ ଏହା ଆମକୁ ବାସ (ଘର), ବସ୍ତ୍ର ଓ ଜୈବ ଇନ୍ଧନ ଯୋଗାଣ ଏବଂ ଉତ୍ସ୍ୱେଦନ (ଟ୍ରାନ୍ସପିରେଶନ) ମାଧ୍ୟମରେ ବାୟୁମଣ୍ଡଳର ଶୀତଳୀକରଣ ତଥା ବୃଷ୍ଟିପାତକୁ ଆବାହନ କରିବାଠାରୁ ମୃତ୍ତିକାର ମାନ ବୃଦ୍ଧି ପର୍ଯ୍ୟନ୍ତ ଅନେକ ସେବା ଯୋଗାଇଥାନ୍ତି। ଗୋଟିଏ ୫୦ରୁ ୧୦୦ ବର୍ଷ ବଞ୍ଚୁଥିବା ଗଛ ଆମକୁ ୫୦ରୁ ୭୫ ଲକ୍ଷ ଟଙ୍କାର ଏ ପ୍ରକାର ସେବା ଯୋଗାଏ ବୋଲି କୁହାଯାଏ।



ବନ ମହୋତ୍ସବ ସପ୍ତାହ ଉପଲକ୍ଷେ

ଏକ ଆକଳନ ଅନୁସାରେ ଜଣେ ବ୍ୟକ୍ତିର ଧରାପୃଷ୍ଠରେ ସୁସ୍ଥ ଜୀବନ ଧାରଣ କରିବାକୁ ହେଲେ ଲୋଡ଼ା ଅତି କମ୍‌ରେ ୧୫ରୁ ୧୭ଟି ବଡ଼ ବଡ଼ ଗଛ। ଅନ୍ୟପକ୍ଷରେ ପରିବେଶୀୟ ସନ୍ତୁଳନ ରକ୍ଷା ଲାଗି ଏହାର ଏକ ତୃତୀୟାଂଶ ଅରଣ୍ୟ ଆଚ୍ଛାଦିତ ରହିବା କଥା। ତେବେ ଜାଗତିକ ଉଷ୍ମତା ବୃଦ୍ଧିଠାରୁ ଆରମ୍ଭ କରି ବିବିଧ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ଏ ଅନୁପାତ ବଦଳିବାରେ ଲାଗିଛି। ସେଥିପାଇଁ ଏବେ ସମଗ୍ର ବିଶ୍ୱରେ ବନ ବିଧ୍ୱଂସ ନିବାରଣ, ବାଡ଼ିବାଗ୍ନିରୁ ସୁରକ୍ଷା ପ୍ରଦାନ ସଙ୍ଗେ ସଙ୍ଗେ ବନୀକରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ତେବେ ତାହା ସଫଳ ହୋଇପାରୁନାହିଁ। କାରଣ ପ୍ରଥମତଃ ନୂତନ ଭାବେ ରୋପିତ ବୃକ୍ଷଗୁଡ଼ିକ ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାର ଅଭାବ ଏବଂ ଦ୍ୱିତୀୟତଃ ଏଗୁଡ଼ିକ ବଢ଼ିସମ୍ପୂର୍ଣ୍ଣ ସେବା ଯୋଗାଇବାକ୍ଷମ ହେବା ଲାଗି ୨୫/୩୦ ବର୍ଷ ଆବଶ୍ୟକ। ଏହାବ୍ୟତୀତ ବନୀକରଣ ନାମରେ ସୃଷ୍ଟି କରାଯାଉଥିବା ଅରଣ୍ୟଗୁଡ଼ିକ ଯଥେଷ୍ଟ ଘଞ୍ଚ ନୁହନ୍ତି। ତେଣୁ ପରିବେଶ ଓ ପରିସଂସ୍ଥାକୁ ସନ୍ତୁଳିତ ରଖିବା ଲାଗି ଏଗୁଡ଼ିକ ପ୍ରାକୃତିକ ଅରଣ୍ୟର ବିକଳ୍ପ ହୋଇପାରୁନାହିଁ।

ଏପରି ସ୍ଥଳେ ଅନେକଙ୍କ ବିଚାରରେ ଏ ସମସ୍ୟାର ସମାଧାନ କରିପାରିବ ମିୟାୱାକୀ ପଦ୍ଧତି ବନୀକରଣ। ୧୯୭୦ ଦଶକରେ ଏ ପଦ୍ଧତିର ବିକାଶ ଘଟାଇଥିଲେ ଜାପାନର ଉଦ୍ଭିଦ ବିଜ୍ଞାନୀ ଡ. ଅକିରା ମିୟାୱାକୀ। ଏଥିରେ ସ୍ଥାନୀୟ ଉଦ୍ଭିଦ ପ୍ରଜାତିର ଚାରାଗୁଡ଼ିକୁ ଖୁନ୍ଦାଖୁନ୍ଦି କରି ରୋପଣ କରାଯାଏ। ଫଳରେ ସେଗୁଡ଼ିକ ସୂର୍ଯ୍ୟକିରଣ ଲାଗି ପ୍ରତିଯୋଗିତା କରିବା ଅବସରରେ ଶୀଘ୍ର ଶୀଘ୍ର ବଢ଼ନ୍ତି। ଅରଣ୍ୟଟି ପ୍ରାୟ ୩୦ଗୁଣ ଅଧିକ ଘଞ୍ଚ ଏବଂ ୧୦ ଗୁଣ ଅଧିକ ବେଗରେ ବଢ଼େ। ମିୟାୱାକୀ ଜାପାନ, ବ୍ରାଜିଲ, ଭାରତ ଓ ଦକ୍ଷିଣ ପୂର୍ବ ଏସୀୟ ଦେଶରେ ଏ ପ୍ରକାର ୧୫୦୦ ପର୍ଯ୍ୟନ୍ତ ସାନ ସାନ ଅରଣ୍ୟ ସୃଷ୍ଟି କରାଇପାରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ଜର୍ମାନୀର 'ବନ୍ ଚ୍ୟାଲେଞ୍ଜ' ନାମକ ସ୍ୱେଚ୍ଛାସେବୀ ସଂସ୍ଥା ଏହି ପଦ୍ଧତିରେ ୨୦୩୦ ସୁଦ୍ଧା ୩୫୦ ନିୟୁତ ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି ଲାଗି ୨୦୧୧ରୁ ଯୋଜନା ଆରମ୍ଭ କରିଛି। ସେହିପରି 'ଦ ୱାର୍ଲ୍ଡ ଇକୋନୋମିକ ଫୋରମ' ପୃଥିବୀରେ ଏହାର ପ୍ରସାର ଲାଗି ଆରମ୍ଭ କରିଛି 'ୱାନ୍ ଟ୍ରିଲିଅନ ଟ୍ରି ଇନିସିଏଟିଭ'।

ଏହି ପଦ୍ଧତିରେ ସୃଷ୍ଟ ଅରଣ୍ୟଗୁଡ଼ିକ ଆକାରରେ ଖୁବ୍ ସାନ ସାନ ଏବଂ ମୁଖ୍ୟତଃ ତାହା ପ୍ରତିଷ୍ଠା କରାଯାଉଛି ସହର ଓ ଜନବସତି ନିକଟରେ। ଉଦାହରଣ ସ୍ୱରୂପ ଆମ ଦେଶର ଥିରୁଭାନନ୍ତପୁରମ୍, ନୂଆଦିଲ୍ଲୀ, ହାଇଦ୍ରାବାଦ, ଚେନ୍ନାଇ, ତ୍ରିଚି, ରୋହତକ ଆଦି ସ୍ଥାନରେ ଏହା ଶହଶହ ସଂଖ୍ୟାରେ ପ୍ରତିଷ୍ଠିତ। ତନ୍ମଧ୍ୟରୁ ସର୍ବବୃହତ୍ତମଟି ରହିଛି ହାଇଦ୍ରାବାଦରେ- ଏହାର ଆୟତନ ପ୍ରାୟ ୧୦ ଏକର। ଅନ୍ୟପକ୍ଷରେ ଚେନ୍ନାଇ ନିକଟରେ ଏଥିରୁ ୧୦୦୦ଟି ପ୍ରତିଷ୍ଠା କରିବା ଲାଗି ସେଠାର ସରକାର ନିଷ୍ପତ୍ତି ନେଇଛନ୍ତି। ଏସବୁ ସ୍ଥାନୀୟ ପରିବେଶକୁ ଶୀତଳ ଓ ସମୁନ୍ନତ କରିବ ବୋଲି ଆଶା କରାଯାଏ।

ୱାଗେନିଂଗ୍‌ଜେନ୍ ବିଶ୍ୱବିଦ୍ୟାଳୟ (ନେଦରଲ୍ୟାଣ୍ଡସ)ର ଉଦ୍ଭିଦ ବିଜ୍ଞାନୀଙ୍କ ମତରେ ଏ ଅରଣ୍ୟ ସାଧାରଣ ଅରଣ୍ୟ ତୁଳନାରେ ୩୦ ଗୁଣ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରିପାରେ। ଏ ପ୍ରକାର ବନୀକରଣ ମଧ୍ୟ ବେଶ୍ ବ୍ୟୟ ବହୁଳ। ଏସବୁ ଦୃଷ୍ଟିରୁ ବିଚାରକଲେ ଏ ଅରଣ୍ୟ ପ୍ରାକୃତିକ ଅରଣ୍ୟର ବିକଳ୍ପ ନୁହେଁ। ତେବେ, କମ୍ ସମୟ ମଧ୍ୟରେ ସବୁଜ ବଳୟଟିଏ ଯୋଗାଇବା, ଅମ୍ଳଜାନ ଉତ୍ପନ୍ନ କରିବା, ପାରିପାର୍ଶ୍ୱିକ ତାପମାତ୍ରା ହ୍ରାସ କରିବା କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ। ଏଣୁ ସହରାଞ୍ଚଳ ବା ଜନବସତି ନିକଟରେ ଏହା ସ୍ଥାପନ କରିବା ସଙ୍ଗେ ସଙ୍ଗେ ପ୍ରାକୃତିକ ଅରଣ୍ୟର ପୁନରୁଦ୍ଧାର ପରିବେଶ ଓ ପରିସଂସ୍ଥା ପାଇଁ ଏକାନ୍ତ ଆବଶ୍ୟକ।

ଏଠାରେ ଉଲ୍ଲେଖଯୋଗ୍ୟ, ଆମ ଦେଶରେ ଅରଣ୍ୟ କ୍ଷୟ ଏବଂ ତା'ର ଭୟାବହ ପରିଣାମ ସମ୍ପର୍କରେ ପୂର୍ବାନୁମାନ କରିପାରିଥିଲେ ଆମ ଦେଶର ତତ୍କାଳୀନ କୃଷିମନ୍ତ୍ରୀ କେ.ଏମ୍.ମୁନ୍‌ସୀ। ତେଣୁ ବର୍ଷାଋତୁର ଆରମ୍ଭରେ ବୃକ୍ଷରୋପଣ କରିବା ଉଦ୍ଦେଶ୍ୟରେ ଜୁଲାଇ ମାସ ପ୍ରଥମ ସପ୍ତାହକୁ 'ବନ ମହୋତ୍ସବ ସପ୍ତାହ' ରୂପେ ପାଳନ କରିଥିଲେ। ଏହା ଏବେ ମଧ୍ୟ ପାଳିତ ହେଉଛି ,ତେବେ ଆନ୍ତରିକତା ଶୂନ୍ୟ ଭାବେ। ଫଳରେ ଏଠାରେ କାଗଜକଲମରେ ଅରଣ୍ୟ ବଢ଼ି ଚାଲିଲେ ବି ଘଞ୍ଚ ଜଙ୍ଗଲ ହ୍ରାସ ପାଇ ଚାଲିଛି। ବନ୍ୟ ଜୀବଜନ୍ତୁଙ୍କ ବଂଶହାନି ଘଟିଚାଲିଛି। ଏପରି ସ୍ଥଳେ ଆମେ ମିୟାୱାକୀ ଅରଣ୍ୟକୁ ଏକ ସାମୟିକ ତଥା ସୀମିତ ବିକଳ୍ପ ରୂପେ ଗ୍ରହଣ କରିବା ଏବଂ ତତ୍ ସଙ୍ଗେ ସଙ୍ଗେ ବୃହତ୍ ପ୍ରାକୃତିକ ଜଙ୍ଗଲଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେବା ଆବଶ୍ୟକ।

**ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ: ୯୯୩୭୯୮୫୭୬୭**



# ସେଲିବ୍ରେସନ

ହରେକୃଷ୍ଣ ଦାସ

ଆମ ସାମାଜିକ, ସାଂସ୍କୃତିକ ଜୀବନରେ ପାଳନ କରାଯାଉଥିବା ବିଭିନ୍ନ ଉତ୍ସବକୁ କଡ଼ା ଟକ୍କର ଦେଇ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଭବଟି ଆମକୁ ଧୀରେ ଧୀରେ ଆଚ୍ଛାଦିତ କଲା, ତାହା ହେଉଛି ବିଭିନ୍ନ 'ଡେ' ର ସେଲିବ୍ରେସନ, ଯେମିତି ଟିଚର୍ସ ଡେ, ମଦର୍ସ ଡେ, ପ୍ୟାରେଣ୍ଟ୍ସ ଡେ, ଓମେନ୍ସ ଡେ ଇତ୍ୟାଦି ତଥା ବିଭିନ୍ନ ଆନିଭର୍ସାରିର ସେଲିବ୍ରେସନ। ନିଜକୁ ଯୁଗୋପଯୋଗୀ ତଥା ଆଧୁନିକ ପ୍ରମାଣିତ କରିବା ପାଇଁ କାଳେ ଏସବୁ ସହ ଯୋଡ଼ିହୋଇ ରହିବା ନିହାତି ଆବଶ୍ୟକ। ହେଲେ ଏସବୁର ସେଲିବ୍ରେସନ ପ୍ରଣାଳୀରେ ହୃଦୟର ଆବେଗ ନ ଥାଇ ଯେମିତି ଏକ ହାସ୍ୟାସ୍ପଦ ଔପଚାରିକତା ଅନେକ ସମୟରେ ଦେଖାଯାଏ, ତାହା ହଜମ କରିହୁଏନି।

ଗୁରୁଦିବସରେ ପିଲାମାନେ ଆସି ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରିବା ଭିତରେ ଗୁରୁ ଓ ଶିଷ୍ୟଙ୍କ ଭିତରେ ଏକ ଭାବ ସ୍ଥାପନ ହେଉଥିଲା। କିନ୍ତୁ ହସ ଲାଗିଲା ଯେଉଁଦିନ ପିଲାମାନେ ଆଉ ପାଖକୁ ନ ଆସି 'ହାପି ଟିଚର୍ସ ଡେ' ଲେଖି ହ୍ୱାଟ୍‌ସଆପରେ ପଠେଇଦେଲେ। ଦୈବାତ ଦେଖାହୋଇଗଲେ ମୁଣ୍ଡିଆ ତ ଦୂରର କଥା, କେବଳ ହସି ଦେଇ 'ହାପି ଟିଚର୍ସ ଡେ' ଉଇସ କରି ଚାଲିଯାଆନ୍ତି। ତା ଅର୍ଥ, ଟିଚର୍ସ ଡେ ଟା ମୋ ଭଳିଆ 'ଗୁରୁ'ମାନଙ୍କ ପାଇଁ ଗୋଟେ ଖୁସିର ଦିନ ହେଉ, କୋଉ ଛାତ୍ରୀଛାତ୍ର ଆସି ମୁଣ୍ଡିଆ ନ ମାରନ୍ତୁ କି ଆଶୀର୍ବାଦ ନ ଲୋଡନ୍ତୁ ଚଳିବ, ସେ ଦିନ ସହ 'ଶିଷ୍ୟ'ମାନଙ୍କର କିଛି ସମ୍ପର୍କ ନାହିଁ। କିଛି ଶିକ୍ଷକ(ଗୁରୁ) ଛାତ୍ରୀଛାତ୍ରଙ୍କୁ ଧରି ପାଶ୍ଚାତ୍ତ୍ୟ ଶୈଳୀରେ କେକ୍ କାଟି ମୁହଁରେ ବୋଲି ନିଲଠା ଖୁସି ଦେଖେଇବାକୁ ଚେଷ୍ଟା କରନ୍ତି ଯଦିଓ ଏ ପର୍ବ ପାଳନରେ ଭକ୍ତି ଭାବନା ସନ୍ଦେହାତ୍ମକ। ଜଙ୍ଗଲ ମାଫିଆମାନଙ୍କ ସହ ହାତ ମିଳାଇ ଗଛ କାଟି ଲୁଟି ପ୍ରଚୁର କଳାଧନ କମେଇ ଅନେକ ଥର ସସ୍‌ପେଣ୍ଡ ହୋଇଥିବା ଫରେଷ୍ଟର ବନ୍ଧୁ ଜଣକ ମୁହଁରେ ସାମାନ୍ୟ ସଙ୍କୋଚ ଭାବ ନ ଆଣି ପରିବେଶ ଦିବସର ଶୁଭେଚ୍ଛା ଜଣାନ୍ତି, ଶୁଣିବାକୁ ଟିକିଏ ଅସୁସ୍ଥିକର ଲାଗେ। ଠିକ ସେମିତି ପାରିବାରିକ ତଥା ସାମାଜିକ ଜୀବନରେ ଅନ୍ୟ ମହିଳାମାନଙ୍କୁ ନିର୍ଯାତନା ଓ ଅପମାନ ଦେବାରେ, ଅସମ୍ମାନ ପ୍ରଦର୍ଶନ କରିବାରେ ଆଦୌ ସାଲିସ କରୁ ନ ଥିବା ଅନେକ ନାରୀ 'ହାପି ଓମେନ୍ସ ଡେ' ନାରା ଦେଇ ବିଭିନ୍ନ ଲୋକଦେଖାଣିଆ କାର୍ଯ୍ୟକ୍ରମ ଆୟୋଜନ କରି ନିଜ ଶଠତାକୁ ଲୁଚେଇବାକୁ ଚେଷ୍ଟା କରନ୍ତି।

କୌଣସି କଥାରେ ଆବେଗିକ ଭାବେ ଜଡିତ ନ ହେଇ ପାଇଟି ସାରିଲାଭଳି ଜଣକ ପାଖକୁ କେବଳ 'ଉଇସ୍'ଟେ ପଠେଇଦେବା କାମଟି ବର୍ତ୍ତମାନ ବିଭିନ୍ନ 'ଡେ' ସେଲିବ୍ରେସନର ମୂଳମନ୍ତ୍ର। କେହି କାହା ସାଙ୍ଗରେ ଶାରୀରିକ ଉପସ୍ଥିତି ସହ ଖୁସି ନ ମନେଇ, ଠାକୁରଙ୍କୁ ପ୍ରାର୍ଥନା ନ କରି 'ହାପି ରଜ', 'ହାପି ରଥଯାତ୍ରା', 'ହାପି ଗଣେଶ ପୂଜା' ଇତ୍ୟାଦି ଲେଖିଦେଲେ କୋଉ ଖୁସି ବଢ଼ିଯାଏ କି ଭକ୍ତି ବିଗଳିତ ହେଇଯାଏ ଠିକ୍ ବୁଝାପଡ଼େନି।



ସେଦିନ ସନ୍ଧ୍ୟାରେ ରାଓ ମଉସାଙ୍କ ଘରେ ଚା ପିଇ ଗପସପ ହେବା ଭିତରେ ମାଉସୀ ହସହସ ମୁହଁରେ ଆସି କିଛି ଜିନିଷ ଦେଖେଇ କହିଲେ, ''ଜାଣିଲ ପୁଅ, ଆମ ପିଲାମାନେ ସିନା ଦୂରରେ ରହୁଛନ୍ତି, ହେଲେ ଆମ ମ୍ୟାରେଜ ଆନିଭର୍ସାରି, ମଦର୍ସ ଡେ, ଫାଦର୍ସ ଡେ ଇତ୍ୟାଦି କେବେ ଭୁଲନ୍ତିନି। ଆମର ବହୁତ ଖିଆଲ ରଖନ୍ତି। ହେଇଟି ଆମ ଆନିଭର୍ସାରି ଉପଲକ୍ଷେ ବଡ଼ ପୁଅ ତୁମ ମଉସାଙ୍କ ପାଇଁ ଏ ବ୍ରେସଲେଟ ପଠେଇଥିଲା। ମଦର୍ସ ଡେ ଉପଲକ୍ଷେ ସାନ ପୁଅ ମୋ ପାଇଁ ଏ ପାଟଶାଢ଼ି ପଠେଇଛି। କେଡେ ସୁନ୍ଦର ମେସେଜଟେ ବି ହ୍ୱାଟ୍‌ସଆପରେ ପଠେଇଛି, ହେଇ ଦେଖୁନ।'' ମାଉସୀ ନିଜ ପିଲାମାନଙ୍କର ଭକ୍ତି, ଅନୁରକ୍ତି ତଥା ମାଆବାପାଙ୍କ ପ୍ରତି ଯତ୍ନଶୀଳତାର ଦେଖାଣିଆ ବୟାନବାଜି କରୁଥିବା ବେଳେ ମଉସା ଯେମିତି ଲାଜରେ ଝାଉଁଳି ପଡୁଥିଲେ। ତାଙ୍କର ଏ ଅବସ୍ଥା ଦେଖି ମାଉସୀଙ୍କ କଥା ଉପରେ ମୁଁ କିଛି ମନ୍ତବ୍ୟ ଦେଇପାରିଲିନି, ଯଦିଓ ତାଙ୍କୁ ମୁହେଁ ମୁହେଁ ଦି' ପଦ ଶୁଣେଇଦେବାକୁ ଇଚ୍ଛା ହଉଥିଲା। ମାଉସୀ ଯିବା ପରେ ମୋ ମୁହଁର ଭାବ ପଢ଼ିପାରିଥିବା ରାଓ ମଉସା ଦୀର୍ଘଶ୍ୱାସ ଛାଡ଼ି ମୋ ପିଠି ଆଉଁସି ଦେଇ କହିଲେ, 'ମାଉସୀ କଥାଟା ଧରନି ପୁଅ। ସତ କ'ଣ, ସେ କଥା ତମେ ଜାଣିଛ ବୋଲି ତମ ମାଉସୀ ଜାଣେନି। ମରମ ପୋଡ଼ିଯାଉଥିଲେ ବି ବାହାରକୁ ଖୁସି ଥିବାର ଛଳନା କରୁଛି। ଯେଉଁ ପିଲାମାନଙ୍କର ଦୌରାତ୍ମ୍ୟକୁ ଦାନ୍ତ ଚିପି ସହି ସହି ସାରା ଜୀବନ ଡରି ଡରି ଏମିତି ବଞ୍ଚୁଛୁ ଯେ ତାଙ୍କ ସହ କଥା ହେବାକୁ ବି ଭୟ ଲାଗୁଛି କାଳେ କେତେବେଳେ ପାନରୁ ଚୂନ ଖସିଗଲେ ପ୍ରଳୟ କରିଦେବେ; ସେମାନେ ପଠଉଥିବା ମେସେଜ ଓ ଗିଫ୍ଟ ଆମକୁ ଉପହାସ ଭଳି ଲାଗିଲେ ବି ତାକୁ ଆମେ ସହାସ୍ୟ ବଦନରେ ସୁନ୍ଦର ଉପହାର ବୋଲି ଦେଖେଇ ହେବାକୁ ବାଧ୍ୟ। ନିଜର ଦୁଃଖ, ଅସହାୟତା ଲୁଚାଇରଖି କେବଳ ତୁମ ସାମ୍ନାରେ ନୁହଁ, ହ୍ୱାଟ୍‌ସଆପ ଫେସ୍‌ବୁକରେ ମଧ୍ୟ ତମ ମାଉସୀ ମିଛ ଖୁସିର ସେଲିବ୍ରେସନ କରୁଛି। ଚୋର ମାଆ କ'ଣ ଲୋକଙ୍କୁ ଦେଖେଇ କାନ୍ଦିପାରେ କି ପୁଅ ? ଏମିତି ବିଭିନ୍ନ ଡେ ପାଳନ କରି ପିଲାମାନେ ଗୁଡ଼ାଏ ଛଳନାର ସେଲିବ୍ରେସନ କରୁଛନ୍ତି, ଆଉ ଆମେ ବି ସେ ଛଳନାରେ ସାମିଲ ହେବାକୁ ବାଧ।' ମାଉସୀଙ୍କ କଥା ଶୁଣି ତାଙ୍କୁ ବିଦ୍ରୁପ କରିବାକୁ ଇଚ୍ଛା ହେଉଥିଲେ ବି ମଉସାଙ୍କ ଅସହାୟତା ଦେଖି ଖୁବ୍ ଦୁଃଖ ଲାଗିଲା। ପରିସ୍ଥିତି ହାଲୁକା କରିବାକୁ ଯାଇ କହିଲି, 'ସେ କଥା ଛାଡ଼ନ୍ତୁ ମଉସା। ହଁ, କାଲି ଏଇ ପାଖ ଜଗନ୍ନାଥ ମନ୍ଦିରର କର୍ମକର୍ତ୍ତା ବନ୍ଧୁମାନେ ଆମକୁ ଡାକିଛନ୍ତି। ଆପଣ ଦି' ଜଣ ବି ପ୍ରସ୍ତୁତ ଥିବେ। ସକାଳ ନଅଟା ବେଳେ ଯିବା।' ମୁଁ ଘରେ ପହଞ୍ଚିବା ମାତ୍ରେ ଝିଅ ଆସି ଖୁସି ହୋଇ କହିଲା, ''ଜାଣିଛ ପାପା, କାଲି ରଥଯାତ୍ରା ପାଇଁ ମୋ ସାଙ୍ଗମାନେ 'ହାପି ରଥଯାତ୍ରା ଇନ୍ ଆଡଭାନ୍ସ' ମେସେଜ ପଠେଇଛନ୍ତି। ମୁଁ କ'ଣ ଲେଖି ପଠେଇବି ଜଲ୍‌ଦି କୁହ।'' ଟିକିଏ ହସିଦେଇ କହିଲି, ଲେଖିଦେ, 'ପ୍ରଭୁ ଜଗନ୍ନାଥ ସମସ୍ତଙ୍କର କଲ୍ୟାଣ କରନ୍ତୁ।'

**ଅଧ୍ୟାପକ, ନିଆଳି କଲେଜ, କଟକ**
**ମୋ:୯୮୬୧୩୪୫୬୫୮**

## ଏଇ ଭାରତରେ

ଧର୍ମ ଅପେକ୍ଷା ମାନବିକତା ଅଧିକ ଗୁରୁତ୍ୱପୂର୍ଣ୍ଣ। ବିହାର ରାଜାବଜାରର ସାବନପୁରାରେ ଏକ ମୁସଲମାନ ପରିବାର ମାନବିକତାର ପରିଚୟ ଦେବା ସହ ଭାଇଚାରା ଏବଂ ସୌହାର୍ଦ୍ଦ୍ୟର ଉଦାହରଣ ସୃଷ୍ଟି କରିଛି। ପରିବାରର ସଦସ୍ୟମାନେ ରାମଦେବ ଶାହା ନାମକ ଜଣେ ହିନ୍ଦୁ ବୃଦ୍ଧଙ୍କ କୋକେଇକୁ କାନ୍ଧେଇ ନେଇ ଶେଷ ରୀତିନୀତି ସମ୍ପନ୍ନ କରିଛନ୍ତି। ରାମଦେବ ୨୫ ବର୍ଷ ପୂର୍ବେ ସାବନପୁରାରେ ଅରମାନ ନାମକ ଜଣେ ମୁସଲମାନଙ୍କ ଦୋକାନରେ ଆସି ପହଞ୍ଚିଥିଲେ। ତାଙ୍କ ଅବସ୍ଥା ଅତ୍ୟନ୍ତ ଖରାପ ଥିଲା। ରାମଦେବଙ୍କ ପରିବାରରେ କେହି ନ ଥିଲେ। ଅରମାନ ଦୟା ଦେଖାଇ ତାଙ୍କୁ ନିଜ ଦୋକାନରେ କାମ କରିବା ପାଇଁ ରଖିଥିଲେ। ସେ ପାଠପଢ଼ିଥିବାରୁ ଦୋକାନର ହିସାବ ରଖିବା କାମ କରୁଥିଲେ। ସେବେଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାମଦେବ ଅରମାନଙ୍କ ପରିବାର ସଦସ୍ୟ ଭଳି ରହିଆସୁଥିଲେ। ଗତ ଶୁକ୍ରବାର ୭୫ ବର୍ଷୀୟ ରାମଦେବଙ୍କ ଦେହାନ୍ତ ଘଟିଲା। ଅରମାନଙ୍କ ପରିବାର ଏବଂ ଆଖପାଖର ମୁସଲମାନ ସମ୍ପ୍ରଦାୟର ଲୋକେ ସହଯୋଗକରି ରାମଦେବଙ୍କ ଅନ୍ତିମ ସଂସ୍କାର ପାଇଁ ଅଣ୍ଟା ଭିଡ଼ିଥିଲେ। ସେମାନେ ରାମଦେବଙ୍କ ମୃତଦେହକୁ କାନ୍ଧେଇ ଶ୍ମଶାନକୁ ନେଇଥିଲେ। ପରେ ହିନ୍ଦୁ ରୀତିନୀତି ଅନୁଯାୟୀ ଅନ୍ତିମ ସଂସ୍କାର କରାଯାଇଥିଲା। ରାମଦେବଙ୍କ ମୃତ୍ୟୁରେ ଅରମାନଙ୍କ ପରିବାର ଦୁଃଖରେ ଭାଙ୍ଗି ପଡ଼ିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ଜୁଲାଇ ୧୯୯୭

- ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ତଥ୍ୟାନୁସନ୍ଧାନକାରୀ 'ପାଥ୍‌ଫାଇଣ୍ଡର' ମହାକାଶ ଯାନର ମଙ୍ଗଳ ଗ୍ରହରେ ଅବତରଣ।
- ଶ୍ରୀଲଙ୍କାର କୁଚିଭୋଲି ଉପକୂଳରେ ତାମିଲ ଗେରିଲାମାନଙ୍କ ଦ୍ୱାରା ଅପହୃତ ୬୦ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୧୦ଙ୍କୁ ହତ୍ୟା।
- ବୟୋଜ୍ୟେଷ୍ଠ ସାମ୍ବାଦିକ ମିହିର ଆଚାର୍ଯ୍ୟଙ୍କ ୬୪ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଖାଦ୍ୟ ଅପଚୟ ରୋକାଯାଉ

ମହାଶୟ,

ଅନ୍ନଦାନ ମହାପୁଣ୍ୟ। ଶାସ୍ତ୍ରାନୁମତେ ପଞ୍ଚଯଜ୍ଞ ମଧ୍ୟରୁ ଅନ୍ନ ଦାନ ଅନ୍ନଯଜ୍ଞ ନାମରେ ଅଭିହିତ। ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ହୁ ହୁ ହୋଇ ବୃଦ୍ଧି ଘଟୁଛି। ସେହି ତୁଳନାରେ ଖାଦ୍ୟ ଉତ୍ପାଦନ ଯଥେଷ୍ଟ ପରିମାଣରେ ହେଉନାହିଁ। ଅନେକ ଲୋକ ବିଭିନ୍ନ କାରଣରୁ ଅନାହାରରେ ଦିନ କାଟୁଥିବାର ଖବର ମିଳେ। ଅନ୍ୟପକ୍ଷରେ ଥିଲାବାଲା ଲୋକେ ସେମାନଙ୍କର ବିବାହ ଓ ବ୍ରତ ଉତ୍ସବମାନଙ୍କରେ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତି ପୂର୍ବକ ନିମନ୍ତ୍ରିତ ଅତିଥିମାନଙ୍କୁ ଭୋଜନ ଦେଇ ଆପ୍ୟାୟିତ କରୁଛନ୍ତି। ସ୍ଥଳ ବିଶେଷରେ ବଳକା ଖାଦ୍ୟକୁ ନାଳନର୍ଦ୍ଦମା ଓ ଖୋଲା ସ୍ଥାନରେ ଫିଙ୍ଗି ଦେଉଛନ୍ତି। ଏହାଛଡ଼ା ଅସ୍ଥାୟୀ ଭୋଜନ ମଣ୍ଡପଗୁଡ଼ିକୁ ଭାଙ୍ଗିଦେଲା ପରେ ଉଚ୍ଛିଷ୍ଟଗୁଡ଼ିକ ଏଣେତେଣେ ପଡ଼ିରହୁଛି। ପ୍ରଥମେ ତ ଖାଦ୍ୟ ଅପଚୟ ଘଟୁଛି, ଦ୍ୱିତୀୟରେ ଖରାବର୍ଷା ଫଳରେ ଉଚ୍ଛିଷ୍ଟଗୁଡ଼ିକ ପଚିଶଢ଼ି ଯିବା ଫଳରେ ଦୁର୍ଗନ୍ଧ ହୋଇ ପରିବେଶ ଉପରେ କୁପ୍ରଭାବ ପକାଉଛି। ସାଧାରଣତଃ ଅନ୍ନକୁ ଲକ୍ଷ୍ମୀମା'ଙ୍କ ଭଳି ସମ୍ମାନ ଆମ୍ଭେମାନେ ଦେଇଥାଉ। ତେବେ ଖାଦ୍ୟକୁ ଫୋପଡ଼ାଫିଙ୍ଗା କରିବା ଦ୍ୱାରା ଆମେ ମହାଲକ୍ଷ୍ମୀଙ୍କୁ ଅବମାନନା କରୁଛୁ ନିଶ୍ଚିତ। ଧର୍ମଧାରଣାନୁଯାୟୀ ଏହା ଅପରାଧ । ବରଂ ବଳକା ଖାଦ୍ୟକୁ ଏପରି ଭାବେ ନଷ୍ଟ ନ କରି, ତାହା ଭୋକିଲାମାନଙ୍କ ମଧ୍ୟରେ ବିତରଣ କରିବା ଉଚିତ । ଫଳରେ ଆମେ ପରିବେଶ ପ୍ରଦୂଷଣ ରୋକିବା ସହ ଅନ୍ନଦାନର ପୁଣ୍ୟ ଅର୍ଜନ କରିପାରିବା।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଏ ଦେହି ମୋର ସାଜଇଁ ବସି
ତୁମରି ପ୍ରେମ ଲାଗି ଯେ
ନିଜକୁ ମୁଁ ଯେ କରଇଁ ପ୍ରେମ
ତୁମରି ଅନୁରାଗୀ ହେ।

-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ବଳକା ରାଜ୍ୟରେ ଘରୋଇ ଉପଭୋକ୍ତା ଶୋଷିତ'

## ମୁଲତବୀ ଆଲୋଚନା

- ସରକାରଙ୍କ ସମର୍ଥନରେ ଘରୋଇ କମ୍ପାନୀ କରୁଛି ବିଦ୍ୟୁତ୍ କାଟ୍: ଭାଜପା
- ସବୁ ଜାଗାରେ ବିଦ୍ୟୁତ୍ କାଟ୍ ହେଉଛି: କଂଗ୍ରେସ
- ୨୧ ବର୍ଷରେ ଉପଭୋକ୍ତା ସଂଖ୍ୟା ୧୬ରୁ ୯୪ ଲକ୍ଷରେ ପହଞ୍ଚିଛି, ୫ ବର୍ଷରେ ବିଦ୍ୟୁତ୍ ବିକାଶ ପାଇଁ ଖର୍ଚ୍ଚ ହେବ ୮ ହଜାର କୋଟି: ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର,୪।୭(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ବିଭ୍ରାଟ ଓ ଘରୋଇକରଣକୁ ନେଇ ସରକାରଙ୍କ ଉପରେ ବିରୋଧୀ ବର୍ଷିଛନ୍ତି। ରାଜ୍ୟରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇଛି। ଗାଁ ଗଣ୍ଡାରେ ଘନ ଘନ ବିଦ୍ୟୁତ୍ କାଟ୍ ହେଉଛି। ସରକାର ଘରୋଇ କମ୍ପାନୀ ହାତରେ ବିଦ୍ୟୁତ୍ ଦେଇ ଉପଭୋକ୍ତାଙ୍କୁ ଲୁଟିବାକୁ ଛାଡ଼ିଦେଇଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଗ୍ରାହକ ବେଶି ଶୋଷଣର ଶିକାର ହେଉଛନ୍ତି । ବିଦ୍ୟୁତ୍ ବଳକା ରାଜ୍ୟରେ ଉପଭୋକ୍ତା ବିଜୁଳି ସଙ୍କଟରେ ଘାଣ୍ଟି ହେଉଛନ୍ତି। ବାରମ୍ବାର ବିଦ୍ୟୁତ୍ କାଟ ଓ ଘରୋଇ କମ୍ପାନୀ ଜୁଲମରେ ନୟାନ୍ତ ହେଲେଣି ଉପଭୋକ୍ତା। ଘରୋଇ କମ୍ପାନୀ ବିଦ୍ୟୁତ୍ ବିଲ୍ ଆଦାୟରେ ମାତିଛି। ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ପ୍ରହେଳିକା ପାଲଟିଛି। 'ବିଦ୍ୟୁତ ସଂସ୍କାର ଆଳରେ ଉପଭୋକ୍ତାଙ୍କୁ ମହଙ୍ଗା ମାଡ଼, ଘନ ଘନ ବିଦ୍ୟୁତ୍ କାଟ୍ ଏବଂ ଲୋ-ଭୋଲ୍ଟେଜ୍ ସମସ୍ୟା ତୁଲିକି ଗଲାଣି, ପିଲାଙ୍କ ପାଠ' ଶୀର୍ଷକ ମୁଲତବୀ ଆଣି ବିରୋଧୀ ସରକାରଙ୍କୁ ଜୋର୍‌ଦାର ଆକ୍ରମଣ କରିଛନ୍ତି। ମୁଲତବୀ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଲେ, ସାରା ଓଡ଼ିଶାରେ ବିଦ୍ୟୁତ୍ ସଙ୍କଟ ଦେଖାଦେଇଛି। ସରକାରଙ୍କ ସମର୍ଥନରେ ଘରୋଇ କମ୍ପାନୀ ବିଦ୍ୟୁତ୍ କାଟ୍ କରୁଛି। ରାଜ୍ୟ ସରକାର ଗତ ୨୨ ବର୍ଷରେ ବିଦ୍ୟୁତ୍ ଅପ୍‌ଗ୍ରେଡ୍ ପାଇଁ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେ ଟଙ୍କା ଗଲା କୁଆଡ଼େ। ତଦନ୍ତ କରି ଗୃହକୁ ଜଣାଇବା ଦରକାର।

ଦେଶର ୮ଟି ରାଜ୍ୟରେ ବିଦ୍ୟୁତ୍ ଦାମ୍ କମ୍ ରହିଛି। ଓଡ଼ିଶା ଏକ ବଳକା ରାଜ୍ୟ ହୋଇ ମଧ୍ୟ ଉପଭୋକ୍ତାଙ୍କୁ ଅଧିକ ଟଙ୍କା ଦେବାକୁ ପଡୁଛି। ଜାତୀୟ ହାର ୟୁନିଟ୍ ପିଛା ୫ ଟଙ୍କା ୧୧ ପଇସା ରହିଥିବା ବେଳେ ଓଡ଼ିଶାରେ ୫ ଟଙ୍କା ୨୨ ପଇସା ରହିଛି। ରାଜ୍ୟ ସରକାର ସବୁବେଳେ କହିଆସୁଛନ୍ତି ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। ଘରୋଇ କମ୍ପାନୀ କେବଳ ବିଲ୍ ଆଦାୟ କରିବାରେ ବ୍ୟସ୍ତ। ଗତ ୨୧ ବର୍ଷରେ ୧୩୫ ପ୍ରତିଶତ ବିଦ୍ୟୁତ୍ ଶୁଳ୍କ ବଢ଼ିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧୧୧%, ଶିଳ୍ପକ୍ଷେତ୍ରରେ ୧୦୫.୫୬% ବଢ଼ିଛି। ୨୦୦୦ରେ ୫୦ ୟୁନିଟ୍ ଯାଏ ୨ ଟଙ୍କା ୫୦ ପଇସା ଥିବା ବେଳେ ୪୦୦ ୟୁନିଟ୍ ପର୍ଯ୍ୟନ୍ତ ୨ ଟଙ୍କା ୮୦ ପଇସା ଥିଲା। ଏବେ ଏହା ଯଥାକ୍ରମେ ୩ ଓ ୬ ଟଙ୍କାକୁ ବୃଦ୍ଧି ପାଇଛି। ଗାଁ ଗଣ୍ଡାରେ ଅଘୋଷିତ ବିଦ୍ୟୁତ୍ କାଟ୍ ହେଉଛି। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଲେ, ରାଜ୍ୟ ସରକାର ବିଦ୍ୟୁତ୍‌ର ସୁଧାର ପାଇଁ ୨୦ ହଜାର କୋଟି ଦେଇଥିଲେ ସତ, ହେଲେ ସେଥିରେ କିଛି ସୁଧାର ହେଲାନାହିଁ। ୨୪ ଘଣ୍ଟା ବିଜୁଳି କାଟ୍ ହେଉଛି। ଭାଜପା ସଭ୍ୟ ସନାତନ ବିଜୁଳି କହିଲେ, ବିଦ୍ୟୁତ୍ କ୍ଷେତ୍ରରେ ସବୁଠାରୁ ବଡ଼ ଦୁର୍ନୀତି ହେଉଛି। କଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି ଯେ, ସବୁ ଜାଗାରେ ବିଦ୍ୟୁତ୍ କାଟ୍ ହେଉଛି। ରାଜ୍ୟ ସରକାର ପ୍ରତିବର୍ଷ ୫% ବୈଷୟିକ କ୍ଷତି କମିବ ବୋଲି କହୁଥିଲେ। ତାହା ମଧ୍ୟ ହେଲାନାହିଁ। ଦିଲ୍ଲୀରେ ୨୦୦ ୟୁନିଟ୍ ଯାଏ ମାଗଣା ବିଦ୍ୟୁତ୍ ଦିଆଯାଉଛି। ପଞ୍ଜାବରେ ଏପ୍ରିଲ ପହିଲାରୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଦିଆଯାଉଛି। ଛତିଶଗଡ଼ରେ ୧୦୦ ୟୁନିଟ୍ ଯାଏ ୟୁନିଟ୍ ପିଛା ୭୦ ପଇସା ଥିବା ବେଳେ ଓଡ଼ିଶାରେ ୩ ଟଙ୍କା। ଓଡ଼ିଶାରେ କ'ଣ ଦିଲ୍ଲୀ, ପଞ୍ଜାବଠାରୁ ଅଧିକ ଧନୀ ଲୋକ ରହୁଛନ୍ତି। ଏଇଏସ୍ ପରେ ରିଲାଏନ୍ସ ଆଉ ଏବେ ଟାଟା କମ୍ପାନୀକୁ ବିଦ୍ୟୁତ ବଣ୍ଟନ ଦାୟିତ୍ୱ ଦେଇଛି। ଟାଟା ଜବରଦସ୍ତ ବିଲ୍ ଆଦାୟ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। କଂଗ୍ରେସ ସଭ୍ୟ ଅଧିରାଜ ପାଣିଗ୍ରାହୀ ରାଜ୍ୟରେ ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଧ୍ୟାନ ଆକର୍ଷଣକାରୀ ନୋଟିସ ଦେଇ ବିଜେଡି ସଭ୍ୟ ଉମାକାନ୍ତ ସାମନ୍ତରାୟ, ସୁଧିର ସାମଲ, ଧ୍ରୁବଚରଣ ସାହୁ ଏବଂ ଦେବୀପ୍ରସନ୍ନ ତ୍ରିପାଠୀ ପ୍ରମୁଖ ଗତ ୨୧ ବର୍ଷରେ ହୋଇଥିବା ବିଦ୍ୟୁତ୍ ସଂସ୍କାର ସମ୍ପର୍କରେ ସୂଚନା ଦେଇଥିଲେ। ୨୦୦୦ ମସିହାରେ ବିଦ୍ୟୁତ୍ ଅବସ୍ଥା କ'ଣ ଥିଲା ଓ ଏବେ କ'ଣ ଅଛି ସେ ନେଇ ସୂଚନା ଦେବା ସହ ବିରୋଧୀଙ୍କ ଦ୍ୱାରା ଆଗତ ମୁଲତବୀକୁ ବିରୋଧ କରିଥିଲେ। ବିରୋଧୀଙ୍କ ଜବାବ ଦେଇ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, ୨୦୦୦ ମସିହାରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିଲେ। ଏବେ ସେହି ସଂଖ୍ୟା ୯୪ ଲକ୍ଷରେ ପହଞ୍ଚିଲାଣି। ସେତେବେଳେ ପିକ୍ ଆୱାରରେ ୧୬୮୦ ମେଗାୱାଟ୍ ଥିବା ବେଳେ ତାହା ଏବେ ୪୮୦୦ ମେଗାୱାଟ୍‌ରେ ପହଞ୍ଚିଛି। ସେହିପରି ୨୦୦୦ରେ ରାଜ୍ୟରେ ୮୨୪୦ ବିଦ୍ୟୁତ୍ ଲାଇନ ଥିବା ବେଳେ ଏବେ ୧୫,୭୮୬ କିଲୋମିଟରରେ ପହଞ୍ଚିଛି। ସେହିପରି ସେ ସମୟରେ ୫୮ଟି ଗ୍ରୀଡ୍ ଥିବା ବେଳେ ତାହା ଏବେ ୧୭୮ରେ, ବଡ଼ ଟ୍ରାନ୍ସଫର୍ମର ୪୨୩୫ ଥିବା ବେଳେ ଏବେ ୨୪,୨୨୦ ଏବଂ ଗ୍ରାମାଞ୍ଚଳ ସବ୍‌ଷ୍ଟେଶନ ସେ ସମୟରେ ୪୦,୧୦୦ ଥିବା ବେଳେ ଏବେ ୨.୫ ଲକ୍ଷରେ ପହଞ୍ଚିଛି। ରାଜ୍ୟରେ ବୈଷୟିକ ଓ ପରିବହନଜନିତ କ୍ଷତି ୫୭% ଥିବା ବେଳେ ଏବେ ତାହା ୨୫ ପ୍ରତିଶତରେ ରହିଛି। ଯଦି ବିଦ୍ୟୁତ୍ କ୍ଷେତ୍ରରେ କୌଣସି କାମ ହୋଇନି ତେବେ ଏତେସବୁ ହେଲା କେମିତି ବୋଲି ମନ୍ତ୍ରୀ ବିରୋଧୀଙ୍କୁ ପାଲଟା ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଏକ ଖବରକାଗଜର ଅସତ୍ୟ ଖବରକୁ ନେଇ ବିରୋଧୀ ମୁଲତବୀ ପ୍ରସ୍ତାବ ଆଣିଛନ୍ତି। ସେଥିରେ କୌଣସି ସତ୍ୟତା ନାହିଁ। ରାଜ୍ୟରେ ବିଦ୍ୟୁତ୍ ସଂସ୍କାର କରିବାକୁ ଏଇଏସ୍ କମ୍ପାନୀକୁ ଅଣାଯାଇଥିଲା। ସେ କିଛି ନ କରିବାରୁ ତାକୁ ବିଦା କରିବାକୁ ସରକାର କୋର୍ଟକୁ ଗଲେ। ସେହିପରି ରିଲାଏନ୍ସ ଏନର୍ଜିକୁ ୨୦୧୫ରୁ ବିଦା କରିଦିଆଯାଇଛି। ରାଜ୍ୟରେ କିଛିବର୍ଷ ତଳେ ବିଦ୍ୟୁତ୍ ଅଭାବ ରହିଥିଲା। ଏବେ କିନ୍ତୁ ଓଡ଼ିଶା ବଳକା ରାଜ୍ୟରେ ପରିଣତ ହୋଇପାରିଛି। କମ୍ ବର୍ଷା ହେଲେ ଜଳବିଦ୍ୟୁତ୍ ଉତ୍ପାଦନ କମ୍ ହୋଇଥାଏ। ସାମୟିକ ଭାବେ ବିଦ୍ୟୁତ୍ ସମସ୍ୟା ଦେଖାଦେଇଥାଏ। ସେହିପରି ବଏଲ୍‌ର ଟ୍ୟୁବ୍ ଲିକେଜ୍ ହେଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହୋଇଥାଏ। ଏପ୍ରିଲ ୨୫ ତାରିଖରୁ ରାଜ୍ୟରେ କୌଣସି ବିଦ୍ୟୁତ୍ କାଟ୍ ହୋଇନାହିଁ। ବିଦ୍ୟୁତ୍ କାଟ୍ ନ କରିବାକୁ ସରକାର ବଣ୍ଟନ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ପିଲାମାନଙ୍କ ପାଠପଢ଼ାରେ କୌଣସି ଅସୁବିଧା ହୋଇ ନାହିଁ। ରାଜ୍ୟରେ ନିଅଣ୍ଟିଆ ବିଦ୍ୟୁତ୍ ଭରଣା ପାଇଁ ରାଜ୍ୟ ସରକାର ୧୨ରୁ ୧୬ ଟଙ୍କା ମଧ୍ୟରେ ବିଦ୍ୟୁତ୍ କିଣି ଉପଭୋକ୍ତାଙ୍କୁ ୩ ଟଙ୍କା ୧୨ ପଇସାରେ ଯୋଗାଇ ଦେଉଛନ୍ତି। ଏବେ ବିଦ୍ୟୁତ୍ ସଂସ୍କାର କାର୍ଯ୍ୟ ଟାଟା ପାୱାରକୁ ଦିଆଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ଓ କମ୍ପାନୀ ମିଶି ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ୮ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରିଛନ୍ତି । କେନ୍ଦ୍ର ସରକାର ସବ୍‌ସିଡି ଦେଉ ନ ଥିବାରୁ ମାଗଣାରେ ବିଦ୍ୟୁତ୍ ଯୋଗାଇ ଦିଆଯାଉନାହିଁ। ମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଭାଜପା ସଭ୍ୟମାନେ ବିଧାନସଭା କକ୍ଷ ତ୍ୟାଗ କରି ବାହାରକୁ ଚାଲିଯାଇଥିଲେ।

# ଓବିସି ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଦାବିକରି ଭାଜପାର ଆନ୍ଦୋଳନ



ଭାଜପା ପକ୍ଷରୁ ଆନ୍ଦୋଳନ କରାଯାଉଛି।

## ଧାରଣାସ୍ଥଳରେ ପହଞ୍ଚି ବିଧାନସଭାରେ ପ୍ରସଙ୍ଗ ଉଠାଇବେ କହିଲେ ବିଧାୟକ

ଭୁବନେଶ୍ୱର,୪।୭(ବ୍ୟୁରୋ)

କେନ୍ଦ୍ର ଏବଂ କେତେଗୁଡ଼ିଏ ରାଜ୍ୟ ସରକାର ଦେଶରେ ୫୪ ପ୍ରତିଶତ ଓବିସି ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ଆଡ୍‌ମିଶନ ପାଇଁ ସଂରକ୍ଷଣ ପ୍ରଦାନ କରିଛନ୍ତି। ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଓବିସି ବର୍ଗ ଛାତ୍ରୀଛାତ୍ରମାନେ ଶିକ୍ଷାରେ ସଂରକ୍ଷଣ ପାଇବାକୁ ହକ୍‌ଦାର । ମେଡିକାଲ, ଡେଣ୍ଟାଲ, ସୈନିକ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ନବୋଦୟ ବିଦ୍ୟାଳୟଗୁଡିକରେ ଓବିସି ବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ କେନ୍ଦ୍ର ସରକାର ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରାଇଲେ। ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟଗୁଡ଼ିକ ନିଜ ରାଜ୍ୟରେ ଓବିସି ବର୍ଗଙ୍କ ଉତ୍‌ଥାନ ପାଇଁ ସଂରକ୍ଷଣର ପ୍ରାବଧାନ କରିଛନ୍ତି। ଏପରିକି କର୍ଣାଟକ ସରକାର ତାଙ୍କ ରାଜ୍ୟରେ ଓବିସିଙ୍କ ପାଇଁ ୩୨ ପ୍ରତିଶତ ସଂରକ୍ଷଣର ପ୍ରାବଧାନ କରିଛନ୍ତି । ମାତ୍ର ଓଡ଼ିଶାରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରା ନ ଯିବାରୁ ଓବିସି ବର୍ଗ ଛାତ୍ରୀଛାତ୍ରମାନେ ଉଚ୍ଚ ଶିକ୍ଷା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଶିକ୍ଷା କ୍ଷେତ୍ରରେ ଆଡ୍‌ମିଶନ ପାଇଁ ଓବିସି ବର୍ଗଙ୍କୁ ରାଜ୍ୟ ସରକାର ସଂରକ୍ଷଣ ନ ଦେବା ପର୍ଯ୍ୟନ୍ତ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ତରଫରୁ ଆନ୍ଦୋଳନ କରାଯିବ ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି । ଓବିସି ବର୍ଗଙ୍କ ସାମ୍ବିଧାନିକ ହକ୍ ପାଇଁ ଏହି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବା ସହ ଆଗାମୀ ଦିନରେ ରାଜ୍ୟର ପ୍ରତି ଜିଲାରେ ଆନ୍ଦୋଳନ ଏବଂ ଧାରଣା ପ୍ରଦର୍ଶନ କରାଯିବ ବୋଲି ସୁରଥ କହିଛନ୍ତି। ଧାରଣାସ୍ଥଳକୁ ଭାଜପାର କେତେଜଣ ବିଧାୟକ ଯାଇ ଏ ସମ୍ପର୍କରେ ଆନ୍ଦୋଳନକାରୀଙ୍କ ସଙ୍ଗେ ଆଲୋଚନା କରିବା ସହ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ସେ କହିଛନ୍ତି ।

# ସମବାୟ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି: ଭାଜପା

ଭୁବନେଶ୍ୱର,୪।୭(ବ୍ୟୁରୋ): ରାଜ୍ୟରେ ଚାଲିଥିବା ସମବାୟ ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ଆଇନ ଉଲ୍ଲଂଘନ କରିଛନ୍ତି। ସମବାୟ ନିର୍ବାଚନ ଆରମ୍ଭରୁ ହିଁ ଶାସକ ଦଳ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି କରିଥିବା ଭାଜପା ଅଭିଯୋଗ କରିଛି। ଦଳ ପକ୍ଷରୁ କୁହାଯାଇଛି ନୂଆ ଭୋଟରଙ୍କୁ ଗ୍ରହଣ ନ କରିବା, ସମବାୟ ବିଭାଗ ପରିବର୍ତ୍ତେ ପଞ୍ଚାୟତିରାଜ ବିଭାଗ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା, ଦଳୀୟ ଭିତିରେ ମନ୍ତ୍ରୀ, ବିଧାୟକଙ୍କ ଦ୍ୱାରା ଜିଲାୱାରି ଦାୟିତ୍ୱ ବାଣ୍ଟିବା ଆଦି ଅନେକ ଅନିୟମିତ କାର୍ଯ୍ୟର ଆଶ୍ରୟ ନେଇଥିବା ଅଭିଯୋଗ ନେଇ ଭାଜପା ସୋମବାର ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ରବିବାର ଖୋର୍ଦ୍ଧା ଜିଲାରେ ସାମ୍ନାକୁ ଆସିଥିବା ଘଟଣା ଏହାର ବଡ଼ ଉଦାହରଣ। ଉପରୋକ୍ତ ଘଟଣାର ତଦନ୍ତ ଦାବି କରି ରାଜ୍ୟ ଭାଜପା ସମବାୟ ସେଲ୍ ତରଫରୁ ଏକ ୩ ଦଫା ସମ୍ବଳିତ ଅଭିଯୋଗ ପତ୍ର ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କୁ ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।



ଭୁବନେଶ୍ୱର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିଠାରେ ବିଭିନ୍ନ ସଙ୍ଗଠନ ଦାବି ପୂରଣ ପାଇଁ ସୋମବାର ପ୍ରବଳ ବର୍ଷା ସମୟରେ ବି ବିକ୍ଷୋଭ ଜାରି ରଖିଛନ୍ତି।

# ସଂଖ୍ୟାଲଘୁଙ୍କ ପ୍ରତି ଚରମ ଅବହେଳା କରାଯାଉଛି: କଂଗ୍ରେସ

ଭୁବନେଶ୍ୱର,୪।୭(ବ୍ୟୁରୋ)

ପ୍ରଦେଶ ସଂଖ୍ୟାଲଘୁ ବିଭାଗ ସଭାପତି ଜିଆଉଲ୍ ହକ୍‌ଙ୍କ ଅଧ୍ୟକ୍ଷତାରେ ସୋମବାର କଂଗ୍ରେସ ଭବନରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇ କହିଛନ୍ତି, ସଂଖ୍ୟାଲଘୁଙ୍କ ବହୁବିଧ ସମସ୍ୟା ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଚରମ ଅବହେଳା କରୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ସଂଖ୍ୟାଲଘୁଙ୍କ ସମସ୍ୟା ଶୁଣିବା ସହ ଏହାର ସମାଧାନ ପ୍ରତି ଯତ୍ନଶୀଳ ନ ହେଲେ କଂଗ୍ରେସ ରାଜରାସ୍ତାରେ ଆନ୍ଦୋଳନ କରିବ। ୨୦୨୪ରେ ମିଶନ ୯୦ ଆସନ ଦଖଲ କରି ଲୋକଙ୍କ ସମସ୍ୟାକୁ ପ୍ରାଧାନ୍ୟ ଦେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ପିସିସି ସଭାପତି ଭାଜପାକୁ ତାଚ୍ଛଲ୍ୟ କରି 'ବଡ଼ା ଝୁଟ୍ ପାର୍ଟି'ର ଆଖ୍ୟା ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରତ୍ୟେକଟି ଘୋଷଣା ଏବେ ମିଥ୍ୟା ବୋଲି ସବୁ କ୍ଷେତ୍ରରେ ପ୍ରମାଣିତ ହୋଇଛି। ୯୦ ଦଶକରେ ୧୦ ବିଧାୟକରୁ ବଢ଼ି କଂଗ୍ରେସ ସରକାର କରିଥିଲା। ୨୦୨୪ରେ କଂଗ୍ରେସ ରାଜ୍ୟ ଓ କେନ୍ଦ୍ରରେ ସରକାର ଗଢ଼ିବ ଏବଂ ସମସ୍ତଙ୍କ କଠିନ ପରିଶ୍ରମ ଦ୍ୱାରା ହିଁ ଏହା ସମ୍ଭବପର ବୋଲି ପିସିସି ସଭାପତି କହିଛନ୍ତି। ଖୁବଶୀଘ୍ର ରାଜ୍ୟର ସବୁ ଜିଲା ଗସ୍ତକରି ଜିଲା ଓ ରାଜ୍ୟ କମିଟି ଗଠନ କରିବା ସହ କଂଗ୍ରେସ ସଂଖ୍ୟାଲଘୁମାନଙ୍କ ନିକଟରେ ପହଞ୍ଚିବ। ରାଜ୍ୟ ଓ କେନ୍ଦ୍ର ସରକାର ଯେତେ ଷଡ଼ଯନ୍ତ୍ର ଏବଂ ନିର୍ଯ୍ୟାତନା ଦେଲେ ମଧ୍ୟ କଂଗ୍ରେସ ଡରିବ ନାହିଁ ବୋଲି ପ୍ରଦେଶ ସଂଘ୍ୟାଲଘୁ କଂଗ୍ରେସ କମିଟି ଅଧ୍ୟକ୍ଷ ଜିଆଉଲ୍ ହକ୍ କହିଛନ୍ତି।

# ଚିଟ୍‌ଫଣ୍ଡ ତଦନ୍ତରେ ୨୦୨୦ ସୁଦ୍ଧା ଖର୍ଚ୍ଚ ହୋଇଛି ୬.୧୯ କୋଟି

ଭୁବନେଶ୍ୱର,୪।୭(ବ୍ୟୁରୋ)

ଚିଟ୍‌ଫଣ୍ଡ ତଦନ୍ତ ପାଇଁ ଗଠିତ କମିଶନ, ଏହାର ଅଧିକାରୀ ଓ କର୍ମଚାରୀଙ୍କ ଦରମା ଏବଂ ଭତ୍ତା, କାର୍ଯ୍ୟାଳୟର ଆନୁଷଙ୍ଗିକ ଖର୍ଚ୍ଚ, ଜମାକାରୀଙ୍କଠାରୁ ପ୍ରାପ୍ତ ସତ୍ୟପାଠର କମ୍ପ୍ୟୁଟରୀକରଣ ଆଦି ବାବଦକୁ ୨୦୨୦ ଜାନୁୟାରୀ ସୁଦ୍ଧା ୬ କୋଟି ୧୯ ଲକ୍ଷ ୭୨ ହଜାର ୫୫୩ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହକୁ ଜଣାଇଛନ୍ତି ।

ବିଧାୟକ ମୋହନ ଚରଣ ମାଝିଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ପୂଜାରୀ ଦର୍ଶାଇଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରଥମ ତଦନ୍ତ ଧାର୍ଯ୍ୟ ୨୦୧୩ ଅକ୍ଟୋବର ୩୧ ସୁଦ୍ଧା ୮ ଲକ୍ଷ ୯୬ ହଜାର ୩୧୨ଟି ସତ୍ୟପାଠ ପାଇଥିଲେ । ପ୍ରାଥମିକ ଯାଞ୍ଚ ପରେ ସେଥିରୁ ୭୯ ହଜାର ୫୯ଟି ସତ୍ୟପାଠ ତ୍ରୁଟିପୂର୍ଣ୍ଣ ଥିବାରୁ ଅବଶିଷ୍ଟ ୮ ଲକ୍ଷ ୧୭ ହଜାର ୨୫୩ଟି ସତ୍ୟପାଠକୁ ଯାଞ୍ଚ ନିମନ୍ତେ ତାଲିକା ପ୍ରସ୍ତୁତ ହୋଇଥିଲା। ୨୦୧୩ ମସିହା ବିଜ୍ଞପ୍ତିର ନିର୍ଦ୍ଧାରିତ ସମୟ ମଧ୍ୟରେ ସତ୍ୟପାଠ ଦାଖଲ କରି ନ ଥିବା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ପୁନର୍ବାର ସୁଯୋଗ ଦେବା ପାଇଁ ଏମ୍‌ଏମ୍ ଦାସ ୨ୟ ପର୍ଯ୍ୟାୟରେ ଜାରି କରିଥିବା ସାନି ବିଜ୍ଞପ୍ତିରେ ଧାର୍ଯ୍ୟ ତାରିଖ ୨୦୧୯ ଜାନୁୟାରୀ ୩୧ ସୁଦ୍ଧା ୭ ଲକ୍ଷ ସତ୍ୟପାଠ କମିଶନଙ୍କ ନିକଟରେ ଦାଖଲ ହୋଇଛି । ସତ୍ୟପାଠଗୁଡିକ ମଧ୍ୟରେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜମାକରିଥିବା କ୍ଷୁଦ୍ର ଜମାକାରୀମାନଙ୍କ ସତ୍ୟପାଠଗୁଡିକର ଡିଜିଟାଇଜେଶନ୍ ନିମନ୍ତେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେବା(ଓକାକ)କୁ ନିୟୋଜିତ କରାଯାଇଛି। ଜଷ୍ଟିସ୍ ମଦନ ମୋହନ ଦାସ ତଦନ୍ତ କମିଶନ ପ୍ରଥମ ପର୍ଯ୍ୟାୟରେ ପ୍ରାପ୍ତ ହୋଇଥିବା ଠିକ୍ ସତ୍ୟପାଠ ଶୁଣାଣି ପରେ ଇତି ମଧ୍ୟରେ ୭ଟି ଅନ୍ତରୀଣ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଛନ୍ତି। ସେହି ରିପୋର୍ଟରେ କମିଶନ କରିଥିବା ସୁପାରିସ ମୁତାବକ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କମିଶନ ବିଭିନ୍ନ ରିପୋର୍ଟରେ କରିଥିବା ସୁପାରିସ ମୁତାବକ କ୍ଷେତ୍ରୀୟ ତଦନ୍ତ ପରେ ଚିହ୍ନଟ ହୋଇଥିବା ପ୍ରକୃତ କ୍ଷୁଦ୍ରଜମାକାରୀଙ୍କୁ ତାଙ୍କର ବାସ୍ତବ ଜମାରାଶି ରାଜ୍ୟ ସରକାର ଗଠନ କରିଥିବା ୩ ଶହ କୋଟି ଟଙ୍କାର କର୍ପସ ପାଣ୍ଠିରୁ କ୍ଷତିପୂରଣ ଆକାରରେ ପ୍ରଦାନ ଲାଗି ପ୍ରକ୍ରିୟା ଚାଲିଛି ।

# ବିଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ସମୁଦ୍ର ଉପକୂଳରେ ୧୮ ଥାନା

ଭୁବନେଶ୍ୱର,୪।୭(ବ୍ୟୁରୋ)

ରାଜ୍ୟର ଉପକୂଳରେ ମୋଟ ୧୮ ସାମୁଦ୍ରିକ ଥାନା ପ୍ରତିଷ୍ଠା କରାଯାଇଛି। ବିଦେଶୀମାନଙ୍କ ଅନୁପ୍ରବେଶ ରୋକିବା ପାଇଁ ମୁଖ୍ୟତଃ ଏହି ଥାନାଗୁଡ଼ିକ ପ୍ରତିଷ୍ଠା କରାଯାଇଥିବା ରାଜ୍ୟ ସରକାର ସୂଚନା ଦେଇଛନ୍ତି। ସମସ୍ତ ସାମୁଦ୍ରିକ ଥାନା ପାଇଁ ମୋଟ ୭୩୮ଟି ବିଭିନ୍ନ ପଦବୀ ମଞ୍ଜୁର କରାଯାଇଛି। ପ୍ରତ୍ୟେକ ସାମୁଦ୍ରିକ ଥାନା ପାଇଁ ୧୫ ଜଣ ହିସାବରେ ମୋଟ ୨୭୦ ହୋମଗାର୍ଡଙ୍କୁ ମୁତୟନ ଲାଗି ସ୍ୱୀକୃତି ପ୍ରଦାନ କରାଯାଇଥିବା ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି।

ବିଧାୟକ ସଞ୍ଜୀବ କୁମାର ମଲିକ ବିଧାନସଭାରେ ପଚାରିଥିବା ତାରକା ପ୍ରଶ୍ନ ନମ୍ବର ୩୧୧ର ଉତ୍ତରରେ ମନ୍ତ୍ରୀ ବେହେରା କହିଛନ୍ତି, ଅବୈଧ ଅନୁପ୍ରବେଶ ଓ ଅସାମାଜିକ ବ୍ୟକ୍ତିଙ୍କ ଅନୁପ୍ରବେଶ ତଥା ଯେକୌଣସି ଆତଙ୍କବାଦୀ ଆକ୍ରମଣକୁ ପ୍ରତିହତ କରିବା ଲାଗି ସମୁଦ୍ର ଉପକୂଳରେ ପଇଁତରା ମାରିବା ପାଇଁ ସାମୁଦ୍ରିକ ଥାନାଗୁଡିକୁ ୧୫ଟି ଦ୍ରୁତ ଇଣ୍ଟରସେପ୍‌ଟର ଡଙ୍ଗା ଯୋଗାଇ ଦିଆଯାଇଛି। ସାମୁଦ୍ରିକ ଥାନା କର୍ମଚାରୀମାନଙ୍କୁ ମଧ୍ୟ ପର୍ଯ୍ୟାୟ କ୍ରମେ ପ୍ରଶିକ୍ଷଣ ଦିଆଯାଉଛି। ସମୁଦ୍ର ପଥରେ ଯାତାୟାତ କରୁଥିବା ଡଙ୍ଗା ଏବଂ ମାଛଧରା ଡଙ୍ଗାଗୁଡିକର ବ୍ୟାପକ ଯାଞ୍ଚ ଓ ତଥ୍ୟ ଜାଣିବା ଲାଗି ଭାରତୀୟ ତଟ ସୁରକ୍ଷା ବାହିନୀ ସହ ମିଳିତ ଭାବେ ସୁରକ୍ଷା ଯାଞ୍ଚ କରାଯାଉଛି। ଭବିଷ୍ୟତରେ ସାମୁଦ୍ରିକ ଥାନା ଓ ଡଙ୍ଗାଗୁଡ଼ିକୁ ଏଚ୍‌ଏଫ ଓ ଭିଏଚଏଫ ସେଟ୍‌ସ ଯୋଗାଇ ଦିଆଯିବ।

# ରୁଚିକାଙ୍କୁ ନ୍ୟାୟ ଦାବିରେ ଛାତ୍ର କଂଗ୍ରେସ-ପୋଲିସ ଧସ୍ତାଧସ୍ତି

## ବିଧାନସଭା ଘେରାଉ ଉଦ୍ୟମ

ଭୁବନେଶ୍ୱର,୪।୭(ବ୍ୟୁରୋ)

ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆମ୍ବହତ୍ୟା ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଏବେ ବିରୋଧୀ ଟାର୍ଗେଟ କରିବା ଆରମ୍ଭ କରି ଦେଇଛନ୍ତି। ଏପରିକି ରୁଚିକାଙ୍କ ପରିବାର ଲୋକ ମଧ୍ୟ ଦୋଷୀଙ୍କୁ ଧରିବା ଦାବିରେ କଲେଜ ବାହାରେ ଧାରଣାରେ ବସିଛନ୍ତି। ସୋମବାର ବିଧାନସଭା ଭିତରେ ବିରୋଧୀ ଏହି କଥା ଉଠାଇ ସରକାରଙ୍କୁ ଘେରିଥିବା ବେଳେ ଛାତ୍ର କଂଗ୍ରେସ ମଧ୍ୟ ଆନ୍ଦୋଳନକୁ ଜୋରଦାର କରିଛି।

ରୁଚିକାଙ୍କୁ ନ୍ୟାୟ ଏବଂ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ଛାତ୍ର କଂଗ୍ରେସ କର୍ମୀମାନେ ରାଜଭବନଠାରୁ ଏକ ବାଇକ ଶୋଭାଯାତ୍ରା କରିଥିଲେ। ଛାତ୍ର କଂଗ୍ରେସ କର୍ମୀମାନେ ଶୋଭାଯାତ୍ରାରେ ରାଜଭବନରୁ ବାହାରି ବିଧାନସଭା ଘେରାଉ କରିବାକୁ ଉଦ୍ୟମ କରୁଥିବା ବେଳେ ଲୋୟର ପିଏମ୍‌ଜି ନିକଟରେ ପୋଲିସ ରହିବା ସହ ସେହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରି ଦେଇଥିଲେ। ଛାତ୍ର କଂଗ୍ରେସ କର୍ମୀମାନେ ସେଠାରେ ପହଞ୍ଚିବା ପରେ ବାଉଁଶ ବାଡ ଡେଇଁ ବିଧାନସଭା ଆଡକୁ ପଶିବାକୁ ଚେଷ୍ଟା କରିଥିଲେ। ହେଲେ ଏହି ସମୟରେ ପୋଲିସ ଏବଂ ଛାତ୍ର କଂଗ୍ରେସ



ବିଧାନସଭା ଘେରାଉ ଉଦ୍ୟମ ବେଳେ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଛାତ୍ର କଂଗ୍ରେସ କର୍ମୀ-ପୋଲିସ ଧସ୍ତାଧସ୍ତି।

କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଛାତ୍ର କଂଗ୍ରେସ କର୍ମୀମାନେ ଏହି ଅବସରରେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡି ପଡିଥିବା କହିଥିଲେ। ଫଳରେ ପାଖାପାଖି ଘଣ୍ଟାଏ ଧରି ସେହି ସ୍ଥାନରେ ପୋଲିସ-ଛାତ୍ର କଂଗ୍ରେସ କର୍ମୀଙ୍କ ଭିତରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଛାତ୍ର ସଭାପତି ୟାସିର ନୱାଜଙ୍କ ସମେତ ୧୨ ଜଣ ଆହତ ହୋଇଥିବା ଦଳ ତରଫରୁ କୁହାଯାଇଛି। ପୋଲିସ ୨୦ରୁ ଅଧିକ କର୍ମୀଙ୍କୁ ଅଟକ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ଛାଡ଼ି ଦେଇଛି।

ଏହି ଅବସରରେ ୟାସିର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଘଟଣାକୁ ଚପାଇ ଦେବା ଲାଗି ସରକାର ଚେଷ୍ଟା କରୁଛନ୍ତି। ତେଣୁ ପୋଲିସର ତଦନ୍ତ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଉଚ୍ଚଶିକ୍ଷା ସଚିବ ଏହି କଥାରେ ମୁହଁ ଖୋଲୁନାହାନ୍ତି। କଲେଜ ପ୍ରିନ୍ସିପାଲ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ ୱାର୍ଡେନ ମିଶି କେତେଜଣ ଛାତ୍ରୀଙ୍କୁ ସେଠାରୁ ଖସାଇ ଦେଇଛନ୍ତି। ଏହି ଅଧିକାରୀମାନଙ୍କୁ ତଦନ୍ତ ପରିସରକୁ ଅଣାଯାଉ। ବିଭିନ୍ନ ସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ରାଗିଂ ହେଉଥିବା ବେଳେ ଉଚ୍ଚଶିକ୍ଷା ସଚିବ ନୀରବ ରହିବା ଆଶ୍ଚର୍ଯ୍ୟ କରୁଛି। ସେପଟେ କରୋନା ଆଳରେ ଉଚ୍ଚଶିକ୍ଷା ମନ୍ତ୍ରୀ ଆତ୍ମଗୋପନ କରି ରହିଛନ୍ତି। ତୁରନ୍ତ ଦୋଷୀକୁ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଉ। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଉ। କଲେଜ ପ୍ରିନ୍ସିପାଲ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ଏବଂ ୱାର୍ଡେନଙ୍କୁ ତଦନ୍ତ ପରିସରକୁ ଅଣାଯାଉ, କାରଣ ସେମାନଙ୍କ ଜାଣତରେ ସେଠାରେ ରାଗିଂ ହେଉଥିବା ନୱାଜ କହିଛନ୍ତି।



ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ସୋମବାର ଅନ୍ଧେରି ସୁବୁରବାନରେ ଥିବା ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟରେ ହାଜର ହୋଇଛନ୍ତି। ବଲିଉଡ୍ ସଙ୍ଗୀତକାର ଜାଭେଦ ଅଖ୍ତର ତାଙ୍କ ବିରୋଧରେ ୨୦୨୦ରେ ମାନହାନି ମାମଲା ଦାଏର କରିଥିଲେ। ଜୁଲାଇ ୪ରେ କୋର୍ଟରେ ହାଜର ହେବା ଲାଗି କଙ୍ଗନାଙ୍କୁ ନୋଟିସ୍ ଜାରି କରାଯାଇଥିଲା। ଏକ ଘରୋଇ ଟିଭି ଚ୍ୟାନେଲରେ ଏକ ସାକ୍ଷାତ୍କାର ଦେବା ସମୟରେ କଙ୍ଗନା ଜାଭେଦଙ୍କ ସମ୍ପର୍କରେ ବିବାଦୀୟ ବୟାନ ଦେଇଥିଲେ।



## ସଂକ୍ଷେପରେ

### ଇଟାଲୀରେ ହିମସ୍ଖଳନ: ୬ ମୃତ

**ରୋମ୍ ୪।୭:** ଇଟାଲି ଆଲପ୍ସ ପର୍ବତ କ୍ଷେତ୍ରର ମାରମୋଲାଡା ପାର୍ବତ୍ୟାଞ୍ଚଳରେ ରବିବାର ହିମସ୍ଖଳନରେ ୬ ଜଣଙ୍କ ମୃତ୍ୟୁ ହୋଇଯାଇଛି। ଉକ୍ତ ଘଟଣାରେ ୮ ଜଣ ଆହତ ହୋଇଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବେଲୁନୋ, ଟ୍ରେଭିସୋ, ଟ୍ରେଣ୍ଟୋ ଏବଂ ବୋଲଜାନୋର ଡାକ୍ତରଖାନରେ ଆହତମାନଙ୍କ ଚିକିତ୍ସା ଜାରି ଥିବା ଭେନେଟୋ ରାଷ୍ଟ୍ରପତି ଲୁକା ଗିୟା କହିଛନ୍ତି। ହିମସ୍ଖଳନ ପରେ ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପକ୍ଷରୁ ରେସ୍କ୍ୟୁ ଅପରେଶନ୍ ଜାରି ରହିଛି। ତାପମାତ୍ରା ବୃଦ୍ଧି କାରଣରୁ ୩,୩୦୦ ମିଟର ଉଚ୍ଚତା ବିଶିଷ୍ଟ ମାରମୋଲାଡା ପର୍ବତରେ ହିମ ସ୍ଖଳନ ହୋଇଥିବା କୁହାଯାଉଛି। ରେସ୍କ୍ୟୁ ଅପରେଶନ୍ ଠିକ୍ ଭାବେ ସମ୍ପାଦିତ ହେଉଥିବାବେଳେ ମାରମୋଲାଡାରେ ପୁଣିଥରେ ହିମସ୍ଖଳନ ହେବା ଆଶଙ୍କା କରାଯାଉଛି।

### ଫିଲ୍ମ ନିର୍ଦ୍ଦେଶକ ତରୁଣ ମଜୁମ୍ଦାରଙ୍କ ବିୟୋଗ



**କୋଲକାତା, ୪।୭:** କୋଲକାତାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଫିଲ୍ମ ନିର୍ଦ୍ଦେଶକ ତରୁଣ ମଜୁମ୍ଦାରଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ ବର୍ଷ ହୋଇଥିଲା। କିଡ୍ନୀଜନିତ ସମସ୍ୟା ଦେଇ ଗତି କରୁଥିଲେ ସେ। ଜୁନ୍ ୧୪ରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବା କାରଣରୁ କୋଲକାତାସ୍ଥିତ ଏସ୍ଏସ୍କେଏମ୍ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ବାଳିକା ବଧୂ, ଗଣଦେବତା, ଶ୍ରୀମାନ ପୃଥ୍ୱୀରାଜ ଓ ପଳାତକ ଭଳି ଅନେକ ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତରୁଣ। ୧୯୯୦ରେ ପଦ୍ମଶ୍ରୀ ପୁରସ୍କାର ସାଙ୍ଗକୁ ୫ଟି ଫିଲ୍ମ ଫେୟାର ସମ୍ମାନରେ ତରୁଣ ମଜୁମ୍ଦାରଙ୍କୁ ସମ୍ମାନିତ କରାଯାଇଛି।

### ମୂସେଓ୍ୱାଲାଙ୍କ ଶୁଟର ୧୮ ବର୍ଷୀୟ ବାଳକ

**ରୋମ୍ ୪।୭:** ଦିଲ୍ଲୀ ପୋଲିସର ସ୍ପେଶିଆଲ୍ ସେଲ୍ ଏନ୍ଡିଆର୍ ଟିମ୍ ମୂସେଓ୍ୱାଲା ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ରବିବାର ରାତିରେ ଗିରଫ କରିଛି। ଅଭିଯୁକ୍ତ ଅଙ୍କିତ ସିରସା ଲରେନ୍ସ ବିଷ୍ଣୋଇ ଏବଂ ଗୋଲ୍ଡି ବ୍ରାର ଗ୍ୟାଙ୍ଗର ହୋଇଥିବା ପୋଲିସ କହିଛି। ଅଙ୍କିତ ମୁସେଓ୍ୱାଲାଙ୍କ ପରିଚିତ ହୋଇଥିବାବେଳେ ସେ ଅତି ନିକଟରୁ ମୂସେଓ୍ୱାଲାଙ୍କୁ ଗୁଳି କରିଥିବା ଜଣାପଡ଼ିଛି। ଗ୍ୟାଙ୍ଗରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଅଙ୍କିତଙ୍କ ବୟସ ସବୁଠାରୁ କମ୍ (୧୮) ବୋଲି ପୋଲିସ କହିଛି । ସେ ପ୍ରିୟାଭରାତ ଫୌଜିଙ୍କ ସହ ଏକ କାର୍‌ରେ ବସି ପ୍ରଥମେ ମୂସେଓ୍ୱାଲାଙ୍କ ଗାଡ଼ିକୁ ଅଟକାଇଥିଲେ। ଗାଡ଼ି ରହିବାମାତ୍ରେ ଅଙ୍କିତ ମୂସେଓ୍ୱାଲାଙ୍କ ଉପରକୁ ଆଖିପିଛୁଳାକେ ୬ଟି ଗୁଳି ଫୁଟାଇଥିବା କୁହାଯାଉଛି। ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସଠାରୁ ଲୁଚାଇ ରଖିବାରେ ସହଯୋଗ କରୁଥିବା ସଚିନ ଭିଓ୍ୱାନଙ୍କୁ ମଧ ପୋଲିସ ଗିରଫ କରିଛି। ମେ' ୨୯ରେ ସମ୍ପର୍କୀୟ ଭାଇଙ୍କ ସହିତ ନିଜ ଜିପ୍‌ରେ ଯାଉଥିବାବେଳେ ପଞ୍ଜାବ ମନସା ଜିଲାରେ ମୂସେଓ୍ୱାଲାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

### ଶିକ୍ଷୟିତ୍ରୀଙ୍କୁ ହତ୍ୟା କଲେ ନାବାଳକ

**ଲକ୍ଷ୍ନୌ ୪।୭:** ଉତ୍ତରପ୍ରଦେଶ ଅଯୋଧ୍ୟା କୋତ୍ୱାଲରେ ଜଣେ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ହତ୍ୟା କରାଯାଇଛି। ପୋଲିସ ଜଣେ ୧୭ ବର୍ଷୀୟ ନାବାଳକଙ୍କୁ ଅଟକ ରଖିଛି। ଗତ ୧ ତାରିଖରେ କୋତ୍ୱାଲିରୁ ୩୦ ବର୍ଷୀୟା ଗର୍ଭବତୀ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ନାବାଳକ ଏବଂ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଦୁହିଁଙ୍କ ଘର କୋତ୍ୱାଲିରେ। ନାବାଳକ ଜଣକ ଆଉ ସମ୍ପର୍କ ନ ରଖିବାକୁ କହିବାରୁ ଶିକ୍ଷୟିତ୍ରୀ ରାଜି ହୋଇ ନ ଥିଲେ। ଏଥିରେ ଅତିଷ୍ଠ ହୋଇ ନାବାଳକ ଜଣକ ଗତ ଶୁକ୍ରବାର ଶିକ୍ଷୟିତ୍ରୀଙ୍କ ଘରକୁ ଯାଇ ଏକ ଲୁହାରଡ୍‌ରେ ପିଟି ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଛି। ଏଥିସହ ଶିକ୍ଷୟିତ୍ରୀଙ୍କ ଲକର୍ ଭାଙ୍ଗି ସେଥିରୁ ୫୦ ହଜାର ଟଙ୍କା ଓ ଅନ୍ୟ ମୂଲ୍ୟବାନ ଜିନିଷ ନେଇଯାଇଥିଲେ। ନାବାଳକଙ୍କୁ ଜୁଭେନାଇଲ୍ ବୋର୍ଡକୁ ପଠାଯିବ ବୋଲି ଥାନା ଅଧିକାରୀ ଶୌଲେଶ ପାଣ୍ଡେ କହିଛନ୍ତି।

# ଆସ୍ଥା ଜିତିଲେ ଶିନ୍ଦେ

## ସପକ୍ଷରେ ୧୬୪, ବିପକ୍ଷରେ ୯୯

**ମୁମ୍ବାଇ, ୪।୭**

ବିଦ୍ରୋହୀ ଶିବସେନା ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ସୋମବାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ଆସ୍ଥା ଭୋଟ ଜିତିଛନ୍ତି। ୨୮୮ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୧୬୪ ବିଧାୟକ ଶିନ୍ଦେଙ୍କ ସପକ୍ଷରେ ଭୋଟ ଦେଇଥିବାବେଳେ ୯୯ ଜଣ ବିପକ୍ଷରେ ସେମାନଙ୍କ ମତଦାନ କରିଥିଲେ। ୩ ଏମ୍ଏଲ୍ଏ ମତଦାନରୁ ବିରତ ରହିଥିଲେ। ସେହିପରି କଂଗ୍ରେସ ବିଧାୟକ ଅଶୋକ ଚଭନ ଏବଂ ବିଜୟ ୱାଡେଟିୱାରଙ୍କ ସମେତ ୨୧ ଜଣ ଆସ୍ଥାଭୋଟ ବେଳେ ବିଧାନସଭାରେ ଅନୁପସ୍ଥିତ ଥିଲେ। ନବ ନିର୍ବାଚିତ ମହାରାଷ୍ଟ୍ର ବାଚସ୍ପତି ତଥା ଭାଜପା ନେତା ରାହୁଲ ନରୱେକର ବହୁମତରେ ଶିନ୍ଦେ ଆସ୍ଥାଭୋଟ ଜିତିଥିବା ଘୋଷଣା କରିଥିଲେ। ଶିବସେନାର ଜଣେ ବିଧାୟକଙ୍କ ନିକଟରେ ଦେହାନ୍ତ ହୋଇଥିବା ଯୋଗୁ ବର୍ତ୍ତମାନ ବିଧାନସଭାରେ ମୋଟ ୨୮୭ ବିଧାୟକ ରହିଛନ୍ତି। ତେଣୁ ସଂଖ୍ୟାଗରିଷ୍ଠତା ପାଇଁ ମ୍ୟାଜିକ୍ ନମ୍ବର ୧୪୪ ଥିବାବେଳେ ଶିନ୍ଦେ ଗୋଷ୍ଠୀଙ୍କ ଏଥିରେ ବିଜୟ ହୋଇଛି। ଫଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ସଭାପତି ଉଦ୍ଧବ ଠାକ୍‌ରେଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଛି।

ଗତ ମାସରେ ଏକନାଥ ଶିନ୍ଦେ ଶିବସେନାର ବିଧାୟକଙ୍କୁ ଏକାଠି କରି ଉଦ୍ଧବଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଫଳରେ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି), କଂଗ୍ରେସକୁ ନେଇ ହୋଇଥିବା ମହାରାଷ୍ଟ୍ରର ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମେଣ୍ଟ ସରକାର ସଂଖ୍ୟାଲଘୁ ହୋଇଥିଲା। ଏଥିଯୋଗୁ ଉଦ୍ଧବଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। କିଛିଦିନର ହାଇଡ୍ରାମା ପରେ ଭାଜପା ସମର୍ଥନରେ ଜୁନ୍ ୩୦ରେ ଶିନ୍ଦେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଭାଜପା ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରେ ରବିବାରଠାରୁ ଆରମ୍ଭ ହୋଇଥିବା ଦୁଇଦିନିଆ ସ୍ୱତନ୍ତ୍ର ଅଧିବେଶନରେ ଭାଜପା ବିଧାୟକ ରାହୁଲ ନରୱେକର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ। ଆସ୍ଥା ଭୋଟବେଳେ ସମାଜବାଦୀ ପାର୍ଟି ବିଧାୟକ ଅବୁ ଆଜ୍‌ମୀ ଏବଂ ରଇସ୍ ଶୈଖ୍, ଏଆଇଏମ୍ଆଇଏମ୍ ଦଳର ଶାହା ଫାରୁଖ ମଧ ଭୋଟିଂରୁ ବିରତ ରହିଥିଲେ। କଂଗ୍ରେସର ଅଶୋକ ଚଭନ, ବିଜୟ ୱାଡେଟିୱାର, ଧୀରଜ ଦେଶମୁଖ, ପ୍ରଣିତି ଶିନ୍ଦେ, ଜିତେଶ ଅନ୍ତପୁରକାର, ଜିଶାନ୍ ସିଦ୍ଦିକି, ରାଜୁ ଅୱାଲେ, ମାଧବରାଓ ଜଗଲଗାଓଁକର, ଶିରିଶ୍ ଚୌଧୁରୀ ପ୍ରମୁଖ ଅନୁପସ୍ଥିତ ରହିବା ଚର୍ଚ୍ଚାର ବିଷୟ ପାଲଟିଛି। ଚଭନ ଏବଂ ୱାଡେଟିୱାର ବିଳମ୍ବରେ ବିଧାନସଭାରେ ପହଞ୍ଚିବାରୁ ଭୋଟ ଦେଇପାରି ନ ଥିଲେ। ସେହିପରି ଜେଲରେ ଥିବା ଏନ୍‌ସିପି ବିଧାୟକ ଅନିଲ ଦେଶମୁଖ ଏବଂ ନୱାବ ମଲିକ୍ ସେମାନଙ୍କ ଭୋଟ ଦେଇପାରି ନ ଥିବାବେଳେ ଏମ୍ଏଲ୍ଏ ଦତ୍ତାତ୍ରେୟ ଭାରାନେ, ଆନ୍ନା ବଂଶୋଡେ, ବାବନଦାଦା ସିନ୍ଦେ, ସଂଗ୍ରାମ ଜଗତାପ୍ ମତଦାନରୁ ବିରତ ରହିଥିଲେ।

ସୂଚନାଯୋଗ୍ୟ, ମହାରାଷ୍ଟ୍ର ବିଧାନସଭାରେ ଶିବସେନାର ୫୫, ଏନ୍‌ସିପିର ୫୩, କଂଗ୍ରେସର ୪୪, ଭାଜପାର ୧୦୬, ବହୁଜନ ବିକାଶ ଅଘାଡ଼ିର ୩, ସମାଜବାଦୀ ପାର୍ଟିର ୨, ଏଆଇଏମ୍ଆଇଏମ୍‌ର ୨, ୧୩ ସ୍ୱାଧୀନ ବିଧାୟକଙ୍କ ସମେତ ଅନ୍ୟ ଦଳର ବିଧାୟକ ରହିଛନ୍ତି। ବିଦ୍ରୋହ ପରେ ଶିନ୍ଦେଙ୍କ ସପକ୍ଷରେ ଶିବସେନାର ୪୦ରୁ ଊର୍ଦ୍ଧ୍ୱ ଏମ୍ଏଲ୍ଏଙ୍କ ସମର୍ଥନ ରହିଥିବା ସେ ଦାବି କରିଥିଲେ।



ମହାରାଷ୍ଟ୍ର ବିଧାନସଭା ବାହାରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ନିଜ ସମର୍ଥକଙ୍କ ଗହଣରେ।

### ୬ ମାସରେ ଭାଙ୍ଗିବ ନୂଆ ସରକାର



ଶରଦ ପାଓ୍ୱାର

ରାଜନୀତିର ପୁରୁଖା ଖେଳାଳି ତଥା ଏନ୍‌ସିପି ସଭାପତି ଶରଦ ପାଓ୍ୱାର ମହାରାଷ୍ଟ୍ରର ନବଗଠିତ ଏକନାଥ ଶିନ୍ଦେ ସରକାରଙ୍କ ସ୍ଥାୟୀତ୍ୱକୁ ନେଇ ଭବିଷ୍ୟବାଣୀ କରିଛନ୍ତି। ଆସନ୍ତା ୬ ମାସରେ ଶିନ୍ଦେ ସରକାର ଭାଙ୍ଗିଯିବ ବୋଲି ପାଓ୍ୱାର କହିଛନ୍ତି। ୨୦୧୯ରେ ମହାରାଷ୍ଟ୍ର ନିର୍ବାଚନରେ ଭାଜପା ସବୁଠାରୁ ବଡ଼ ଦଳ ହୋଇ ଉଭା ହୋଇଥିଲା। ହେଲେ ୧୪୫ ମ୍ୟାଜିକ୍ ନମ୍ବର ଅଭାବରୁ ସରକାର ଗଢ଼ିପାରି ନ ଥିଲା। ବିପରୀତ ବିଚାରଧାରାର କଂଗ୍ରେସ ଏବଂ ଏନ୍‌ସିପି ସହ ଶିବସେନା ମହା ବିକାଶ ଅଘାଡି (ଏମ୍‌ଭିଏ) ମେଣ୍ଟ କରି ଉଦ୍ଧବ ଠାକ୍‌ରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। ତେବେ ବରିଷ୍ଠ ନେତା ପାଓ୍ୱାରଙ୍କ ମତରେ ଶିନ୍ଦେଙ୍କ ସରକାର ୬ ମାସ ତିଷ୍ଠି ପାରିବ ନାହିଁ। ତେଣୁ ଖୁବଶୀଘ୍ର ମହାରାଷ୍ଟ୍ରରେ ଅନ୍ତରୀଣ ନିର୍ବାଚନ ହେବାକୁ ଯାଉଛି। ଥରେ ମନ୍ତ୍ରିମଣ୍ଡଳ ଦାୟିତ୍ୱ ଭାଗବଣ୍ଟା ହେବା ପରେ ଶିନ୍ଦେଙ୍କ ମେଣ୍ଟରେ ବିଶୃଙ୍ଖଳା ସୃଷ୍ଟି ହେବ। ଏହା ହିଁ ସରକାର ଭାଙ୍ଗିବାର ପ୍ରମୁଖ କାରଣ ହେବ ବୋଲି ପାଓ୍ୱାର କହିଛନ୍ତି।

## ବାଲାସାହେବଙ୍କ ସ୍ୱପ୍ନ ପୂରଣ ହେଲା

**ମୁମ୍ବାଇ, ୪।୭**

ଏକନାଥ ଶିନ୍ଦେ ସୋମବାର ମୁଖ୍ୟମନ୍ତ୍ରୀ ଭାବେ ପ୍ରଥମ ବକ୍ତବ୍ୟ ରଖିଛନ୍ତି। ଭାଜପା ସହ ମିଶି ସରକାର ଗଢ଼ିବା ପାଇଁ ଶିବସେନା ପ୍ରତିଷ୍ଠାତା ବାଲାସାହେବ ଠାକ୍‌ରେଙ୍କ ସ୍ୱପ୍ନ ପୂରଣ ହୋଇଥିବା ଶିନ୍ଦେ କହିଛନ୍ତି। ସେ ଆହୁରି କହିଥିଲେ, ଗତ ୨୦ ଦିନରେ ଘଟିଥିବା ଘଟଣାକୁ ନେଇ କୌଣସି ବିଧାୟକ ପ୍ରଶ୍ନ କରି ନ ଥିଲେ। ମୋତେ

### କାନ୍ଦି ପକାଇଲେ ଶିନ୍ଦେ

କିପରି ବ୍ୟବହାର ମିଳୁଥିଲା ସେ ନେଇ ସେମାନେ ସମସ୍ତେ ଅବଗତ। ଦୀର୍ଘଦିନ ଧରି ତାଙ୍କୁ ଅଣଦେଖା କରାଯାଇଥିଲା। ଏହି ସମୟରେ ସେ କୋହ ସମ୍ଭାଳି ନ ପାରି କାନ୍ଦି ପକାଇଥିଲେ। କହିଥିଲେ, ପୂର୍ବର ଶିବସେନା-ଏନ୍‌ସିପି-କଂଗ୍ରେସ ମେଣ୍ଟବେଳେ ସେ ପ୍ରାୟ ମୁଖ୍ୟମନ୍ତ୍ରୀ ହୋଇସାରିଥିଲେ। ଶିବସେନା ମୁଖ୍ୟ ଉଦ୍ଧବ ଠାକ୍‌ରେଙ୍କ ବିରୋଧରେ ଯିବାରୁ ତାଙ୍କୁ ଏବଂ ପରିବାରକୁ ଧମକ ମିଳୁଥିଲା। ସେମାନେ ମୋ ପରିବାର ଉପରେ ଆକ୍ରମଣ କରିଥିଲେ। ଡଙ୍ଗାବୁଡ଼ିରେ ଦୁଇ ସନ୍ତାନଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ବହୁତ ଭାଙ୍ଗିପଡ଼ିଥିଲି। ଶିବସେନାର ଆଦର୍ଶ ଆନନ୍ଦ ଦିଘେ ତାଙ୍କ ସହ ଛିଡ଼ା ହୋଇଥିଲେ' ବୋଲି ଶିନ୍ଦେ ଭାବବିହ୍ୱଳ ହୋଇ କହିଥିଲେ।

## ଅଜିତ ପାଓ୍ୱାର ବିରୋଧୀ ଦଳ ନେତା

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ ପାଓ୍ୱାର ସୋମବାର ମହାରାଷ୍ଟ୍ର ବିଧାନସଭାରେ ବିରୋଧୀ ଦଳ ନେତା ନିର୍ବାଚିତ ହୋଇଛନ୍ତି। ଶିବସେନା-ଭାଜପା ମେଣ୍ଟ ପରେ ଏନ୍‌ସିପିର ସର୍ବାଧିକ ସଦସ୍ୟ ରହିଥିବାରୁ ଏହି ଦଳ ଏବେ ବିରୋଧୀ ଭୂମିକା ତୁଲାଇବ। ବିରୋଧୀ ଦଳ ନେତା ଭାବେ ବାଚସ୍ପତି ରାହୁଲ ନରୱେକର ଏନ୍‌ସିପିର ଅଜିତ ପାଓ୍ୱାରଙ୍କ ନାଁ ଘୋଷଣା କରିଛନ୍ତି।



## ମହାରାଷ୍ଟ୍ରବାସୀଙ୍କୁ ନୂଆ ମୁଖ୍ୟମନ୍ତ୍ରୀଙ୍କ ଉପହାର

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ଶିନ୍ଦେ ରାଜ୍ୟବାସୀଙ୍କୁ ଉପହାର ଦେଇଛନ୍ତି। ପେଟ୍ରୋଲ, ଡିଜେଲ ଦର କମାଇବା ପାଇଁ ରାଜ୍ୟ ସରକାର ଏହା ଉପରୁ ମୂଲ୍ୟଯୁକ୍ତ ଟିକସ (ଭାଟ୍) ହ୍ରାସ ଘୋଷଣା କରିଛନ୍ତି। ନୂଆ କ୍ୟାବିନେଟ୍‌ର ପରବର୍ତ୍ତୀ ବୈଠକରେ ତୈଳ ଉପରୁ ଭାଟ୍ କମାଯିବ ବୋଲି ଶିନ୍ଦେ କହିଛନ୍ତି। ଗତ ନଭେମ୍ବରରେ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଯଥାକ୍ରମେ ୫ ଓ ୧୦ ଟଙ୍କା ହ୍ରାସ କରିଥିଲେ।



ହିନ୍ଦୁ ଦେବୀ କାଳୀ ସିଗାରେଟ୍ ଟାଣୁଥିବାର ଏକ ଫିଲ୍ମ ପୋଷ୍ଟରକୁ ନେଇ ବିବାଦ ଦେଖାଦେଇଛି। ନିର୍ଦ୍ଦେଶିକା ଲୀନା ମାନିମେକାଲାଇ ଟୁଇଟରେ ଏହି ଫଟୋ ପୋଷ୍ଟ କରିବା ପରେ ଲୋକଙ୍କ ଧର୍ମୀୟ ଭାବାବେଗକୁ ଆଘାତ ପହଞ୍ଚାଇବା ଅଭିଯୋଗରେ ତାଙ୍କୁ ଗିରଫ ପାଇଁ ଦାବି ହୋଇଛି। ଜଣେ କବୟିତ୍ରୀ ଏବଂ ଫିଲ୍ମ ନିର୍ମାତା ଭାବେ ସ୍ୱାଧୀନ ଦର୍ଶନରେ କାଳୀଙ୍କୁ ପରିପ୍ରକାଶ କରିଥିବା ଲୀନା କହିଛନ୍ତି।



ଲୀନା ମାନିମେକାଲାଇ

### ସ୍ତ୍ରୀଙ୍କୁ ମିଲିଟାରି ହେଲିକପ୍ଟରରେ ଘରକୁ ନେଲେ କମାଣ୍ଡର

**କାବୁଲ,୪।୭**

ନବବିବାହିତ ତାଲିବାନ ହକ୍କାନି ବ୍ରାଞ୍ଚ କମାଣ୍ଡର ମିଲିଟାରି ହେଲିକପ୍ଟରରେ ସ୍ତ୍ରୀଙ୍କୁ ଘରକୁ ନେଇଥିବା ଅଭିଯୋଗ ହୋଇଛି। ହେଲିକପ୍ଟରଟି ଲୋଗରରୁ ଖୋଷ୍ଟ ଯାଇଥିଲା। ଏ ନେଇ ସ୍ଥାନୀୟ ଗଣମାଧ୍ୟମରେ ଏକ ଭିଡିଓ ଜାରି କରାଯାଇଛି, ଯେଉଁଥିରେ ବର ବେଶରେ କମାଣ୍ଡର କନିଆ ଘର ନିକଟରେ ହେଲିକପ୍ଟରରୁ ଅବତରଣ କରାଉଥିବା ଦେଖାଯାଇଛି। ତେବେ ବିବାହ ପାଇଁ କମାଣ୍ଡର ଜଣକ କନିଆଙ୍କ ବାପାଙ୍କୁ ୧୨ ଲକ୍ଷ ଆଫଗାନିଜ୍ ଦେଇଥିବା ଖବର ପ୍ରକାଶ ପାଇଛି। ଏ ନେଇ ସୋସିଆଲ ମିଡିଆରେ ୟୁଜର୍ସ ତୀବ୍ର ପ୍ରତିବାଦ କରିବାରେ ଲାଗିଛନ୍ତି। ସାଧାରଣ ଲୋକଙ୍କ ସମ୍ପତ୍ତିର ଅପବ୍ୟବହାର କରାଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ସିଧାସଳଖ ଖଣ୍ଡନ କରିଛନ୍ତି ତାଲିବାନ ଉପପ୍ରବକ୍ତା କାରି ୟୁସୁଫ। ଶତ୍ରୁଙ୍କ ଦ୍ୱାରା ଏହା ଏକ ମିଳିତ ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି ।

## ସର୍ଭିସ୍ ଚାର୍ଜ ପାଇଁ ବାଧ କରିପାରିବେନି ହୋଟେଲ

**ନୂଆଦିଲ୍ଲୀ,୪।୭**

ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ସର୍ଭିସ ଚାର୍ଜ (ସେବା ଦେୟ) ପାଇଁ ଗ୍ରାହକଙ୍କୁ ବାଧ କରିପାରିବେ ନାହିଁ। ଏପରି କି ବିଲ୍‌ରେ ମନଇଚ୍ଛା ସର୍ଭିସ ଚାର୍ଜ ଯୋଡ଼ିପାରିବେ ନାହିଁ। କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ(ସିସିପିଏ) ପକ୍ଷରୁ ସୋମବାର ଏହି ନିର୍ଦ୍ଦେଶ ଦିଆଯାଇଛି। ସିସିପିଏ ପକ୍ଷରୁ ସୋମବାର ଜାରି ନୂଆ ଗାଇଡ୍‌ଲାଇନ୍ ଅନୁଯାୟୀ, ସର୍ଭିସ୍ ଚାର୍ଜ ସମ୍ପୂର୍ଣ୍ଣ ଭାବେ ଗ୍ରାହକଙ୍କ ଇଚ୍ଛାଧୀନ ବିଷୟ। ସର୍ଭିସ୍ ଚାର୍ଜକୁ ପ୍ରତ୍ୟକ୍ଷ, ପରୋକ୍ଷ କିମ୍ବା ଅନ୍ୟ କୌଣସି ନାମରେ ଖାଦ୍ୟ ବିଲ୍‌ରେ ଯୋଡ଼ାଯାଇପାରିବ ନାହିଁ। ଏପରି କି ସର୍ଭିସ୍ ଚାର୍ଜ ସଂଗ୍ରହକୁ ଆଧାର କରି ଗ୍ରାହକଙ୍କୁ ପ୍ରବେଶ ଏବଂ ସେବା ଯୋଗାଇବାରେ ପ୍ରତିବନ୍ଧକ ଲଗାଯାଇପାରିବ ନାହିଁ। ଗ୍ରାହକଙ୍କୁ ସର୍ଭିସ୍ ଚାର୍ଜ ସମ୍ପୂର୍ଣ୍ଣ ଭାବେ ଇଚ୍ଛାଧୀନ ବୋଲି ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ସ୍ପଷ୍ଟ ଭାବେ ସୂଚିତ କରିବେ ବୋଲି ସିସିପିଏ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏସବୁ ଉଲ୍ଲଂଘନ ହେଲେ ଗ୍ରାହକମାନେ ହୋଟେଲ କିମ୍ବା ରେଷ୍ଟୁରାଣ୍ଟଗୁଡ଼ିକ ବିରୋଧରେ ନ୍ୟାଶନାଲ କଞ୍ଜ୍ୟୁମର ହେଲ୍‌ପଲାଇନ ନମ୍ବର ୧୯୧୫ରେ ଅଭିଯୋଗ ରୁଜୁ କରିପାରିବେ।



**କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣଙ୍କ ନିର୍ଦ୍ଦେଶ**

**ଅଭିଯୋଗ ପାଇଁ ହେଲ୍‌ପଲାଇନ ନଂ.୧୯୧୫**

୨୦୧୭ରେ ଏକ ଗାଇଡ୍‌ଲାଇନ୍ ଜାରି ହୋଇଥିଲା। ତଦନୁଯାୟୀ ବିଲ୍‌ରେ ସର୍ଭିସ୍ ଚାର୍ଜକୁ ଇଚ୍ଛାଧୀନ ଦର୍ଶାଇ ମୁଦ୍ରଣ କରିବାକୁ ପରାମର୍ଶ ଦିଆଯାଇଥିଲା। ଏବେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ବିଲ୍‌ରେ ସର୍ଭିସ ଚାର୍ଜ ନିକଟରେ ସ୍ଥାନ ଖାଲି ରହିବ ଏବଂ ସେଥିରେ କୌଣସି ଅର୍ଥରାଶି ପୂରଣ କରିବା ଗ୍ରାହକଙ୍କ ଉପରେ ନିର୍ଭର କରିବ।

ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ପୂର୍ବରୁ ଶିଳ୍ପ ପ୍ରତିନିଧିମାନଙ୍କୁ ସୂଚାଇଥିଲା ଯେ, ଏଭଳି ଚାର୍ଜ ଆଦାୟ ଆଇନଗତ ନୁହେଁ। ଗ୍ରାହକମାନେ ସେବା ଦେୟକୁ 'ସେବା କର' ଭାବେ ଗ୍ରହଣ କରନ୍ତି ଏବଂ ତାହାକୁ ପରିଶୋଧ କରିଥାନ୍ତି। ଏଭଳି ବାଣିଜ୍ୟିକ ଅଭ୍ୟାସ ଉପରେ ଗ୍ରାହକ ସୁରକ୍ଷା ଆଇନ ଅନୁଯାୟୀ କଟକଣା ଲଗାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଘାଟିରୁ ଖସିଲା ବସ୍: ୧୬ ମୃତ

**ଶିମଲା,୪।୭:** ହିମାଚଳ ପ୍ରଦେଶର କୁଲ୍ଲୁଠାରେ ସୋମବାର ବଡ଼ ଧରଣର ବସ୍ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ହୋଇଛି। ୪୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ସେଞ୍ଜ ଘାଟିରୁ ଖସିପଡ଼ିଥିଲା। ସୋମବାର ସକାଳ ୮ଟା ବେଳେ ଏହି ଦୁର୍ଘଟଣା ଘଟିଥିବାବେଳେ ଏକାଧିକ ଯାତ୍ରୀ ଆହତ ହୋଇଥିବା କୁଲ୍ଲୁ ଡେପୁଟି କମିଶନର ଆଶୁତୋଷ ଗାର୍ଗ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ଘଟଣାନେଇ ଶୋକବ୍ୟକ୍ତ କରି ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ମୃତକଙ୍କ ପରିବାର ପିଛା ଦୁଇ ଲକ୍ଷ ଏବଂ ଆହତଙ୍କୁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି।



# ଲୁହାନ୍‌ସ୍କରେ ପୁଟିନ୍‌ଙ୍କ ବିଜୟ ଘୋଷଣା

**କିଭ୍/ମସ୍କୋ, ୪।୭**

ପୂର୍ବ ୟୁକ୍ରେନ୍ ପ୍ରମୁଖ ଶିଳ୍ପାଞ୍ଚଳ ଲୁହାନ୍‌ସ୍କକୁ ରୁଷିଆ ସମ୍ପୂର୍ଣ୍ଣ ଭାବେ ଦଖଲ କରିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସୋମବାର ଏହି ଅଞ୍ଚଳ ଉପରେ ବିଜୟ ଘୋଷଣା କରିବା ସହ ନିଜ ସୈନ୍ୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଦିନକ ପୂର୍ବରୁ ୟୁକ୍ରେନ୍ ଲିସିଚାନ୍‌ସ୍କରୁ ନିଜ ଶେଷ ସୈନ୍ୟଙ୍କୁ ପ୍ରତ୍ୟାହାର କରିନେଇଥିଲା। ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରେଗି ଶୋଇଗୁ ଏକ ଟେଲିଭିଜନ ବାର୍ତ୍ତାରେ ଲୁହାନସ୍କ ଉପରେ ନିୟନ୍ତ୍ରଣ ହାସଲ କରିଥିବା ନେଇ ପୁଟିନ୍‌ଙ୍କୁ କହିଥିଲେ। ରବିବାର ଲୁହାନ୍‌ସ୍କ ଅପରେଶନ ସଫଳତାର ସହ ଶେଷ ହୋଇଥିବା ଶୋଇଗୁ ଜଣାଇଥିଲେ। ଲୁହାନ୍‌ସ୍କ ଅଭିଯାନରେ ସାମିଲ ହୋଇଥିବା



ଭ୍ଲାଡିମିର ପୁଟିନ୍

ମିଲିଟାରୀ ୟୁନିଟ୍ ଏବେ ବିଶ୍ରାମ ନେଇ ସେମାନଙ୍କ ଲଢୁଆ ଦକ୍ଷତା ଆହୁରି ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରନ୍ତୁ ବୋଲି ପୁଟିନ୍ ପରାମର୍ଶ ଦେଇଛନ୍ତି।

ୟୁକ୍ରେନ୍ ଉପରେ ଆକ୍ରମଣର ୧୩୦ ଦିନ ପରେ ରୁଷିଆ ଡୋନବାସ୍ ଅଞ୍ଚଳର ଲୁହାନ୍‌ସ୍କକୁ ଦଖଲ କରିବାରେ ସଫଳ ହୋଇଛି। ଯୁଦ୍ଧ ଆରମ୍ଭରୁ ମସ୍କୋ ୟୁକ୍ରେନ୍ ରାଜଧାନୀ କିଭ୍‌କୁ ଟାର୍ଗେଟ କରିଥିଲେ, ଏଥିରେ ବିଫଳତା ଯୋଗୁ ନିଜ ସୈନ୍ୟଙ୍କୁ ସେଠାରୁ ପ୍ରତ୍ୟାହାର କରି ନେଇଥିଲା। ପରେ ରୁଷିଆ ସପକ୍ଷବାଦୀଙ୍କ ନିୟନ୍ତ୍ରଣରେ ଥିବା ଡୋନ୍‌ବାସ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଥିଲା। ଏହି ଅଞ୍ଚଳରେ ଥିବା ଛୋଟ ଛୋଟ ସହରକୁ ମସ୍କୋ ପ୍ରଥମେ କବ୍‌ଜା କରି ଧୀରେ ଧୀରେ କବ୍‌ଜା କରିଥିଲା। ଏବେ ପୁଟିନ୍‌ଙ୍କ ନଜର ଡୋନେସ୍କ ଉପରେ କେନ୍ଦ୍ରୀଭୂତ ହୋଇଛି। ଏହି ଅଞ୍ଚଳର ସିଭେରସ୍କ, ଫେଡୋରିଭକା ଏବଂ ବାଖମୁଟ୍ ସମେତ ସୀମାବର୍ତ୍ତୀ ସହରକୁ ୟୁକ୍ରେନ୍‌ଠାରୁ ଛଡ଼ାଇ ନେବା ପାଇଁ ରୁଷିଆ ଯୋଜନା କରିଥବା ଲୁହାନ୍‌ସ୍କ ଗଭର୍ନର ଶେରହି ହାଇଦାଇ କହିଛନ୍ତି। ରୁଷୀୟ ସେନା ଡୋନେସ୍କର ଆଭ୍ୟନ୍ତରୀଣ ଭାଗରେ ଅନୁପ୍ରବେଶ କରି ୟୁକ୍ରେନ୍ ସେନା ଜଗି ରହିଥିବା ସ୍ଲୋଭିଆନ୍‌ସ୍କ ଏବଂ କ୍ରାମାଟୋର୍ସକ ଉପରେ ଘନ ଘନ ରକେଟ, ମୋର୍ଟାର ମାଡ଼ କରିଛି। ରବିବାର ଶେଲ୍ ମାଡ଼ରେ ସ୍ଲୋଭିଆନ୍‌ସ୍କରେ ଜଣେ ୯ ବର୍ଷୀୟା ବାଳିକାଙ୍କ ସମେତ ୬ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିଲା।

ଗତ ସପ୍ତାହରେ ୟୁକ୍ରେନ୍ ରୁଷିଆଠାରୁ କୃଷ୍ଣସାଗରରେ ଥିବା ସ୍ନେକ୍‌ଦ୍ୱୀପ ଫେରାଇ ଆଣିବାକୁ ନିଜର ଏକ ବଡ଼ ବିଜୟ ବୋଲି ଦାବି କରିଥିଲା। ହେଲେ ବିଚ୍ଛିନ୍ନତାବାଦୀ ଓ ରୁଷୀୟ ସୈନ୍ୟ ଡୋନ୍‌ବାସରେ ନିଜ ଶକ୍ତି ବୃଦ୍ଧି କରିଛନ୍ତି। ଲୁହାନ୍‌ସ୍କକୁ ମସ୍କୋ କବ୍‌ଜା କରିବା ପରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ପାଶ୍ଚାତ୍ୟ ଦେଶର ଅସ୍ତ୍ରଶସ୍ତ୍ର ସହାୟତାରେ ୟୁକ୍ରେନ୍ ନିଜ ସହର ତଥା ଅଞ୍ଚଳଗୁଡ଼ିକୁ ରୁଷିଆଠାରୁ ଫେରାଇ ଆଣିବ ବୋଲି ଜେଲେନ୍‌ସ୍କି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ୍‌ର ନୂତନ ସଦସ୍ୟ ନିର୍ବାଚିତ

**ଭୁବନେଶ୍ୱର:** କ୍ରେଡାଇ ଭୁବନେଶ୍ୱର ଫାଉଣ୍ଡେଶନ୍ ୨୦୨୨-୨୦୨୩ ନିମନ୍ତେ ନବନିର୍ବାଚିତ ସଦସ୍ୟଙ୍କୁ ଚୟନ କରାଯାଇଛି। ଉକ୍ତ ଫାଉଣ୍ଡେଶନ୍‌ର ସଭାପତି ଭାବେ ପ୍ରଦୀପ୍ତ କୁମାର ବିଶ୍ୱାସରାୟ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ଇଂ. ଉମେଶ ପଟ୍ଟନାୟକ ଦାୟିତ୍ୱ ବହନ କରିଛନ୍ତି। ତାସହିତ ଅନ୍ୟ ନୂତନ ନିର୍ବାଚିତ ସଦସ୍ୟମାନଙ୍କ ମଧ୍ୟରେ ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ ଏବଂ ପାର୍ଥଜିତ୍ ପଟ୍ଟନାୟକ, ଯୁଗ୍ମସମ୍ପାଦକ ଜିତେନ୍ଦ୍ର କୁମାର ପାତ୍ର ଏବଂ ସତ୍ୟଜ୍ୟୋତି ମହାନ୍ତି ଓ ସିଦ୍ଧାର୍ଥ ଶେଖର ମହାପାତ୍ର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଅପ୍ରତିଦ୍ୱନ୍ଦ୍ୱୀଭାବେ ସମସ୍ତ ସଦସ୍ୟ ନିର୍ବାଚିତ ହୋଇଛନ୍ତି।

### ସଂକ୍ଷେପରେ

## ଜୁନ୍‌ରେ ରପ୍ତାନି ୧୭% ବୃଦ୍ଧି

**ନୂଆଦିଲ୍ଲୀ,୪।୭:** ଭାରତର ବାଣିଜ୍ୟ ରପ୍ତାନି ଗତ ବର୍ଷ ତୁଳନାରେ ୧୭% ବୃଦ୍ଧି ହୋଇ ୩୭.୯୪ ବିଲିୟନ ଡଲାରରେ ପହଞ୍ଚିଛି। ସେହିଭଳି ବାଣିଜ୍ୟ ନିଅଣ୍ଟ ମଧ୍ୟ ୨୫.୬୩ ବିଲିୟନ ଡଲାରରେ ପହଞ୍ଚିଛି। ସୋମବାର ଜୁନ୍‌ରେ ପ୍ରକାଶିତ ସରକାରଙ୍କ ପ୍ରାଥମିକ ତଥ୍ୟ ଅନୁଯାୟୀ ପୂର୍ବ ବର୍ଷ ତୁଳନାରେ ଜୁନ୍‌ରେ ଆମଦାନୀ ୫୧% ବୃଦ୍ଧି ହୋଇ ୬୩.୫୮ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ୨୦୨୧ ଜୁନ୍‌ରେ ବାଣିଜ୍ୟ ନିଅଣ୍ଟ ୯.୬୧ ବିଲିୟନ ଡଲାରରେ ପହଞ୍ଚିଥିଲା। ଅପରପକ୍ଷରେ ଚଳିତ ଆର୍ଥିକ ବର୍ଷ (ଏପ୍ରିଲ୍-ଜୁନ୍)ରେ ସଂଗୃହୀତ ରପ୍ତାନି ପ୍ରାୟ ୨୨.୨୨% ବୃଦ୍ଧି ହୋଇ ୧୧୬.୭୭ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ଆମଦାନୀ ୪୭.୩୧% ବୃଦ୍ଧି ପାଇ ୧୮୭.୦୨ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୩ମାସରେ ବାଣିଜ୍ୟ ନିଅଣ୍ଟ ପୂର୍ବ ବର୍ଷ ଅବଧିରେ ୩୧.୪୨ ବିଲିୟନ ଡଲାରରୁ ୭୦.୨୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି।

## ଡିଜୋର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୪।୭:** ରିଅଲ୍‌ମି ଟେକ୍‌ଲାଇଫ୍ ଇକୋସିଷ୍ଟମ ଅଧୀନରେ ପ୍ରଥମ ବ୍ରାଣ୍ଡ, ଡିଜୋ ପକ୍ଷରୁ ଏହାର ପ୍ରଥମ ହାଫ୍-ଇନ୍-ଇୟର ଟିଡବ୍ଲ୍ୟୁଏସ୍ ଇୟରବଡ୍, ଡିଜୋ ବଡ୍‌ସ ପି ର ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ଡିଜୋ ଇଣ୍ଡିଆର ସିଇଓ ଅଭିଳାଷ ପଣ୍ଡା କହିଛନ୍ତି, ଡିଜୋ ଦୃଢ ଭାବେ ବିକଶିତ ହେଉଛି ଏବଂ ଆମେ ଆମର ଉପଭୋକ୍ତାଙ୍କ ବର୍ଦ୍ଧିତ ଚାହିଦାକୁ ପୂରଣ କରିବାକୁ ଚେଷ୍ଟା କରୁଛୁ। ଆମେ ନିରନ୍ତର ଭାବେ ମତାମତକୁ ଗ୍ରହଣ କରୁଛୁ ଏବଂ ଆମର ଭିନ୍ନ ଭିନ୍ନ ଉପଭୋକ୍ତାଙ୍କ ଆବଶ୍ୟକତାକୁ ପୂରଣ କରୁଥିବା ଆମର ଉତ୍ପାଦ ଶୃଙ୍ଖଳା ଉପରେ କାର୍ଯ୍ୟ କରୁଛି। ନୂଆ ଡିଜୋ ବଡ୍‌ସ ପିରେ ମିନିମାଲିଷ୍ଟିକ୍ ତଥାପି ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଆକର୍ଷଣୀୟ ଡିଜାଇନ୍, ୪୦ଘଣ୍ଟାର ମ୍ୟୁଜିକ୍ ପ୍ଲେବ୍ୟାକ୍ ସହ ଫାଷ୍ଟ ଚାର୍ଜିଂ କ୍ଷମତା, ବାସ୍ ବୁଷ୍ଟ+ଆଲ୍‌ଗୋରିଦମ୍ ସହ ୧୩ଏମ୍‌ଏମ୍ ଲାର୍ଜ ଡ୍ରାଇଭର୍ ଓ ପିୟୁ+ପିକ୍ ଡାୟଫ୍ରାଜମ୍ ରହିଛି ଏବଂ ଏହାର ମୂଲ୍ୟ କେବଳ ୧୫୯୯ ଟଙ୍କା ରହିଛି।

# ଓଡ଼ିଶାରେ ବ୍ୟବସାୟ ବାତାବରଣ ସହଜ ହୋଇଛି

### ୧୩ ଦିନିଆ ଓଡ଼ିଶା ଷ୍ଟାର୍ଟଅପ୍ କାର୍ନିଭାଲ୍ ୨୦୨୨ ଉଦ୍‌ଘାଟିତ

ଭୁବନେଶ୍ୱର,୪।୭




ଷ୍ଟାର୍ଟଅପ୍ ଅଭିଯାନକୁ ପରବର୍ତ୍ତୀସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ଯୁବପିଢ଼ିଙ୍କୁ ଆଗେଇ ଆସିବାକୁ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଉପେନ୍ଦ୍ର ନାଥ ବେହେରା ଆହ୍ୱାନ ଦେଇଛନ୍ତି। ଏଆଇସି-ନାଳନ୍ଦା, ଷ୍ଟାର୍ଟଅପ୍ ଓଡ଼ିଶା, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (ୟୁସିସିଆଇଏଲ୍) ଓ ଫ୍ଲୁଇଡ୍ ଭେଞ୍ଚର୍ସର ସହଯୋଗିତାରେ ୟୁସିସିଆଇଏଲ୍ ଭୁବନେଶ୍ୱରରେ ଓଡ଼ିଶା ଷ୍ଟାର୍ଟଅପ୍ କନ୍‌କ୍ଲେଭ୍ ୨୦୨୨ର ଉଦ୍‌ଘାଟନ ହୋଇଯାଇଛି। ସମାରୋହକୁ ସମ୍ବୋଧିତ କରି ବେହେରା କହିଛନ୍ତି ଯେ, ଷ୍ଟାର୍ଟଅପ୍‌ଙ୍କୁ ସାହାଯ୍ୟ କରିବା ଲାଗି ଓଡ଼ିଶାର ଥିବା ସହାୟତା ବ୍ୟବସ୍ଥା ବେଶ ଦୃଢ଼, ଯାହା ରାଜ୍ୟର ବ୍ୟବସାୟ ବାତାବରଣକୁ ଆହୁରି ସହଜ କରିପାରିଛି। ବହୁ ମଞ୍ଜୁରୀ ଏବେ ନିରବଚ୍ଛିନ୍ନ ଭାବେ ମିଳୁଛି ଏବଂ ସେଥିପାଇଁ ଦରକାର ହେଉଥିବା ସମୟ ମଧ୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ବର୍ତ୍ତମାନ ରିସ୍କ ଗ୍ରହଣ କରି ଆଗକୁ ବଢ଼ିବାର ଉପଯୁକ୍ତ ସମୟ, ସେଥିପାଇଁ ଅନୁକୂଳ ପରିବେଶ ମଧ୍ୟ ରହିଛି। ସଫଳତା ପାଇଁ ନବସୃଜନ ଅତ୍ୟନ୍ତ ଆବଶ୍ୟକ ବୋଲି ବେହେରା ମତବ୍ୟକ୍ତ କରିଛନ୍ତି।

ସେହିଭଳି ବେଦାନ୍ତର ସଭାପତି, ଡ.ତପନ କୁମାର ଚାନ୍ଦ କହିଥିଲେ, ନିଜ ବ୍ୟବସାୟକୁ ବ୍ୟାପକ କରିବା ଲାଗି ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ପ୍ରଯୁକ୍ତିର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଷ୍ଟାର୍ଟଅପ୍‌ଗୁଡ଼ିକ ସେଭଳି ଚିନ୍ତାଧାରା ଉପରେ କାମ କରିବା ଦରକାର ଯାହା ସାଧାରଣ ଲୋକଙ୍କ ସମସ୍ୟାକୁ ସମାଧାନ କରିବା ସହ ସେମାନଙ୍କୁ ଲାଭ ପ୍ରଦାନ କରିବ। ଦେଶରେ ଥିବା ବିପୁଳ ସଂଖ୍ୟକ ଯୁବପିଢ଼ି ଉପଲବ୍ଧତାର ଲାଭ ଉଠାଇ ସେମାନେ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିବା ଦରକାର। ସେହିପରି ୟୁସିସିଆଇଏଲ୍‌ର ସଭାପତି, ଅଶୋକ କୁମାର ସାରଦା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଏସାର ମିନ୍‌ମେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ଏବଂ ଲୁମିନସ୍ ଇନଫୋୱେଜ୍‌ର ପ୍ରେସିଡେଣ୍ଟ, ଜୟଶ୍ରୀ ମହାନ୍ତି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଜୁଲାଇ ୪ରୁ ଆରମ୍ଭ ହୋଇ ୧୬ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ୧୩ ଦିନ ବ୍ୟାପୀ ଉକ୍ତ କାର୍ଯ୍ୟକ୍ରମରେ ସବୁ ବର୍ଗର ବ୍ୟକ୍ତି ଓ ସଂସ୍ଥା ଅଂଶଗ୍ରହଣ କରିବେ। ଉକ୍ତ କର୍ମଶାଳା ଜୁଲାଇ ୧୬ରେ ଏକ ଷ୍ଟାର୍ଟଅପ୍-ନିବେଶକ ସମ୍ମିଳନୀ ଓ ଭୁବନେଶ୍ୱରର ଓ-ହବ୍‌ଠାରେ ଏକ ଉଦଯାପନୀ ସମାରୋହ ଆୟୋଜନ ସହ ଶେଷ ହେବ।

## ବିଓବିର ଏମ୍‌ଏସ୍‌ଏମ୍‌ଇ ଉତ୍ସବ

ଭୁବନେଶ୍ୱର,୪।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର କଟକ ଏବଂ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆର୍ଥିକ ପରାମର୍ଶଦାତାମାନଙ୍କ ସହଯୋଗରେ ସମ୍ଭାବ୍ୟ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଏନ୍‌ଟିବି, ଏମ୍‌ଏସ୍‌ଏମ୍‌ଇ ବିଭାଗ ମୁଖ୍ୟ, କର୍ପୋରେଟ୍ ଅଫିସ, ମୁମ୍ବାଇର ଉପ-ମହାପ୍ରବନ୍ଧକ ଶିବାଶିଷ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ରାଜୀବ କ୍ରିଷ୍ଣା, କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ଅନ୍ୱୟ ମିଶ୍ର ଏବଂ ଉଭୟ କ୍ଷେତ୍ରୀୟ କାର୍ଯ୍ୟାଳୟର ଏସ୍‌ଏମ୍‌ଇ ଏଲ୍‌ଏଫ ଓ ଋଣ ବିଭାଗର ସମସ୍ତ କର୍ମଚାରୀ ତଥା ୧୫ ଜଣ ଆର୍ଥିକ ପରାମର୍ଶଦାତା ଏବଂ ୨୦ଜଣ ନୂଆ ଏମ୍‌ଏସ୍‌ଏମ୍‌ଇ ଗ୍ରାହକ ଉପସ୍ଥିତ ଥିଲେ। ଏହା ସହିତ ପୁରୁଣା ଏବଂ ନୂତନ ଉଦ୍ୟୋଗୀମାନେ କିପରି ବିନା ଅସୁବିଧାରେ ବ୍ୟାଙ୍କ ଋଣ ପାଇପାରିବେ ସେଥିପାଇଁ ମଧ୍ୟ ଆର୍ଥିକ ପରାମର୍ଶଦାତା ଏବଂ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କ ମଧ୍ୟରେ ଏକ ଫଳପ୍ରଦ ଆଲୋଚନା ହୋଇଥିଲା। ଚଳିତ ଏମ୍‌ଏସ୍‌ଏମ୍‌ଇ ଉତ୍ସବ ପରିପ୍ରେକ୍ଷୀରେ ବିଓବିର ସମସ୍ତ ଉତ୍ପାଦର ଉପାଦେୟତା ସମ୍ବନ୍ଧରେ ଆଲୋଚନା କରିବା ସହ ଏହାର ଲାଭ ଉଠାଇବା ପାଇଁ ମଧ୍ୟ ସମସ୍ତଙ୍କୁ ମିଶ୍ର ଅନୁରୋଧ କରିଛନ୍ତି।




## ଟୟୋଟାର 'ଅର୍ବାନ କ୍ରୁଇଜର ହାଇରାଇଡର'

ନୂଆଦିଲ୍ଲୀ,୪।୭

ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍) ଭାରତରେ ଏହାର ବି-ଏସୟୁଭି ସେଗମେଣ୍ଟରେ ଟୟୋଟାର ପ୍ରଥମ ସେଲ୍‌ଫ-ଚାର୍ଜିଂ ଷ୍ଟ୍ରଙ୍ଗ ହାଇବ୍ରିଡ ଇଲେକ୍ଟ୍ରିକ ଏସୟୁଭି ଏବଂ ଅର୍ବାନ କ୍ରୁଇଜର ହାଇରାଇଡରର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରିଛି।

ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ଭାଇସ୍ ଚେୟାରମ୍ୟାନ୍ ବିକ୍ରମ କିର୍ଲୋସ୍କର କହିଛନ୍ତି, ପ୍ରକୃତି ସହ ସୁସମ୍ପର୍କ ସ୍ଥାପନ କରିବା ସହିତ ଏକ ସ୍ଥାୟୀ ସମାଜ ଗଠନ ପାଇଁ ଟୟୋଟା ସର୍ବଦା ମାର୍ଗଦର୍ଶନ କରିଆସୁଛି। ସେହିଭଳି ଟିକେଏମ୍‌ର ପରିଚାଳନା ନିର୍ଦ୍ଦେଶକ ମାସାକାଜୁ ୟୋଶିମୁରା କହିଛନ୍ତି, ଭାରତରେ ବିଦ୍ୟୁତୀକରଣ ଯାନଗୁଡ଼ିକର ଲାଇନ ଅପରେ ଆଉ ଏକ ମାଇଲଖୁଣ୍ଟ ଉତ୍ପାଦ ଯୋଗ କରି ଆମେ ଗର୍ବିତ। ଗତ ୨୫ ବର୍ଷ ମଧ୍ୟରେ ଟୟୋଟା ଭାରତ କ୍ରମାଗତ ଭାବେ ଗ୍ରାହକଙ୍କ ଗତିଶୀଳତା ପୂରଣ ଦିଗରେ କାର୍ଯ୍ୟ କରୁଛି। ଏପରିକି ଟୟୋଟା ସୁଜୁକି ସହ ମିଳିତ ହୋଇ କର୍ଣ୍ଣାଟକସ୍ଥିତ ପ୍ଲାଣ୍ଟରେ ଏହାର ଉତ୍ପାଦନ ଜାରି ରଖିଛି। ଏଥିରେ ପାନାରୋମିକ୍ ସନରୁଫ, ୧୭ଇଞ୍ଚ ଆଲଏ, ୱେରଲେସ୍ ଚାର୍ଜର, ହେଡସ ଅପ ଡିସପ୍ଲେ ଏବଂ ୩୬୦-ଡିଗ୍ରୀ କ୍ୟାମେରା ସହ ୭ଟି ମୋନୋଟୋନ ଏବଂ ୪ଟି ଡୁଆଲ ଟୋନ ରଙ୍ଗରେ ଉପଲବ୍ଧ। ଅର୍ବାନ କ୍ରୁଇଜର ହାଇରାଇଡର ବୁକିଂ ୨୫,୦୦୦ଟଙ୍କାରେ କରିହେବ।




## ସର୍ବୋଚ୍ଚ ଜିଏସ୍‌ଟି ୨୮% ରହିବ: ସଚିବ

ନୂଆଦିଲ୍ଲୀ,୪।୭

କେନ୍ଦ୍ର ସରକାର ବର୍ତ୍ତମାନ ପରିସ୍ଥିତିରେ ସମସ୍ତ ବିଳାସପୂର୍ଣ୍ଣ ଏବଂ ସାଇନିଂ ସାମଗ୍ରୀଗୁଡିକରେ ସର୍ବାଧିକ ୨୮% ଜିଏସଟି ସ୍ଲାବ ଜାରି ରଖିବାକୁ ଚାହୁଁଛନ୍ତି କିନ୍ତୁ ୫, ୧୨ ଏବଂ ୧୮%ର ୩ଟି ସ୍ଲାବକୁ ୨ ଭାଗରେ ବିଭକ୍ତ କରିବାକୁ ଆଗ୍ରହ କରୁଥିବା ବେଳେ ଏଥିପାଇଁ ମଧ୍ୟ ବିସ୍ତୃତ ଆଲୋଚନା କରିବାକୁ ଆହ୍ୱାନ କରିଛନ୍ତି ବୋଲି ସୋମବାର କେନ୍ଦ୍ର ରାଜସ୍ୱ ସଚିବ ତରୁଣ ବଜାଜ କହିଛନ୍ତି। ଆମକୁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ ୫, ୧୨, ୧୮ ଏବଂ ୨୮ ପ୍ରତିଶତ ମଧ୍ୟରୁ ଆମକୁ ୨୮% ହାର ଏବେ ମଧ୍ୟ ଜାରି ରଖିବାକୁ ପଡିବ।

## ୱାର୍ଡୱିଜାର୍ଡର ୧୨୭% ଅଭିବୃଦ୍ଧି ହାସଲ

### ଜୁନ୍‌ରେ ୨,୨୧୫ ୟୁନିଟ୍ ଇଭି ଦୁଇ ଚକିଆ ଯାନ ବିକ୍ରି

ନୂଆଦିଲ୍ଲୀ,୪।୭

ଦେଶର ଅଗ୍ରଣୀ ଦୁଇଚକିଆ ଇଭି ବ୍ରାଣ୍ଡ 'ଜୟ ଇ-ବାଇକ୍'ର ନିର୍ମାତା ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ଗତବର୍ଷ ତୁଳନାରେ ଚଳିତ ବର୍ଷ ଜୁନ୍‌ରେ ୧୨୭% ଅଭିବୃଦ୍ଧି ହାସଲ କରିଛି। ଫଳରେ କମ୍ପାନୀ ୨୦୨୨ ଜୁନ୍‌ରେ ୨,୧୨୫ଟି ଲୋ-ସ୍ପିଡ୍ ଓ ହାଇ-ସ୍ପିଡ୍ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ବିକ୍ରି କରିଛି। ଏହା ୨୦୨୧ ଜୁନ୍‌ରେ ୯୩୮ ୟୁନିଟ ଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (୨୦୨୨ ଏପ୍ରିଲ୍-ଜୁନ୍) ମଧ୍ୟରେ କମ୍ପାନୀ ୮,୦୦୦ରୁ ଅଧିକ ୟୁନିଟ୍ ଯାନ ବିକ୍ରି କରି ଗତ ଆର୍ଥିକ ବର୍ଷର ସମାନ ସମୟ ତୁଳନାରେ ୩୩୮% ଅଭିବୃଦ୍ଧି ହାସଲ କରିଛି।

ଏ ସମ୍ପର୍କରେ ୱାର୍ଡୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟିର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଯତିନ୍ ଗୁପ୍ତେ କହିଛନ୍ତି, ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ବଡ଼ ସଂଖ୍ୟକ ପରିବାରରେ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ଏକ ଅଂଶ ହୋଇପାରିଛି। ମାତ୍ର କଞ୍ଚାମାଲ ଉପଲବ୍ଧତାର ଅଭାବ ଭଳି ବିଭିନ୍ନ ଆହ୍ୱାନ ଯୋଗୁ ଆମେ ବର୍ଦ୍ଧିତ ବଜାର ଚାହିଦାକୁ ପୂରଣ କରିପାରୁନାହୁଁ।

ସେହି ସମସ୍ୟାକୁ ବୁଝିପାରି ଆମର ଯୋଗାଣ ଶୃଙ୍ଖଳକୁ ସ୍ୱାଭାବିକ କରିବା ଓ ଆମ ଉତ୍ପାଦ ପାଇଁ ଅପେକ୍ଷା ସମୟ ହ୍ରାସ କରିବା ଦିଗରେ ୱାର୍ଡୱିଜାର୍ଡରେ ଆମେ କାମ କରୁଛୁ।

### ଫୁର୍‌ସତ୍



ତାପସୀ ପନ୍ନୁ

## ପ୍ରଯୋଜକ ସାଜିବେ ତାପସୀ

**ମୁମ୍ବାଇ:** ଫିଲ୍ମ ଅଭିନେତ୍ରୀ ତାପସୀ ପନ୍ନୁ ପ୍ରଥମ ଥର ପାଇଁ ଫିଲ୍ମ ପ୍ରଯୋଜନା କ୍ଷେତ୍ରରେ ପାଦ ଥାପିବାକୁ ଯାଉଛନ୍ତି। ତେବେ ଏ ନେଇ ନାୟିକା ଜଣଙ୍କ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ତାପସୀଙ୍କ ଦ୍ୱାରା ପ୍ରଯୋଜିତ ଫିଲ୍ମରେ ସାମନ୍ତା ରୁଥ୍ ପ୍ରଭୁ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଯଦି ଦରକାର ପଡ଼େ ନିଜ ପ୍ରଯୋଜିତ ଫିଲ୍ମରେ କାମ କରିବେ ବୋଲି ସେ କହିଛନ୍ତି।

ଆଗାମୀ ଫିଲ୍ମ 'ସାବାସ୍ ମିଠୁ'ର ପ୍ରମୋଶନ୍‌ରେ ଏବେ ବ୍ୟସ୍ତ ତାପସୀ। ଫିଲ୍ମରେ ସେ ଭାରତୀୟ ମହିଳା କ୍ରିକେଟର ମିଥାଲି ରାଜ୍‌ଙ୍କ ଭୂମିକାରେ ନଜରକୁ ଆସିବେ। ଫିଲ୍ମଟି ୧୫ ତାରିଖରେ ମୁକ୍ତିଲାଭ କରିବ। ଶ୍ରୀଜିତ ମୁଖାର୍ଜୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି। 'ସାବାସ୍ ମିଠୁ'ର ପ୍ରମୋଶନ୍‌ବେଳେ ତାପସୀ ଫିଲ୍ମ ପ୍ରଯୋଜନା କରିବାକୁ ପ୍ରସ୍ତୁତ ହେଉ ଥିବା କଥା କହିଥିଲେ।

# ଫେମିନା ମିସ୍ ଇଣ୍ଡିଆ ସିନି ସେଟ୍ଟୀ

ମୁମ୍ବାଇ

ଚଳିତ ବର୍ଷ ଫେମିନା ମିସ୍ ଇଣ୍ଡିଆ ବିଜୟ ମୁକୁଟ ପିନ୍ଧିଛନ୍ତି କର୍ଣ୍ଣାଟକର ସିନି ସେଟ୍ଟୀ। ରବିବାର ପ୍ରତିଯୋଗିତାର ଫାଇନାଲ ଦିନ ଥିବାବେଳେ ଜଜ୍‌ମାନଙ୍କ ଦ୍ୱାରା ବିଜୟିନୀଙ୍କ ନାମ ଘୋଷଣା କରାଯାଇଥିଲା। ମୁମ୍ବାଇରେ ସିନିଙ୍କ ଜନ୍ମ ହୋଇଥିବାବେଳେ କର୍ଣ୍ଣାଟକରେ ସେ ରୁହନ୍ତି। ୨୧ ବର୍ଷୀୟା ସିନି ସିଏଫ୍‌ଏର ଛାତ୍ରୀ ଅଟନ୍ତି। ଜଣେ ଭରତନାଟ୍ୟମ ଡ୍ୟାନ୍ସର ହେବା ସହ ଆକାଉଣ୍ଟିଂ ଓ ଫାଇନାନ୍ସରେ ସେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ନିଜ ସଫଳତାର ସମସ୍ତ ଶ୍ରେୟ ସିନି ତାଙ୍କ ପରିବାରକୁ ଦେଇଛନ୍ତି। ସେମାନଙ୍କ ସମର୍ଥନ ବିନା ସେ ଏତେ ବଡ଼ ପ୍ରତିଯୋଗିତାର ବିଜୟ ହାସଲ କରି ପାରି ନ ଥାନ୍ତେ ବୋଲି କହିଛନ୍ତି। ନାଚ ତାଙ୍କୁ ଖୁବ୍ ପସନ୍ଦ ହୋଇଥିବାବେଳେ ୪ର୍ଥ ଶ୍ରେଣୀରୁ ସେ ନାଚ ଶିଖିବା ଆରମ୍ଭ କରିଥିଲେ।

ଫେମିନା ମିସ୍ ଇଣ୍ଡିଆର ପ୍ରଥମ ରନର୍ସଅପ୍ ହୋଇଛନ୍ତି ରାଜସ୍ଥାନର ରୁବଲ ଶେଖାୱତ। ଅନ୍ୟପଟେ ଉତ୍ତର ପ୍ରଦେଶର ଶିନାତା ଚୌଧୁରୀ ପ୍ରତିଯୋଗିତାରେ ଦ୍ୱିତୀୟ ରନର୍ସଅପ୍ ଟାଇଟଲ୍ ହାତେଇଛନ୍ତି। ଶିନାତା ଜଣେ ମେଧାବୀ ହୋଇଥିବାବେଳେ ଗୀତ ଗାଇବା, ରୋଷେଇ କରିବା ତାଙ୍କୁ ପସନ୍ଦ। ନେହା ଧୂପିଆ ଫେମିନା ମିସ୍ ଇଣ୍ଡିଆ ଟାଇଟଲ୍ ହାସଲ କରିବାର ୨୦ ବର୍ଷ ପୂର୍ତ୍ତି ଅବସରରେ ରବିବାର ଫେମିନା ମିସ୍ ପ୍ରତିଯୋଗିତାର ଫାଇନାଲ ଇଭେଣ୍ଟରେ ଏ ନେଇ ସ୍ୱତନ୍ତ୍ର କାର୍ଯକ୍ରମର ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ ୩୦ ରାଜ୍ୟର ବିଜେତାଙ୍କୁ ପରିଚିତ କରାଯାଇଥିଲା। ଡିଜାଇନର ଅଭିଷେକ ଶର୍ମାଙ୍କ ଦ୍ୱାରା ତିଆରି ଡିଜାଇନ୍ଡ ଡ୍ରେସ୍ ପ୍ରତିଯୋଗୀମାନେ ପରିଧାନ କରିଥିଲେ।




ରୁବଲ ଶେଖାୱତ | ସିନି ସେଟ୍ଟୀ | ଶିନାତା ଚୌଧୁରୀ

# ଆମ୍ବ କେ.ଜି. ୨.୭୦ ଲକ୍ଷ

ଏବେ ଆମ୍ବ ସିଜନ୍ ଚାଲିଛି। ବଜାରରେ ବିଭିନ୍ନ ପ୍ରକାରର ଆମ୍ବ ବିକ୍ରି ହେଉଛି। ଆମ୍ବ କିଲୋ ଅତିବେଶୀରେ ୧୫୦-୨୦୦ ଭିତରେ ରହିଥାଏ। କିନ୍ତୁ ଭାରତରେ ଏକ ଆମ୍ବ ବିକ୍ରି ହେଉଛି, ଯାହାର ଦାମ କିଲୋ ପ୍ରତି ୨.୭୦ ଲକ୍ଷ ଟଙ୍କା। ମଧ୍ୟପ୍ରଦେଶର ଜବଲପୁରରେ ପରିହାର ନାମକ ଜଣେ କୃଷକ ମିୟାଜାକି କିସମର ଦୁଇଟି ଆମ୍ବ ଗଛ ଲଗାଇଛନ୍ତି। ଏହି ଆମ୍ବ ଗଛକୁ ଜଗିବା ପାଇଁ ୩ ଜଣ ସିକ୍ୟୁରିଟି ଗାର୍ଡ ଏବଂ ୬ କୁକୁର ନିୟୋଜିତ ଅଛନ୍ତି। ଏହି ମହଙ୍ଗା ଆମ୍ବ ମିୟାଜାକି କିସମର ଅଟେ। ଏହି ଆମ୍ବ ଜାପାନରେ ବହୁଳମାତ୍ରାରେ ଗାଷ କରାଯାଏ। ଭାରତରେ ଏହି ଆମ୍ବ ଦୁର୍ଲଭ। ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଆରଜିପି ଗ୍ରୁପ୍ର ଚେୟାରମ୍ୟାନ ହର୍ଷ ଗୋଏଙ୍କା ନିଜ ଟୁଇଟ୍‌ରେ ମିଆଜାକି ଆମ୍ବ ବିଷୟରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଟ୍ରେନଯାତ୍ରା ସମୟରେ ପରିହାର ଜଣେ ବ୍ୟକ୍ତିଙ୍କଠାରୁ ମିୟାଜାକି ପ୍ଲାଣ୍ଟ କିଣିଥିଲେ। ଏ ପ୍ରକାର ଭିନ୍ନ ପ୍ରଜାତି ରୁବି ରଙ୍ଗର ଆମ୍ବ ଗଛ ଉପରେ ତାଙ୍କର କୌଣସି ଧାରଣା ନ ଥିଲା । କିନ୍ତୁ ଗଛରେ ଆମ୍ବ ଫଳିବା ପରେ ଏହି ଦାମୀ ଆମ୍ବ ସମ୍ପର୍କରେ ଜଣାପଡ଼ିଥିଲା।



## ୮୬ ବର୍ଷୀୟା ଫ୍ଲାଇଟ୍ ଆଟେଣ୍ଡାଣ୍ଟ

**ୱାଶିଂଟନ:** ଆମେରିକା ଏୟାରଲାଇନ୍ସର ୮୬ ବର୍ଷୀୟା ଫ୍ଲାଇଟ୍ ଆଟେଣ୍ଡାଣ୍ଟ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ସ୍ଥାନିତ କରିଛନ୍ତି। ବୋଷ୍ଟନର ବେଟେ ନାଶ ବିଶ୍ୱର ସବୁଠାରୁ ଅଧିକ ବୟସ୍କ ଫ୍ଲାଇଟ୍ ଆଟେଣ୍ଡାଣ୍ଟ। ଦୀର୍ଘ ୬୫ ବର୍ଷ ଧରି ବେଟେ ଆମେରିକା ଏୟାରଲାଇନ୍ସରେ କାମ କରିଆସୁଛନ୍ତି। ୧୯୫୭ରେ ସେ ପ୍ରଥମ କରି ଏହି ଚାକିରିରେ ଯୋଗଦେଇଥିଲେ। ଦିନବେଳେ ଫ୍ଲାଇଟ୍‌ରେ ରହୁଥିବାବେଳେ ରାତିରେ ସେ ଘରେ ରୁହନ୍ତି। ତାଙ୍କର ଜଣେ ଦିବ୍ୟାଙ୍ଗ ପୁଅ ଥିବାବେଳେ ରାତିରେ ତାଙ୍କ ଦେଖାଶୁଣା କରିବାରେ ସୁବିଧା ହେଉଥିବା କାରଣରୁ ସେ ଏହି ଚାକିରି କରିଥିବା କୁହନ୍ତି।



# ହ୍ୟାଣ୍ଡବ୍ୟାଗ୍‌ରେ ରଖନ୍ତୁ

**ଷ୍ଟାଇଲିଶ୍ ଦେଖାଯିବା ସହ ଜରୁରୀ ଜିନିଷ ରଖିବା ପାଇଁ ମହିଳାମାନେ ହ୍ୟାଣ୍ଡବ୍ୟାଗ ବ୍ୟବହାର କରିଥାନ୍ତି। ଏଥିରେ ବହୁ କିଛି ଜିନିଷ ରଖି ଓଜନିଆ କରିବା ବଦଳରେ କ'ଣ ସବୁ ରଖିବେ ଜାଣିରଖନ୍ତୁ...**





➤ଅଧିକ ସମୟ ପାଇଁ ବାହାରକୁ ଯିବାର ଥିଲେ ହ୍ୟାଣ୍ଡବ୍ୟାଗ୍‌ରେ ସନ୍‌ସ୍କ୍ରିନ୍ ଲୋସନ କିମ୍ବା କମ୍ପାକ୍ଟ ପାଉଡର ନିଶ୍ଚିତ ରଖନ୍ତୁ। ଖରାରେ ବାହାରକୁ ଯିବା ପୂର୍ବରୁ ସଙ୍ଗେ ସଙ୍ଗେ ସନ୍‌ସ୍କ୍ରିନ୍ ଲୋସନ ଲଗାଇପାରିବେ।

➤ନିଜର ସ୍ୱଚ୍ଛତା ପାଇଁ ପର୍ସ ଭିତରେ ୱାଇପ୍ସ ରଖନ୍ତୁ। ତେଣୁ ଆବଶ୍ୟକ ସମୟରେ ଆପଣ ନିଜ ମୁହଁକୁ ସଫାକରି ଫ୍ରେଶ୍ ଅନୁଭବ କରିପାରିବେ। ଏହା ବ୍ୟତୀତ କେଶକୁ ଫ୍ରେଶ୍ ରଖିବା ପାଇଁ ଆପଣ ଡ୍ରାଏ ଶାମ୍ପୁ ବି ବ୍ୟାଗ୍‌ରେ ରଖିପାରିବେ।

➤ଯଦି ଅଫିସ ଯାଉଛନ୍ତି ତେବେ ହ୍ୟାଣ୍ଡବ୍ୟାଗ୍ ଭିତରେ ଛୋଟ ପରଫ୍ୟୁମ ରଖନ୍ତୁ। ଫଳରେ ଅଫିସରେ କାମ ଶେଷ ବେଳକୁ ଆପଣ ମିଟିଂ କିମ୍ବା ଅନ୍ୟ କିଛି କାମରେ ଅଫିସରେ ବେଶି ସମୟ ରହିଲେ ପରଫ୍ୟୁମ୍ ବ୍ୟବହାରକରି ଫ୍ରେଶ୍ ଅନୁଭବ କରିପାରିବେ। ଖରାଦିନେ ବି ଏହା ବହୁ ଦରକାର ହୋଇଥାଏ।

➤ମେକ୍‌ଅପ୍‌କୁ ସେଟ୍‌କରି ରଖିବା ପାଇଁ ଚାହୁଁଥିଲେ ହ୍ୟାଣ୍ଡବ୍ୟାଗ୍‌ରେ ବ୍ଲଟିଂ ପେପର ରଖନ୍ତୁ। ତ୍ୱଚା ତୈଳାକ୍ତ ହୋଇଗଲେ ଏଥିରେ ଆପଣ ପୋଛି ସୁନ୍ଦର ଦେଖାଯାଇପାରିବେ। ବିନା ମେକ୍‌ଅପ୍‌ରେ ମଧ୍ୟ ଏହାକୁ ବ୍ୟବହାର କରିହେବ।

➤ହ୍ୟାଣ୍ଡବ୍ୟାଗ୍‌ରେ ଲିପ୍‌ଷ୍ଟିକ୍ ନିଶ୍ଚୟ ରଖନ୍ତୁ। ଫଳରେ ଓଠ ସହିତ ଗାଲ ଓ ଆଖି ଉପରେ ଏହାକୁ ଲଗାଇ ମେକ୍‌ଅପ୍ ଲୁକ୍ ଦେଇପାରିବେ। ଏହା ବ୍ୟତୀତ ଏକ ଛୋଟ ଲିପ୍‌ଷ୍ଟିକ୍ ମଧ୍ୟ ବ୍ୟାଗ୍‌ରେ ରଖନ୍ତୁ।

➤ଏହା ସହିତ ସାନିଟାଇଜର, ଲୋସନ କିମ୍ବା ସାନିଟାରି ପ୍ୟାଡ୍ ଆଦି ରଖନ୍ତୁ।

# ରହିବେନି ଝିଟିପିଟି



– ଶୁଖିଲା ଲଙ୍କା ଓ ଗୋଲମରିଚକୁ ସମାନ ମାତ୍ରାରେ ପାଣିରେ ମିଶାଇ ଘରର ସବୁ କୋଣରେ ସ୍ପ୍ରେ କରନ୍ତୁ। ଏପରି କରିବା ଦ୍ୱାରା ଝିଟିପିଟି ରହିବେ ନାହିଁ। କିନ୍ତୁ ଏହି ସ୍ପ୍ରେ ଯେପରି ନିଜ ଶରୀର କିମ୍ବା ଆଖିରେ ନ ପଡ଼େ ସେଥିପ୍ରତି ସତର୍କ ରହିବେ।

– କଫି ପାଉଡରରେ ତମାଖୁ ମିଶାଇ ଛୋଟ ଛୋଟ ଗୁଳାକରି ଝିଟିପିଟି ଆସୁଥିବା ସ୍ଥାନରେ ରଖି ଦିଅନ୍ତୁ। ଝିଟିପିଟି ଆସିବା ବନ୍ଦ ହୋଇଯିବ।

– ଅଣ୍ଡାର ଗନ୍ଧରେ ମଧ୍ୟ ଝିଟିପିଟି ଆସନ୍ତି ନାହିଁ। ତେଣୁ ଅଣ୍ଡା ଖୋଳ ରଖିଲେ ଝିଟିପିଟି ଆସିବେ ନାହିଁ।

– ରସୁଣକୁ ଘର ଏବଂ କବାଟ କୋଣରେ ରଖିଦେଲେ ଝିଟିପିଟି ଆସନ୍ତି ନାହିଁ।

– ମୟୂର ପୁଚ୍ଛକୁ ଘରେ ବିଭିନ୍ନ ସ୍ଥାନରେ ରଖିଲେ ଝିଟିପିଟି ଆସିବେ ନାହିଁ।

– ଝିଟିପିଟି ଉପରକୁ ଥଣ୍ଡା ପାଣି ପକାଇଲେ ସେମାନେ ପଳାଇଯାଆନ୍ତି।

– ଘରକୁ ସଫା ରଖନ୍ତୁ। ଘର କୋଣରେ ଅନାବଶ୍ୟକଭାବେ ବିଭିନ୍ନ ଡବା କିମ୍ବା ଜିନିଷ ରଖି ଝିଟିପିଟିଙ୍କ ପାଇଁ ରହିବା ସ୍ଥାନ ସୃଷ୍ଟି କରନ୍ତୁ ନାହିଁ।

– ଆସବାବପତ୍ରକୁ କାନ୍ଥଠାରୁ କିଛି ଦୂର ଛାଡ଼ି ରଖନ୍ତୁ।

– ଘରେ ଅସରପା ଓ ଅନ୍ୟ କୀଟପତଙ୍ଗ ସବୁ ଯେପରି ନ ରହିବେ ସେଥିପାଇଁ ଘରେ ବିଭିନ୍ନ ଉପାୟ ଆପଣାନ୍ତୁ। କାରଣ ଅନେକ ସମୟରେ ବିଭିନ୍ନ ପ୍ରକାର କୀଟପତଙ୍ଗ ଖାଇବା ପାଇଁ ଝିଟିପିଟି ଆସିଥାନ୍ତି।

## ଖାଦ୍ୟରୁଚି

# ଦହି ସାଣ୍ଡୱିଚ୍



**ଆବଶ୍ୟକ ସାମଗ୍ରୀ–**
ବ୍ରେଡ୍– ୬ ଖଣ୍ଡ, ଦହି– ୨ କପ୍, ମାୟୋନିଜ୍– ୫ ଚାମଚ, ଗୋଲମରିଚ ଗୁଣ୍ଡ– ୧ ଚାମଚ, କଞ୍ଚାଲଙ୍କା ପେଷ୍ଟ– ୧ ଚାମଚ, ଧନିଆପତ୍ର– ୨ ଚାମଚ (କଟା), ବଟର– ୪ ଚାମଚ, ପନିର– ୨ ଖଣ୍ଡ, ଟମାଟୋ– ୨ଟି (କଟା), ପିଆଜ– ୨ଟି (କଟା), ସୁଇଟ୍ କର୍ନ– ୨ କପ୍, କ୍ୟାପ୍ସିକମ୍– ୧ଟି (କଟା) ଓ ଲୁଣ ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଦହିରେ ଲୁଣ, ଲଙ୍କା ପେଷ୍ଟ, ମାୟୋନିଜ୍ ପକାଇ ଭଲଭାବେ ମିଶାନ୍ତୁ। ଏହାପରେ ପନିରକୁ ଗ୍ରେଟରରେ କୋରି ରଖନ୍ତୁ। ପିଆଜ, ଟମାଟୋ, ଧନିଆପତ୍ର, କ୍ୟାପ୍ସିକମ୍ ଆଦିକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ଏଥିରେ କର୍ନ ମିଶାଇ ଏକ ଗ୍ରେଭି ତିଆରି କରନ୍ତୁ। ଏବେ ବ୍ରେଡ୍ ଉପରେ ହାଲ୍‌କା ବଟର ଲଗାଇ ସେଥିରେ ପ୍ରସ୍ତୁତ ହୋଇଥିବା ଗ୍ରେଭିକୁ ଦୁଇଟି ବ୍ରେଡ୍ ମଝିରେ ରଖି ତାୱାରେ ହାଲ୍‌କା ସେକି ଦିଅନ୍ତୁ। ଦୁଇପଟକୁ ସେକି ତାୱାରୁ ବାହାରକରି ମଝିରୁ କାଟି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବ୍ରେଡ୍ ସାଣ୍ଡୱିଚ୍।



**କେତେ ମତ ପୁଣି କେତେ ବିଚାର। ସମସ୍ତଙ୍କ ପସନ୍ଦ ନାପସନ୍ଦ ବି ଅଲଗା। କିନ୍ତୁ ଏସବୁ ପରେ ବି ସେମାନେ ଏକ ସୂତ୍ରରେ ବନ୍ଧା। ଆଉ ଏଇ ପରିବାରରୁ ହିଁ ଆରମ୍ଭ ହୋଇଥାଏ ସୁସ୍ଥ ସମାଜର ମୂଳଦୁଆ। ତେଣୁ ପରିବାରର ସବୁ ସଦସ୍ୟଙ୍କ ଭିତରେ ସମନ୍ୱୟ ରକ୍ଷା କରି ପରିବାରକୁ ଏକାଠି କରି ରଖିବା ପାଇଁ ପ୍ରୟାସ କରିଥାନ୍ତି ଗୃହିଣୀମାନେ...**

# ସୁଖୀ ପରିବାର





ଜୀବନକୁ ନିଜ ଢଙ୍ଗରେ ଆଗେଇନେବାର ଚେଷ୍ଟା ତ ସମସ୍ତେ କରନ୍ତି, କିନ୍ତୁ ବାନ୍ଧି ହୋଇଥାନ୍ତି ଏକ ଶୃଙ୍ଖଳାରେ। ପରିବାରର ନୀତିନିୟମ ସ୍ନେହ ପ୍ରେମ ଆଉ ଭଲପାଇବାରେ। ପରିବାରର ବନ୍ଧନ ମଜଭୁତ ଥିଲେ ସହଜରେ ବଦଳିପାରେ ନକାରାତ୍ମକ ପରିସ୍ଥିତି। ତେଣୁ ପରିବାର ଗଢ଼ିବା ପାଇଁ ଗୃହିଣୀମାନଙ୍କୁ କ'ଣ କରିବାକୁ ହେବ ଜାଣି ରଖନ୍ତୁ।

### ପରସ୍ପରକୁ ସମୟ ଦିଅନ୍ତୁ

ଆଜିକାଲିର ଲାଇଫ୍‌ଷ୍ଟାଇଲ୍ ଏମିତି ହୋଇଛି ଯେ ସମସ୍ତେ ନିଜ ନିଜ କାମରେ ଖୁବ୍ ବ୍ୟସ୍ତ ରହୁଛନ୍ତି। ଏମିତିକି ନିଜେ ଟିକିଏ ଖୁସିରେ ସମୟ ବିତାଇବା ପାଇଁ ସୁଯୋଗ ପାଉନାହାନ୍ତି। ତେଣୁ ଅଧିକାଂଶ ସମୟ କାର୍ଯ୍ୟବ୍ୟସ୍ତ ରହୁଛନ୍ତି। କିନ୍ତୁ ଏହି କାରଣରୁ ପାରିବାରିକ ଜୀବନ ମଧ୍ୟ ଖରାପ ହୋଇଯାଉଛି। ତେଣୁ ଅଭିଭାବକମାନେ ପିଲାମାନଙ୍କୁ ଓ ଘରର ଗୁରୁଜନଙ୍କ ପାଇଁ ପ୍ରତିଦିନ କିଛି ସମୟ ଦେବା ନିହାତି ଆବଶ୍ୟକ। ଏହା ବ୍ୟତୀତ ସ୍ୱାମୀସ୍ତ୍ରୀ ମଧ୍ୟ ପରସ୍ପର ସହିତ କିଛି ସମୟ ଏକାଠି ବିତାନ୍ତୁ। ସମସ୍ତଙ୍କ ସହ ଏକାଠି ରହି ସମୟ କଟାଇଲେ ସମ୍ପର୍କ ମଜଭୁତ ହୋଇପାରିବ। ଖାଲି ସେତିକି ନୁହେଁ , ପରିବାରରେ ସମସ୍ତେ ପରସ୍ପର ସହିତ ଭାବନାତ୍ମକଭାବେ ଯୋଡ଼ିହୋଇ ରହିପାରିବେ ଏବଂ କେହି କେବେ ଏକୁଟିଆପଣ ଅବା ଅବସାଦଗ୍ରସ୍ତର ଶିକାର ହେବେ ନାହିଁ।



ସସ୍ମିତା



ପ୍ରଭାସିନୀ



ଅନ୍ନପୂର୍ଣ୍ଣା

### ସମସ୍ୟା ବୁଝନ୍ତୁ

ସବୁ ପରିବାରରେ ଛୋଟ ମୋଟ ଝଗଡ଼ା ତ ଅନେକ ଥର ହୋଇଥାଏ। କେବେ ଭାଇଭଉଣୀଙ୍କ ମଧ୍ୟରେ ତ କେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା କଟାକଟି କିମ୍ବା ଯୁକ୍ତିତର୍କ ହୋଇଥାଏ। କିନ୍ତୁ ଏସବୁ ଝଗଡ଼ା ବେଶି ସମୟ ରହିବା ଉଚିତ ନୁହେଁ। ଚାପଗ୍ରସ୍ତ କିମ୍ବା ଚିନ୍ତାରେ ରହିଲେ ବ୍ୟକ୍ତି ଚିଡ଼ିଚିଡ଼ା ସ୍ୱଭାବର ହୋଇ କେବେକେବେ ଝଗଡ଼ା କରିଥାନ୍ତି। ତେଣୁ ପରିସ୍ଥିତିକୁ ବୁଝି ଝଗଡ଼ା ସମାଧାନ କରି ଦିଅନ୍ତୁ। ଏ କ୍ଷେତ୍ରରେ ଗୃହିଣୀମାନେ ସମସ୍ତଙ୍କ ମଧ୍ୟରେ ସେତୁ ଭଳି ହୋଇ ବୁଝାମଣା ଠିକ୍ କରିଥାନ୍ତି। କାହାକୁ କେମିତିଭାବେ କ'ଣ କହି ଅବା କ'ଣ ଦେଇ ବୁଝାଇ ହେବ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଯଦି ପିଲାମାନେ ଝଗଡ଼ା କରୁଥାନ୍ତି ତେବେ କାହାର କ'ଣ ସମସ୍ୟା ରହିଛି ସେସବୁ ବୁଝି ସମାଧାନ କରି ଦିଅନ୍ତୁ।

### ଏକାଠି ବୁଲିବାକୁ ଯାଆନ୍ତୁ

ପରିବାରରେ ସମସ୍ତଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ମଜଭୁତ କରିବା ପାଇଁ ହେଲେ ସମସ୍ତେ ଏକାଠି ହୁଅନ୍ତୁ। ଏଥିପାଇଁ ସବୁଠୁ ଭଲ ମାଧ୍ୟମ ହେଉଛି ଏକାଠି ହୋଇ ସମସ୍ତେ ବୁଲିବାକୁ ଯିବା। କେବେକେବେ ପିଲାମାନଙ୍କୁ ନେଇ ତ କେବେ ଘରର ସମସ୍ତ ବୟସ୍କଙ୍କ ସହିତ ଏକାଠି ହୋଇ ବାହାରକୁ ଏପରି ସ୍ଥାନ ବୁଲିବାକୁ ଯାଆନ୍ତୁ ଯେଉଁଠିକୁ ଯିବା ପରେ ସମସ୍ତେ ଖୁସି ହୋଇପାରିବେ। ଫଳରେ ସମସ୍ତଙ୍କର ମନ ବେଶ୍ ଖୁସି ରହିବ ଓ ଚିନ୍ତାମୁକ୍ତ ରହିବେ।

ଭିନ୍ନ ଭିନ୍ନ ମନକୁ ନେଇ ଗଢ଼ା ପରିବାର। ତେଣୁ ପରସ୍ପର ଭିତରେ ମତପାର୍ଥକ୍ୟ ରହିବା ତ ସ୍ୱାଭାବିକ କଥା। ହେଲେ ଏସବୁ ଭିତରେ ସମସ୍ତଙ୍କ ସହ ବୁଝାମଣା ରକ୍ଷାକରି ପରିବାରରେ ଏକ ସୁନ୍ଦର ପରିବେଶ ଗଢ଼ିବା ବି ଜରୁରୀ।

## ଏମାନେ କ'ଣ କରନ୍ତି



### ଆବଶ୍ୟକତା ପୂରଣ କରେ

ସମସ୍ତଙ୍କ ସାଙ୍ଗରେ ଏକାଠି ରହୁଛି ବୋଲି ମୁଁ ବେଶ୍ ଖୁସିରେ ରହିପାରିଛି। ପିଲାମାନେ ସେମାନଙ୍କ ଜେଜେ ଜେଜେମା ଆଉ ଦାଦା ଖୁଡ଼ୀଙ୍କ ସହ ବେଶ୍ ଖୁସିରେ ସମୟ କଟାଇ ଦିଅନ୍ତି। ତା' ଛଡ଼ା କାହାର ଯଦି କେବେ ଦେହ ଖରାପ ହୁଏ ସମସ୍ତେ ବ୍ୟସ୍ତ ହୋଇ ସେବା ଯତ୍ନ କରି ଶୀଘ୍ର ଭଲ କରି ଦିଅନ୍ତି। ମୁଁ ଖାଲି ସମସ୍ତଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟାକରେ। ସେଥିପାଇଁ ସମସ୍ତଙ୍କର ଆବଶ୍ୟକତାକୁ ମୁଁ ଆଗୁଆ ଅନୁଭବ କରିବାକୁ ଚେଷ୍ଟା କରିଥାଏ। ତା' ଛଡ଼ା ସମସ୍ତଙ୍କ ସହ କଥା ହୋଇ ସେମାନଙ୍କର କ'ଣ ଦରକାର ସେହି ଅନୁସାରେ ମୁଁ ଯୋଗାଡ଼କରି ଦେଇଥାଏ।

*–ପ୍ରଭାସିନୀ ବେହେରା, ଗୃହିଣୀ, କଳିଙ୍ଗନଗର, ପାତ୍ରପଡ଼ା, ଭୁବନେଶ୍ୱର*

### ଯୋଗାଯୋଗର ମାଧ୍ୟମ

ଘରକୁ ଏକାଠିକରି ରଖିବା ପାଇଁ ସମସ୍ତଙ୍କ ମଧ୍ୟରେ ମୁଁ ଯୋଗାଯୋଗର ମାଧ୍ୟମଭାବେ କାମ କରେ। ଯାହାର ଯାହା ଦରକାର ହୋଇଥାଏ ସେସବୁ କାହା ମାଧ୍ୟମରେ ଆଣିବାକୁ ହେବ ସେ ବ୍ୟବସ୍ଥା କରିଦିଏ। ସେଥିପାଇଁ ସମସ୍ତେ ଖୁସି ହୋଇଯାନ୍ତି ଆଉ ସମସ୍ତେ ସମସ୍ତଙ୍କୁ ଭଲପାନ୍ତି। ତା' ଛଡ଼ା ଆମେ ମଝିରେ ମଝିରେ ସମସ୍ତେ ମିଶି ଏକାଠି ବାହାରକୁ ଖାଇବାକୁ ବି ଯାଉ।

*–ସସ୍ମିତା ନାୟକ, ଗୃହିଣୀ, ଭେନସ୍ ଆପାର୍ଟମେଣ୍ଟ, ମେହରାଲି, ନୂଆଦିଲ୍ଲୀ*

### ସମସ୍ତଙ୍କ ଖବର ବୁଝେ

ଘରେ ସମସ୍ତଙ୍କ ପାଇଁ ରୋଷେଇ କରିବାବେଳେ କିଏ କ'ଣ ଖାଏ ନ ଖାଏ ସେଥିପ୍ରତି ମୁଁ ସତର୍କ ଥାଏ। ପରିବାରରେ ପିଲା ହୁଅନ୍ତୁ କି ବଡ଼ କାହାର ଦେହ ଖରାପ ହେଲେ ତୁରନ୍ତ ସେମାନଙ୍କ ଚିକିତ୍ସା ଓ ଯତ୍ନ କରିଥାଏ। ଯଦିଓ ଘରକାମ ସାହାଯ୍ୟ ପାଇଁ ଜଣେ ସହାୟକ ଅଛନ୍ତି କିନ୍ତୁ ଏସବୁ ସତ୍ତ୍ୱେ ସମସ୍ତଙ୍କ ଖିଆପିଆ ଓ ଅନ୍ୟାନ୍ୟ ଖବର ମୁଁ ନିଜେ ବୁଝିଥାଏ। ଘରକାମ ସହ ପରିବାରକୁ ଖୁସିରେ ରଖିବା ପାଇଁ ମୁଁ ଚାକିରି ମଧ୍ୟ ଛାଡ଼ି ଦେଇଛି।

*–ଅନ୍ନପୂର୍ଣ୍ଣା ବିଶ୍ୱାଳ, ଗୃହିଣୀ, ଲିଙ୍ଗପଡ଼ା, ସୋର, ବାଲେଶ୍ୱର*

## ସୌନ୍ଦର୍ଯ୍ୟ

# ବେକର କଳାପଣ ଦୂରାନ୍ତୁ

**ମୁହଁର ତ୍ୱଚା ସୁନ୍ଦର କରିବା ପାଇଁ ସମସ୍ତେ ବିଭିନ୍ନ ପ୍ରକାର ଉପଚାର କରିଥାନ୍ତି। କିନ୍ତୁ ବେକର ତ୍ୱଚା ବେଳେବେଳେ ଅତ୍ୟଧିକ କଳା ହୋଇଯାଇଥାଏ। ଏହାଫଳରେ ସୌନ୍ଦର୍ଯ୍ୟ ଫିକା ପଡ଼ିଯାଏ। ତେଣୁ ବେକର କଳାପଣ ଦୂରକରିବା ପାଇଁ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**



➔ବେସନ ସହ ଲେମ୍ବୁ ମିଶାଇ ଲଗାଇଲେ ବେକର କଳାଦାଗ ଦୂର ହୋଇପାରିବ। ଏଥିପାଇଁ ଏକ ଚାମଚ ବେସନ ସହିତ ଏକ ଚାମଚ ଲେମ୍ବୁରସ ମିଶାଇ ବେକରେ ଲଗାଇ ୧୫ ମିନିଟ୍ ପରେ ସ୍କ୍ରବ୍ କରି ଧୋଇଦିଅନ୍ତୁ। ପ୍ରତିଦିନ ଏପରି କରିବା ଫଳରେ ଧୀରେ ଧୀରେ କଳାପଣ ଦୂର ହୋଇଯିବ।

➔ଏକ ଚାମଚ ଲେମ୍ବୁରସ ସହିତ ଏକ ଚାମଚ ମହୁ ମିଶାଇ ଏହାକୁ ବେକରେ ଲଗାନ୍ତୁ। କିଛି ସମୟ ପରେ ଏହାକୁ ଓଦା କପଡ଼ାରେ ଘଷି ଧୋଇଦିଅନ୍ତୁ।

➔କଞ୍ଚା ଅମୃତଭଣ୍ଡାକୁ ପେଷ୍ଟକରି ସେଥିରେ କିଛି ଦହି ଓ ଗୋଲାପଜଳ ମିଶାନ୍ତୁ। ଏହି ପେଷ୍ଟକୁ ବେକରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶୁଖିଗଲାପରେ ଏହାକୁ ଧୋଇ ଦିଅନ୍ତୁ।

➔ଏକ ଚାମଚ ଚାଉଳ ଗୁଣ୍ଡକରି ସେଥିରେ ଏକ ଛୋଟ ଆଳୁର ପେଷ୍ଟ ମିଶାନ୍ତୁ। ଏଥିରେ ଏକ ଚାମଚ ଗୋଲାପଜଳ ମିଶାଇ ବେକରେ ଲଗାନ୍ତୁ। ୨୦ ମିନିଟ୍ ପରେ ଏହାକୁ ଘଷି ଧୋଇଦିଅନ୍ତୁ। କିଛିଦିନ ଏପରି କରିବା ଫଳରେ ବେକର କଳାପଣ ଦୂର ହୋଇଯିବ।



## ସଂକ୍ଷେପରେ

### ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର



**ଭଦ୍ରକ ଅଫିସ,୪।୭:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ରାହାଞ୍ଜ ନିକଟରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ କାର୍ ଭାରସାମ୍ୟ ହରାଇ ରାସ୍ତାରେ ଥିବା କଂକ୍ରିଟ ମିକ୍ସଚର ମେଶିନ ସହ ପିଟି ହୋଇଯିବାରୁ ଘଟଣାସ୍ଥଳରେ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ଗୁରୁତର ହୋଇଛନ୍ତି। କାର୍‌ରେ ଥିବା ତାଙ୍କ ଅଢ଼େଇ ବର୍ଷର ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ମୃତକ ହେଲେ ଧାମନଗର ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଲାଇନମ୍ୟାନ୍ ତଥା ଅସୁରାଳି ଗ୍ରାମର ସୁରେନ୍ଦ୍ର ସାହୁ। ଗୁରୁତର ଅବସ୍ଥାରେ ସ୍ତ୍ରୀ ରେଣୁବାଳାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସୁରେନ୍ଦ୍ର ନିଜ କାର୍‌ରେ ସ୍ତ୍ରୀ ରେଣୁବାଳା ଓ ଝିଅଙ୍କୁ ନେଇ ଶ୍ୱଶୁରଘର ବାଲେଶ୍ୱର ଜିଲା ସୋର ଅଞ୍ଚଳକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ଯୁବକଙ୍କୁ ପିଟି ମାରିଦେଲେ, ଅଭିଯୁକ୍ତ ଗିରଫ

#### ବିବାହ ଭୋଜିରେ ଗଣ୍ଡଗୋଳକୁ ନେଇ ହତ୍ୟାକାଣ୍ଡ

**ଭଦ୍ରକ ଅଫିସ, ୪।୭:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ ରବିବାର ରାତିରେ ଏକ ବିବାହ ଭୋଜିରେ ଗଣ୍ଡଗୋଳକୁ ନେଇ ହତ୍ୟାକାଣ୍ଡ ଘଟିଛି। ବିଜୟଗଙ୍ଗାଧରପୁର ଗ୍ରାମର ତାରିଣୀ ଛକଠାରେ ଜଣେ ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ବିଜୟ ଗଙ୍ଗାଧରପୁର ଗ୍ରାମର ଦୀନବନ୍ଧୁ ମାଝିଙ୍କ ମଝିଆ ପୁଅ ବିଦ୍ୟାଧର(୩୪)। ଏହି ଘଟଣାରେ ଗ୍ରାମାଞ୍ଚଳ ଥାନା ପୋଲିସ ସୋମବାର ଅପରାହ୍ନରେ ଅଭିଯୁକ୍ତ ଆଦିତ୍ୟ କୁମାର ରାଉତଙ୍କୁ ଗିରଫ କରିଛି। ଏନେଇ ମୃତ ବିଦ୍ୟାଧରଙ୍କ ବଡ଼ଭାଇ ମଧୁସୂଦନଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବିଦ୍ୟାଧର ରାତିରେ ଭଦ୍ରକ ବିଜୁ କଲ୍ୟାଣ ମଣ୍ଡପରେ ହେଉଥିବା ତାଙ୍କ ସାଙ୍ଗ ବାହାଘରରେ ବରଯାତ୍ରୀ ହୋଇଯାଇଥିଲେ। ସେଠାରେ କୌଣସି କଥାକୁ ନେଇ ବିଦ୍ୟାଧର ଓ ଆଦିତ୍ୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ବିଳମ୍ବିତ ରାତିରେ ସେ ଗାଁକୁ ଫେରି ତାରିଣୀ ଛକ ନିକଟରେ ରଖିଥିବା ତାଙ୍କ ବାଇକ୍ ଆଣିବାକୁ ଯାଇଥିଲେ। ସେଠାରେ ପୂର୍ବରୁ ଜଗି ରହିଥିବା ଆଦିତ୍ୟ ଏକ ଠେଙ୍ଗାରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡ ଓ କାନମୂଳରେ ଶକ୍ତ ପ୍ରହାର ଯୋଗୁ ସେ ତଳେ ପଡ଼ି ଅଚେତ ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ପୋଲିସ ତଦନ୍ତ ଜାରି ରଖିଛି।

### ୩ ମିଲିସିଆ ମାଓବାଦୀ ଗିରଫ

**ମାଲକାନଗିରି,୪।୭(ଡି.ଏନ.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ କୋମ୍ବିଂ ଅପରେଶନ ବେଳେ ୩ ଜଣ ମିଲିସିଆ ମାଓବାଦୀ ଗିରଫ ହୋଇଛନ୍ତି। ସେମାନେ ହେଲେ ସୋନାରୁ ରାମ, ସୁକ୍କୁ ଇଡୋଗ, ଶୋନୁ ରାମ। ଖବରରୁ ଜଣାପଡିଛି, ଡିଆରଜି, ଜିଲା ପୋଲିସ ଓ ଆଇଟିବିପି ଯବାନଙ୍କ ଦ୍ୱାରା ମିଳିତ ଭାବେ ସୋମବାର ନାରାୟଣପୁର ଜିଲାର ଜିବଲାପଦର ଗ୍ରାମ ଜଙ୍ଗଲରେ ମାଓବାଦୀ ଦମନ ଅପରେଶନ କରାଯାଉଥିଲା। ଏହି ସମୟରେ ୩ ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଲିସକୁ ଦେଖି ଲୁଚି ପଳାଇବାକୁ ଉଦ୍ୟମ କରିଥିଲେ। ଯବାନମାନେ ସେମାନଙ୍କୁ ତୁରନ୍ତ କାବୁ କରି ନେଇଥିଲେ। ସେମାନଙ୍କୁ ପଚରା ଉଚରା କରିବାରୁ ସେମାନେ ସମସ୍ତେ କଚ୍ଛାପାଲ ମାଓବାଦୀ ଦଳରେ ମିଲିସିଆ ଭାବେ କାର୍ଯ୍ୟ କରୁଥିବା ସ୍ୱୀକାର କରିଥିଲେ। ପରେ ସେମାନଙ୍କୁ ଗିରଫ କରି ଜିଲା ପୋଲିସ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେମାନେ ବିଭିନ୍ନ ସ୍ଥାନରେ ଆଇଇଡି ବୋମା ଖଞ୍ଜି ଜଙ୍ଗଲ ମଧ୍ୟରେ ଲୁଚି ରହିଥିବା ସ୍ୱୀକାର କରିଥିଲେ। ପରେ ପୋଲିସ ଗିରଫ ମାଓବାଦୀଙ୍କୁ ସାଙ୍ଗରେ ନେଇ ବିଭିନ୍ନ ସ୍ଥାନରେ ପୋତିଥିବା ୧୩ଟି ବୋମାକୁ ଉଦ୍ଧାର କରିଥିଲା।

# ‘୩ ସିନିୟରଙ୍କୁ ସାମ୍ନାକୁ ଅଣାଯାଉ’



**ରାଗିଂରୁ ବିଜେବି ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ମାମଲା**

- କଲେଜ ଫାଟକ ସାମ୍ନାରେ ବସି ରହିଛନ୍ତି ପରିବାର ଲୋକେ
- ଧାରଣା ଜାରି ରଖିଛନ୍ତି ଏକାଧିକ ଛାତ୍ର ସଙ୍ଗଠନ
- ସିବିଆଇ ତଦନ୍ତ, ନ୍ୟାୟ ମିଳିବା ଜିଦ୍‌ରେ ମାଆ, ବାପା, ଛାତ୍ରୀଛାତ୍ର

**ଭୁବନେଶ୍ୱର,୪।୭(ବ୍ୟୁରୋ)**

କମିଶନରେଟ ପୋଲିସରେ ବହୁ ଦକ୍ଷ ଅଫିସର ଅଛନ୍ତି। ବଡ଼ ବଡ଼ ମାମଲାରେ ଅଭିଯୁକ୍ତଙ୍କୁ ଧରିପାରୁଛନ୍ତି। ହେଲେ ରୁଚିକାଙ୍କୁ ଯେଉଁ ୩ଜଣ ସିନିୟର ଛାତ୍ରୀ ନିର୍ଯାତନା ଦେଇଥିଲେ, ସେମାନଙ୍କୁ ସମସ୍ତେ ଜାଣନ୍ତି। କିନ୍ତୁ ପୋଲିସ କାହିଁକି ସେହି ଅଭିଯୁକ୍ତ ସିନିୟରଙ୍କୁ ସାମ୍ନାକୁ ଆଣିବାକୁ ସାହସ କରୁନାହିଁ? ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଆନ୍ଦୋଳନ ଚଳାଇଥିବା ତାଙ୍କ ପରିବାର ସଦସ୍ୟ, ଛାତ୍ର ସଙ୍ଗଠନ ଓ ରାଜନୈତିକ ଦଳର କର୍ମକର୍ତ୍ତା ଏଭଳି ପ୍ରଶ୍ନ ଉଠାଇଛନ୍ତି। ଚାପ ନା ଶିକ୍ଷାନୁଷ୍ଠାନକୁ ରାଗିଂ ବଦନାମରୁ ସୁରକ୍ଷା ନା ନିଜ ଅଯୋଗ୍ୟତା ପାଇଁ ପୋଲିସ ନିଜକୁ ଦୁର୍ବଳ ସଜାଉଛି ବୋଲି ସେମାନଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ନ୍ୟାୟ ନ ମିଳିବା ଯାଏ ଧାରଣାରେ ସେମିତି ବସି ରହିବୁ ବୋଲି ରୁଚିକାଙ୍କ ମା’ ଓ ବାପା କହିଛନ୍ତି। କାରୁବାକୀ ଛାତ୍ରୀ ନିବାସର ରୁମ୍ ନଂ.୨୦୨ରୁ ରୁଚିକାଙ୍କ ମୃତଦେହ ମିଳିବାକୁ ଇତିମଧ୍ୟରେ ୪୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଛି। ଏପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଥିବା ବା ରୁଚିକା ତାଙ୍କ ସୁଇସାଇଡ୍ ନୋଟ୍‌ରେ ଯେଉଁ ୩ ସିନିୟରଙ୍କୁ ଦାୟୀ କରିଛନ୍ତି, ସେମାନଙ୍କୁ ଏଯାଏ କମିଶନରେଟ ପୋଲିସ ଚିହ୍ନଟ କରିପାରି ନାହିଁ। ଘଟଣା ଦିନ ଅର୍ଥାତ୍ ଶନିବାର ପ୍ରଥମେ ରୁଚିକାଙ୍କ ମା’, ବାପା, ଭାଇ ହଷ୍ଟେଲ ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ। ରବିବାର ସନ୍ଧ୍ୟାରୁ ନବ ନିର୍ମାଣ ଯୁବଛାତ୍ର ସଂଗଠନ (ଏନ୍‌ୱାଇସିଏସ୍) ସହାୟତାରେ ପୁଣି ରୁଚିକାଙ୍କ ପରିବାର ଲୋକେ କଲେଜର ମୁଖ୍ୟ ଫାଟକ ସାମ୍ନାରେ ଧାରଣାରେ ବସି ରହିଛନ୍ତି। ସେହିଭଳି ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟ ଆନ୍ଦୋଳନକୁ ଓହ୍ଲାଇଛି। ଅନ୍ୟ ଏକ ଫାଟକ ଆଗରେ ରୁଚିକାଙ୍କ ପରିବାର ସଦସ୍ୟଙ୍କୁ ଧରି ନ୍ୟାୟ ଦାବି କରିଛି। ଆନ୍ଦୋଳନରେ ବହୁ ଛାତ୍ରୀଛାତ୍ର, ମହିଳା ସାମିଲ ହେଉଛନ୍ତି। ସୋମବାର କମିଶନରେଟ ପୋଲିସର ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ ଓ ଅନ୍ୟ ଅଧିକାରୀମାନେ ସେଠାରେ ପହଞ୍ଚି ଧାରଣାରୁ ଉଠିବାକୁ ଅନୁରୋଧ କରିଥିଲେ। ହେଲେ ମାମଲାର ସିବିଆଇ ତଦନ୍ତ ଓ ରୁଚିକାଙ୍କୁ ନ୍ୟାୟ ପ୍ରଦାନ ପାଇଁ ସେମାନେ ଅଡ଼ି ବସିଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ମଧ୍ୟ ସେମାନେ ଧାରଣାରୁ ଉଠୁନାହାନ୍ତି। ମା’ ବିଦ୍ୟୁତପ୍ରଭା କହିଛନ୍ତି, ସମ୍ପୃକ୍ତ ସିନିୟରମାନଙ୍କୁ କାହିଁକି ଧରାଯାଉନାହିଁ। ମୋ ଝିଅକୁ ନ୍ୟାୟ ଦେବାକୁ ଓଡ଼ିଶାବାସୀ ଓ ସରକାରଙ୍କୁ ମୁଁ ଅନୁରୋଧ କରୁଛି। ନ୍ୟାୟ ନ ମିଳିବା ଯାଏ ଧାରଣାରୁ ଉଠିବିନି ବୋଲି ସେ କହିଛନ୍ତି।

କମିଶନରେଟ ପୋଲିସ ପକ୍ଷରୁ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ପାଲ କହିଛନ୍ତି, ରବିବାର ୬୦ଜଣ ସିନିୟରଙ୍କୁ ପଚରାଉଚରା କରାଯାଇଥିଲା। ଅବଶିଷ୍ଟ ସିନିୟରଙ୍କୁ ଏବେ ମଧ୍ୟ ପଚରାଉଚରା ଜାରି ରହିଛି। ସମ୍ପୃକ୍ତ ଥିବା ୩ ସିନିୟରଙ୍କୁ ଚିହ୍ନଟ କରାଯାଇ ନ ଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ରୁଚିକାଙ୍କ ସହପାଠିନୀ ଓ ହଷ୍ଟେଲ ଅନ୍ତେବାସୀ ଜାଣିଥିବା ଜଣାପଡିଥିଲେ ମଧ୍ୟ କଲେଜ ପକ୍ଷରୁ ଆକ୍ରୋଶର ଶିକାର ହେବା ଆଶଙ୍କା କରି ମୁହଁ ଖୋଲୁ ନାହାନ୍ତି। କିନ୍ତୁ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ସମ୍ପୃକ୍ତ ସିନିୟରଙ୍କୁ ଯଥାଶୀଘ୍ର ଧରାଯାଉ ଓ ରୁଚିକାଙ୍କୁ ନ୍ୟାୟ ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି।

## ବଜ୍ରପାତରେ ଜଣେ ମୃତ

**କଟକ ସଦର,୪।୭(ଡି.ଏନ୍.ଏ.):** ବଜ୍ରପାତରେ ସୋମବାର କନ୍ଦରପୁର ଥାନା ଅଥଙ୍ଗା ଗ୍ରାମର ବାବନ ପରିଡ଼ା(୫୫)ଙ୍କ ମୃତ୍ୟୁ ଘଟିଛି। ଅପରାହ୍ନରେ ବାବନ ବାଉଁଶ କାଟିବାକୁ ଯାଇଥିବା ବେଳେ ହଠାତ୍ ବର୍ଷା ସହ ଘଡ଼ଘଡ଼ି ମାରିଥିଲା। ଫଳରେ ବାବନ ଅଚେତ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କଟକ ବଡ଼ ଡାକ୍ତଖାନା ନେଇଥିଲେ। ସେଠାରେ ଡାକ୍ତର ବାବନଙ୍କୁ ମୃତ ଘୋଷଣା କରିଥିଲେ।

**ଜନ୍ମବାର୍ଷିକ ଶୁଭେଚ୍ଛା**




Arshit
IRC Village, BBSR
ଆଜି ଶୁଭ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ତୋର ସୁଖ, ନିରାମୟ ତଥା ଦୀର୍ଘଜୀବନ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ ପରିବାରବର୍ଗ ।
ଧ-୯୦୦

## ବିଦ୍ୟୁତ୍ ଟାୱାରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ



ଟାୱାର ଉପରୁ ଯୁବକଙ୍କୁ ଉଦ୍ଧାର କରାଯାଉଛି।

#### ୫ଘଣ୍ଟା ପରେ ଯୁବକ ଉଦ୍ଧାର

**ରେଢ଼ାଖୋଲ,୪।୭(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାମୀ-ସ୍ତ୍ରୀ କଳହକୁ ନେଇ ଜଣେ ଯୁବକ ୩୩କେଭି ବିଦ୍ୟୁତ୍ ଟାୱାରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଦୀର୍ଘ ୪ଘଣ୍ଟା ପରେ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପ୍ରାୟ ୧୨୦ଫୁଟ ଉଚ୍ଚରୁ ଦୋଳା ସାହାଯ୍ୟରେ ଯୁବକଙ୍କୁ ଉଦ୍ଧାର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳ ଜିଲା ତାଳଚେର କଣିହାଁ ଥାନା ହନୁମାନପୁରର ଆକାଶ ନାୟକ (୩୦) ଡ୍ରାଇଭର ଭାବେ କାମ କରନ୍ତି। ୭ବର୍ଷ ତଳେ ସେ ରେଢ଼ାଖୋଲ ଥାନା ବଡବାହାଲ ପଞ୍ଚାୟତ ଯୁବରାଜପୁର ଗ୍ରାମର କୁନି ନାୟକଙ୍କୁ ଭଲପାଇ ବିବାହ କରିଥିଲେ। ତାଙ୍କର ୨ଟି ସନ୍ତାନ ଅଛନ୍ତି। ତେବେ କୌଣସି କାରଣକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ୨ବର୍ଷ ହେବ କଳିଗୋଳ ଲାଗିରହିଥିଲା। ୨ଦିନ ତଳେ ପାଟିତୁଣ୍ଡ ଯୋଗୁ କୁନି ଦୁଇପିଲାଙ୍କୁ ଧରି ବାପଘର ଯୁବରାଜପୁର ଚାଲିଆସିଥିଲେ। ରବିବାର ସନ୍ଧ୍ୟାରେ ଆକାଶ ଯୁବରାଜପୁର ଗ୍ରାମକୁ ଆସି ସ୍ତ୍ରୀଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। ହେଲେ ଏଥିରେ କୁନି ରାଜି ହୋଇ ନ ଥିଲେ। ଏଥିରେ ମର୍ମାହତ ହୋଇ ଆକାଶ ଗ୍ରାମକୁ ଫେରିଆସିଥିଲେ। ସୋମବାର ସକାଳେ ସେ ଗାଁ ନିକଟ ଖଣ୍ଡହତା ଗ୍ରାମ ଜମିମାଳ ଦେଇ ଯାଇଥିବା ଉଚ୍ଚ କ୍ଷମତାସମ୍ପନ୍ନ ୩୩ କେଭି ବିଦ୍ୟୁତ୍ ଟାୱାର ଉପରକୁ ଚଢ଼ିଯାଇଥିଲେ। ଗାଁ ଲୋକଙ୍କ ଖବର ପାଇ ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ନେଇ ପହଞ୍ଚିଥିଲା। କର୍ମଚାରୀମାନେ ବୁଝାଶୁଝା କରିଥିଲେ ମଧ୍ୟ ଆକାଶ ଶୁଣି ନ ଥିଲେ। ପରେ ଦୁଇ ବିଭାଗର କର୍ମଚାରୀ ଟାୱାର ଉପରକୁ ଉଠି ଦୌଡିରେ ତିଆରି ଦୋଳାରେ ବସାଇ ତାଙ୍କୁ ତଳକୁ ଆଣିଥିଲେ। ଉଦ୍ଧାର ପରେ ତାଙ୍କୁ ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ରାସ୍ତାକୁ ମାଡ଼ି ଆସିଲା ଜୁଆର



ଦୀଘା ସମୁଦ୍ରକୂଳ ରାସ୍ତାରେ ପର୍ଯ୍ୟଟକମାନେ ସ୍ନାନର ମଜା ନେଉଛନ୍ତି।

#### ମଜା ଉଠାଇଲେ ପର୍ଯ୍ୟଟକ

**ଭୋଗରାଇ, ୪।୭(ଡି.ଏନ.ଏ.)**

ରାସ୍ତାରେ ସମୁଦ୍ରସ୍ନାନ। ସୋମବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସୈକତ ସହରରେ। ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ହୋଇଥିବା ବେଳେ ସମୁଦ୍ର ଅଶାନ୍ତ ହୋଇଛି। ଅମାବାସ୍ୟା ପରେ ଘୂର୍ଣ୍ଣିବଳୟ ଓ ଲଘୁଚାପ ସୃଷ୍ଟି ହେବା ସହ ସମୁଦ୍ରର ବଡ଼ବଡ଼ ଢ଼େଉ କୂଳ ଆଡ଼କୁ ମାଡ଼ି ଆସି ସୁରକ୍ଷା ପଥରବନ୍ଧରେ ମାଡ଼ କରୁଛି। ଏପରିକି ଦୀଘା ସି-ବିଚ୍ ପଥରବନ୍ଧ ଡେଇଁ ସମୁଦ୍ରର ଉତ୍ତାଳ ଢେଉ ସହର ମଧ୍ୟକୁ ପ୍ରବେଶ କରିଛି। ଦୀଘା ସୈକତ ସହରକୁ ବୁଲି ଆସିଥିବା ବହୁ ପର୍ଯ୍ୟଟକ ସି-ବିଚ୍ ରାସ୍ତାରେ ସମୁଦ୍ରସ୍ନାନ କରିବା ସହିତ ଜଳ ଉଚ୍ଛ୍ୱାସର ମଜା ନେଇଛନ୍ତି। ସମୁଦ୍ର କୂଳରେ ଥିବା ସହସ୍ରାଧିକ ହୋଟେଲରେ ପର୍ଯ୍ୟଟକମାନେ ସମୁଦ୍ରର ଏଭଳି ମନୋରମ ଦୃଶ୍ୟକୁ ଉପଭୋଗ କରିଛନ୍ତି। ଦୀଘା ସମୁଦ୍ରକୁ ପର୍ଯ୍ୟଟକଙ୍କୁ ନ ଯିବା ଲାଗି ପୋଲିସ ପକ୍ଷରୁ ଘନ ଘନ ପ୍ରଚାର କରାଯାଇ ତୀକ୍ଷ୍ଣ ନଜର ରଖାଯାଇଛି। ଅପରପକ୍ଷରେ ଭୋଗରାଇର ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ବାଲିଆପାଳର ଚୌମୁଖ, ଡଗରା ଆଦି ସମୁଦ୍ରକୂଳ ଅଶାନ୍ତ ରହୁଥିବାରୁ ପର୍ଯ୍ୟଟକଙ୍କୁ ଜୁଆର ବେଳେ ଗାଧୋଇବା ପାଇଁ ବାରଣ କରାଯିବା ସହିତ ମତ୍ସ୍ୟଜୀବୀମାନଙ୍କୁ ଲାଇଫ୍ ଜାକେଟ୍, ଡଙ୍ଗାରେ ବିପଦକାଳୀନ ଯନ୍ତ୍ର, ଟ୍ୟୁବ ସାଙ୍ଗରେ ନେବାକୁ ମତ୍ସ୍ୟ ସହକାରୀ ଅଧିକାରୀ ଅନନ୍ତ ଜେନା ସୂଚନା ଦେଇଛନ୍ତି।

## ଆଖି ବୁଜିଲା ଅସୁସ୍ଥ ହାତୀ

- ସେପ୍ଟିସେମିଆ ହୋଇଥିବା ସନ୍ଦେହ
- ପାଟିରେ ବୋମା ଫୁଟିଥିବା ଅସ୍ପଷ୍ଟ: ଡିଏଫ୍ଓ

**ଢେଙ୍କାନାଳ ଅଫିସ୍, ୪।୭:** ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ସାତକୋଶିଆ ଅଭୟାରଣ୍ୟରୁ ଉଦ୍ଧାର ହୋଇ ଆସିଥିବା ଅସୁସ୍ଥ ଅଣ୍ଡିରା ହାତୀ ରବିବାର ସନ୍ଧ୍ୟାରେ ଆଖି ବୁଜିଛି। ସୋମବାର ନିୟମ ଅନୁଯାୟୀ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଛି। ସେପ୍ଟିସେମିଆ ଯୋଗୁ ହାତୀଟିର ମୃତ୍ୟୁ ଘଟିଥିବା ବନ ବିଭାଗ ଅନୁମାନ କରୁଛି।

ସାତକୋଶିଆ ଅଭୟାରଣ୍ୟରେ ଅସୁସ୍ଥ ହୋଇ ବୁଲୁଥିବାବେଳେ ଆନୁମାନିକ ୬ବର୍ଷ ବୟସର ଉକ୍ତ ହାତୀକୁ ସେଠାକାର ବନ କର୍ମଚାରୀ ଠାବ କରିଥିଲେ। ଏହାକୁ ଚିକିତ୍ସା ପାଇଁ ଶୁକ୍ରବାର ରାତିରେ କପିଳାସ ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଥିଲା। ସାତକୋଶିଆ ଏବଂ କପିଳାସର ବନ୍ୟପ୍ରାଣୀ ଚିକିତ୍ସକଙ୍କ ସବୁ ଉଦ୍ୟମ ସତ୍ତ୍ୱେ ହାତୀ ଜୀବନ ବଞ୍ଚାଇବା ସମ୍ଭବପର ହୋଇନାହିଁ। ହାତୀ ପାଟିରେ ଗୁରୁତର ସଂକ୍ରମଣ ହୋଇଥିଲା। ଏହି କାରଣରୁ ସେ ଖାଦ୍ୟ ଗ୍ରହଣ କରିପାରୁ ନ ଥିଲା। ସାତକୋଶିଆ ଅଭୟାରଣ୍ୟର ଟାଇଁସି ଅଞ୍ଚଳରେ ବାରହା ଶିକାର ପାଇଁ ରଖାଯାଇଥିବା ବୋମାଫୁଟି ଏହାର ପାଟିରେ ଘା’ ହୋଇଥିବା ଚର୍ଚ୍ଚା ହେଉଥିବାବେଳେ ଏହାକୁ ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍ଓ) ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ସମ୍ଭବତଃ ହାତୀଟି ସେପ୍ଟିସେମିଆରେ ଆକ୍ରାନ୍ତ ହୋଇଥିଲା। ଶକ୍ତିଶାଳୀ ଆଣ୍ଟିବାୟୋଟିକ୍ ଦିଆଯିବା ସତ୍ତ୍ୱେ ଫଳପ୍ରଦ ହୋଇ ନ ଥିଲା। ସେହିପରି ପାଟିରେ ବୋମା ଫୁଟିଥିବା ସମ୍ପର୍କରେ ପଚାରିବାରେ ଡିଏଫ୍ଓ କୁହନ୍ତି, ଏ ବିଷୟରେ ସେ ସ୍ପଷ୍ଟ ଭାବେ କହିପାରିବେ ନାହିଁ। ବୋମା ପାଟିରେ ଫୁଟିଥିଲେ ହାତୀର ଦାନ୍ତ କ୍ଷତିଗ୍ରସ୍ତ ହୋଇଥାଆନ୍ତା। କିନ୍ତୁ ଅସୁସ୍ଥ ହାତୀର ଦାନ୍ତ ଅକ୍ଷତ ରହିଥିଲା। ତେବେ ପାଟିରେ ସଂକ୍ରମଣ ଯୋଗୁ ସେ ଖାଦ୍ୟ ଗ୍ରହଣ କରିପାରୁ ନ ଥିଲା ବୋଲି ଡିଏଫ୍ଓ କହିଛନ୍ତି।

# ଖୋଲା ବଜାର ଋଣଭାର ୨୮ ହଜାର କୋଟି

**ଭୁବନେଶ୍ୱର,୪।୭(ବ୍ୟୁରୋ):** ରାଜ୍ୟ ସରକାର ୨୮ ହଜାର ୫୫୮ କୋଟି ଟଙ୍କା ଖୋଲା ବଜାରର ଋଣ ବକେୟା ରଖିଛନ୍ତି। ସେହିପରି କେନ୍ଦ୍ର ସରକାରଙ୍କ ୧୮ ହଜାର ୫୦୫ କୋଟି, ବିଶ୍ୱବ୍ୟାଙ୍କର ୧୦୧୮ କୋଟି, ଏସୀୟ ଉନ୍ନୟନ ବ୍ୟାଙ୍କର ୫୫୨ କୋଟି ଏବଂ ଜାପାନ ଆନ୍ତର୍ଜାତିକ ସମବାୟ ସଂସ୍ଥାର ୩୩୧୯.୯୩ କୋଟି ଟଙ୍କାର ଋଣ ବକେୟା ରହିଛି। ୨୦୨୨ ମେ’ ୩୧ ସୁଦ୍ଧା ଏହି ବକେୟା ଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ବିଧାନସଭାରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ପଚାରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଏହା ଦର୍ଶାଇଛନ୍ତି। ମନ୍ତ୍ରୀ କହିଛନ୍ତି, ସରକାରଙ୍କ ଦ୍ୱାରା ଆହରଣ କରାଯାଉଥିବା ଋଣ ରାଶି ରାଜ୍ୟର ବିଭିନ୍ନ ଭିତ୍ତିଭୂମି ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ ହୋଇଥାଏ। ଏହିସବୁ ଭିତ୍ତିଭୂମି କାର୍ଯ୍ୟ ସରକାର ଜନକଲ୍ୟାଣ ନିମନ୍ତେ ଉତ୍ସର୍ଗ କରୁଥିବା ହେତୁ ଏଥିରୁ ଅତିରିକ୍ତ ରାଜସ୍ୱ ଆୟ ହୁଏନି।

**CLASSIFIED DISPLAY**
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

**BALAJI FINANCE**
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୧୯୭୨ ଜନବସତି ପାଣି ଆଇରନ୍ କବଳିତ



- ଏସ୍‌ପିସିବି, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ରିପୋର୍ଟ ଅମେଳ
- ପ୍ରଭାବିତ ଅଞ୍ଚଳରେ ସ୍ୱଚ୍ଛ ପାଣି ଦେବାକୁ ନିର୍ଦ୍ଦେଶ
- ପରୀକ୍ଷା ରିପୋର୍ଟରେ ସୀମିତ ପ୍ରତିକାର ବ୍ୟବସ୍ଥା

**ଯାଜପୁର ଅଫିସ,୪।୭**

ରାଜ୍ୟରେ ଗତ ୨୮ ତାରିଖ ସୁଦ୍ଧା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଅଧୀନ ୨୩ ଡିଭିଜନର ୨୦୪୫ ବସତି ଅଞ୍ଚଳର ପାଣି ଫ୍ଲୋରାଇଡ, ଆଇରନ, ଲବଣାକ୍ତ ଏବଂ ନାଇଟ୍ରେଟ୍ ଭଳି ବିଷାକ୍ତ ପଦାର୍ଥରେ କବଳିତ। ଏଥିର ୧୯୭୨ ଜନବସତି ଆଇରନ୍, ୪୧ ବସତି ଫ୍ଲୋରାଇଡ, ୨୬ ବସତି ଲବଣାକ୍ତ ଓ ୬ ବସତିର ପାଣି ନାଇଟ୍ରେଟ୍ ପଦାର୍ଥ ଦ୍ୱାରା ପ୍ରଭାବିତ। ଏହିସବୁ ଅଞ୍ଚଳକୁ ପାଇପ ଯୋଗେ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷେ ପାଣିରେ ବିଷାକ୍ତ ପଦାର୍ଥ ସଂକ୍ରାନ୍ତରେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ରିପୋର୍ଟରେ ତାଳମେଳ ରହୁନାହିଁ। ଫଳରେ ପ୍ରଭାବିତ ଅଞ୍ଚଳବାସୀ ସ୍ୱଚ୍ଛ ପାନୀୟ ଜଳ ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଗତ ୩୦ ତାରିଖରେ ରାଜ୍ୟର ସମସ୍ତ ଡିଭିଜନର ଅଧୀକ୍ଷଣ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଭାବିତ ବସତି ଅଞ୍ଚଳରେ ସୁରକ୍ଷିତ ପାନୀୟ ଜଳଯୋଗାଣ ଉପରେ ରିପୋର୍ଟ ମାଗିଛନ୍ତି। ଏନେଇ ଆଇଏମ୍‌ଆଇଏସ୍ ପୋର୍ଟାଲରେ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ରିପୋର୍ଟ ଅନୁସାରେ ବଲାଙ୍ଗୀର ଜିଲାର ୧୧ ବସତି ଅଞ୍ଚଳରେ ଫ୍ଲୋରାଇଡ୍ ଓ ଆଇରନ ଅଂଶ, ବୌଦ୍ଧର ୧୭ ଅଞ୍ଚଳରେ ଫ୍ଲୋରାଇଡ ଓ ଆଇରନ୍, ଗଞ୍ଜାମରେ ୧୬ ଏବଂ ଜଗତ୍‌ସିଂହପୁରର ୧୦୬ ଅଞ୍ଚଳରେ ଆଇରନ୍ ଓ ଲବଣ, କଳାହାଣ୍ଡିର ୧୩ ଅଞ୍ଚଳରେ ଫ୍ଲୋରାଇଡ, ଆଇରନ୍ ଓ ନାଇଟ୍ରେଟ୍, କନ୍ଧମାଳର ୪୦୪ ଅଞ୍ଚଳରେ ଫ୍ଲୋରାଇଡ୍ ଓ ଆଇରନ, ମାଲକାନଗିରିର ୨୯୯ ଅଞ୍ଚଳରେ ଫ୍ଲୋରାଇଡ୍, ଆଇରନ୍ ଓ ନାଇଟ୍ରେଟ୍, ମୟୂରଭଞ୍ଜର ୫ ଅଞ୍ଚଳରେ ଫ୍ଲୋରାଇଡ୍ ଓ ଆଇରନ୍, ନୟାଗଡ଼ର ୧୬ ଅଞ୍ଚଳରେ ଫ୍ଲୋରାଇଡ୍, ଆଇରନ୍ ଓ ନାଇଟ୍ରେଟ୍, ପୁରୀର ୧୨୮ ଅଞ୍ଚଳରେ ଆଇରନ୍ ଓ ଲବଣ, ରାୟଗଡ଼ାର ୧୧୦ ଅଞ୍ଚଳରେ ଫ୍ଲୋରାଇଡ୍ ଓ ଆଇରନ, ସୁବର୍ଣ୍ଣପୁରର ୩ ସ୍ଥାନରେ ଫ୍ଲୋରାଇଡ୍ ଓ ଆଇରନ୍ ଅଂଶ ରହିଥିବା ଜଣାପଡ଼ିଛି। ଏହାବାଦ୍ ବରଗଡ଼ ଡିଭିଜନରେ ୧୯, କଟକରେ ୧୩, ଆଠଗଡ଼ରେ ୧୨, ଗଜପତିରେ ୬୮, ଭଞ୍ଜନଗରରେ ୨, ଝାରସୁଗୁଡ଼ାରେ ୩, ଖୋର୍ଦ୍ଧାରେ ୫୪, କୋରାପୁଟରେ ସର୍ବାଧିକ ୪୬୭, ରାଇରଙ୍ଗପୁରରେ ୧୬, ନବରଙ୍ଗପୁରରେ ୨୧, ସୁନ୍ଦରଗଡ଼ରେ ୨୫ ଓ ରାଉରକେଲା ଡିଭିଜନରେ ୨୧୭ ବସତି ଅଞ୍ଚଳରେ ଆଇରନ୍ କବଳିତ ପାଣି ରହିଛି। ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଦେବଗଡ଼, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, କେନ୍ଦୁଝର, ଆନନ୍ଦପୁର, ନୂଆପଡ଼ା ଓ ସମ୍ବଲପୁର ଡିଭିଜନ ଅଧୀନରେ କୌଣସି ପ୍ରଭାବିତ ବସତି ନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି। ହେଲେ ଏସ୍‌ପିସିବିର ସଦସ୍ୟ ସଚିବଙ୍କ ଗତ ମେ ୨୩ ତାରିଖ ରିପୋର୍ଟ ଅନୁସାରେ କେନ୍ଦୁଝର ଜିଲାର ଯୋଡ଼ା ଇଷ୍ଟ ଆଇରନ୍ ଓର୍ ମାଇନ୍ସ, ଟାଟା ଷ୍ଟିଲ ଲିଃର ଯୋଡ଼ା ୱେଷ୍ଟ ମାଇନ୍ସ, ସିରାଜଉଦ୍ଦିନର ବାଲଦା ବ୍ଲକ ଆଇରନ୍ ଓର୍ ମାଇନ୍ସ, କେ.ଏନ୍. ରାମ ଆଣ୍ଡ କୋର୍ ରୋଇଡା-୨ ଆଇରନ୍ ଓର୍ ମାଇନ୍ସ, କେପି ଏଣ୍ଟରପ୍ରାଇଜେସର ଠାକୁରାଣୀ ଆଇରନ୍ ଓର୍ ମାଇନ୍ସ ବସତି ଅଞ୍ଚଳର ଭୂତଳ ଜଳରେ ଆଇରନ୍ ଅଂଶ ବେଶି ରହିଛି। ଅନୁଗୋଳ ଟାଉନଶିପ ଓ ବଅଁରପାଳ ଆଦି ଅଞ୍ଚଳରେ ନାଇଟ୍ରେଟ୍ ଅଂଶ ରହିଛି। ବାଲେଶ୍ୱର ଜିଲାର କୁଆଁରପୁର ଅଞ୍ଚଳ ଭୂତଳ ଜଳରେ ଫ୍ଲୋରାଇଡ୍ ମାତ୍ରା ଅଧିକ ରହିଥିବା ଜଣାପଡ଼ିଛି। ଯାଜପୁର ଜିଲାର କମର୍ଦ୍ଦା ଖଣି ଅଞ୍ଚଳ, ଅନୁଗୋଳ ନାଲ୍‌କୋ ଟାଉନଶିପ ଓ କୁଲାଡ଼, ନୂଆପଡ଼ା ସରକାରୀ ଡାକ୍ତରଖାନା, କେନ୍ଦ୍ରାପଡ଼ା ଜିଲା କୋର୍ଟ ଛକ ଆଦି ଅଞ୍ଚଳ ପରିସର ଭୂତଳ ଜଳରେ ଆଇରନ୍ ମାତ୍ରା ଅଧିକ ରହିଥିବା ଏସ୍‌ପିସିବି ରିପୋର୍ଟରେ ପ୍ରକାଶ ପାଇଥିଲା। ଉକ୍ତ ରିପୋର୍ଟ ଏବଂ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ରିପୋର୍ଟରେ ତାଳମେଳ ରହୁ ନ ଥିବା ସ୍ପଷ୍ଟ ମନେହେଉଛି। ଏଥିରୁ ନମୁନା ସଂଗ୍ରହ ଏବଂ ପରୀକ୍ଷା ରିପୋର୍ଟ ଖାମଖିଆଲ ଭାବେ ହେଉଥିବା ସନ୍ଦେହ କରାଯାଇଛି। ଅନ୍ୟପକ୍ଷରେ ଏଥିପାଇଁ ବିଭାଗୀୟ ପ୍ରତିକାର ବ୍ୟବସ୍ଥା ନମୁନା ସଂଗ୍ରହ ଏବଂ ପରୀକ୍ଷା ରିପୋର୍ଟରେ ସୀମିତ ରହୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମାମିନିପ୍ରଭା ମିଶ୍ର
ରଥସାହି, ପୁରୁଷୋତ୍ତମପୁର, ଗଞ୍ଜାମ
ଆବିର୍ଭାବ: ୦୨।୦୫।୧୯୬୩
ତିରୋଧାନ: ୧୫।୦୭।୨୦୨୧
ଏମିତି ହଠାତ୍ ଅକାଳରେ ଆମକୁ ଛାଡ଼ି ଚାଲିଯିବ ସ୍ୱପ୍ନରେ ବି ଭାବି ନ ଥିଲୁ। ଚାହିଁ ଚାହିଁ ଆଜକୁ ଦୀର୍ଘ ଏକବର୍ଷ ବିତିଗଲା। ପ୍ରତିଟି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଆମେ ଅନୁଭବ କରୁଛୁ ଓ କରୁଥିବୁ। ତୁମେ ଯେଉଁଠି ଥାଅନା ଶାନ୍ତିରେ ଥାଅ। ସର୍ବଦା ଆମକୁ ଶୁଭ ଦୃଷ୍ଟିରେ ଦେଖୁଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥ, ସ୍ୱପ୍ନେଶ୍ୱର, ଚନ୍ଦ୍ରଶେଖର, ବାଲୁଙ୍କେଶ୍ୱର ଓ ମା’ ତାରା ତାରିଣୀଙ୍କଠାରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ: ଦୃତିକୃଷ୍ଣ, ପୁଅ: ସନ୍ତୋଷ, ସୀମାଞ୍ଚଳ, ପୁତୁରା: ହରିକୃଷ୍ଣ, ପପୁନ, ଜଗା, ନାତି: କାହ୍ନା, ଆୟୁଷ, ଗୁଡୁଲ, ବୋହୂ: ସବିତା, ପୁତୁରାବୋହୂ: ଅର୍ଚ୍ଚନା, ସଞ୍ଜୁକ୍ତା, ଝିଆରୀ ପପିନି, ସାରଦା, ସୁକୁମା, ସଞ୍ଜୁ, ବେବି, ଭାଇ: ଲକ୍ଷ୍ମୀଚରଣ, ପୂର୍ଣ୍ଣଚନ୍ଦ୍ର, ଟୁଲୁ, ଭଣଜା: ଉଲା, ମନ୍ତୁ, ଝୁନୁ, ଭଉଣୀ: ନର୍ମଦା, ଗୀତା ଓ ନାତି, ନାତୁଣୀମାନେ ଏବଂ ଶୋକସନ୍ତପ୍ତ ପରିବାର ଓ ବନ୍ଧୁବର୍ଗ।
ଧ-୯୦୧

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରତିମା ଦେବୀ
ଆବିର୍ଭାବ-୧୦।୦୫।୧୯୪୦
ତିରୋଧାନ- ୨୫।୦୬।୨୦୨୨
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-ଶୋକସନ୍ତପ୍ତ-
ପରିବାରବର୍ଗ, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୯୦୩

**ନିରାପତ୍ତା ସପ୍ତାହ ପାଳିତ**

**ଢେଙ୍କାନାଳ ଅଫିସ**, ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନରେ ନିରାପଦ ବାତାବରଣ ସୃଷ୍ଟି, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ପରିଚାଳନା ପରିଷଦ ସଭାପତି ନିର୍ମଳ ଚନ୍ଦ୍ର ବିହାରୀ, ସମ୍ମାନିତ ଅତିଥି ଶିକ୍ଷକ ରବିନାରାୟଣ ବେହେରା, ଶିକ୍ଷୟିତ୍ରୀ ଶର୍ମିଷ୍ଠା ବେହେରା, ହିରଣ୍ମୟୀ ପଣ୍ଡା, ମଧୁମିତା ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ରାଧାମାଧବ ଟୁଙ୍ଗି ଗର୍ଭଗୃହ ନବକଳେବର



**ଢେଙ୍କାନାଳ ଅଫିସ୍, ୪।୭**
ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳୀ ପଞ୍ଚାୟତ ଅସନକଟା ଗ୍ରାମରେ ଥିବା ଶ୍ରୀରାଧାମାଧବ ଭାଗବତ ଟୁଙ୍ଗି ଗର୍ଭଗୃହର ନବକଳେବର ହୋଇଛି। ଶ୍ରୀ ରାଧାକୃଷ୍ଣଙ୍କ ଆସ୍ଥାନ, ଗର୍ଭଗୃହ ଚତୁଃପାର୍ଶ୍ୱ କାନ୍ଥକୁ ଟାଇଲ ଦ୍ୱାରା ଆଚ୍ଛାଦିତ କରାଯାଇଛି। କାଠ ନିର୍ମିତ ନୂତନ ମୟୂର ଖଟୁଲିରେ ଶ୍ରୀଜୀଉ ବିଜେ କରିଛନ୍ତି। ଏହି ଅବସରରେ ହୋମଯଜ୍ଞ ଆୟୋଜିତ ହୋଇଥିଲା। ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା କର୍ତ୍ତା ଭାବେ ଯୋଗଦେଇଥିଲେ। ଶ୍ରୀରାଧାମାଧବ ଭାଗବତ ଟୁଙ୍ଗୀର ଟ୍ରଷ୍ଟି କ୍ଷେତ୍ରବାସୀ ସାହୁ, ଜିଲା ଜଗନ୍ନାଥ ଚେତନା ସଙ୍ଗଠନର ସଭାପତି ପ୍ରଦ୍ୟୁମ୍ନ ରଥ, ସଭ୍ୟ ଶଶିଭୂଷଣ ସାମଲ, ପୂଜକ ଚୈତନ୍ୟ ମହାରଣା, ପୁରୋହିତ ମାନସ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

### ରାସ୍ତା ଶୋଚନୀୟ, ବିଡିଓଙ୍କୁ ଦାବିପତ୍ର

**ମାଧପୁର, ୪।୭:** ଆଠମଲ୍ଲିକ ବ୍ଲକ ଲୁଣହାଣ୍ଡି ପଞ୍ଚାୟତ ଟାଇଁସର ଛକଠାରୁ ଲୁଣହାଣ୍ଡି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ରସୋଶିଙ୍ଗା, ଜହ୍ନିମୁଣ୍ଡା, ତେଲିନାଳୀ, ସିଆରିନାଳୀ ଏବଂ ଟାଇଁସର ଜନସାଧାରଣ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଲୁଣହାଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ମହାକୁଡ ସୋମବାର ଏକ ଦାବିପତ୍ର ଆଠମଲ୍ଲିକ ବିଡିଓଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରରେ ଦର୍ଶାଯାଇଛି, ଏହି ରାସ୍ତା ଅନ୍ତର୍ଗତ ଗାଇଗରିଆ ସାହି ନିକଟରେ ବିନା ସୂଚନା ଫଳକରେ ୧୭ ଦିନରୁ ଊର୍ଦ୍ଧ୍ୱ ହେବ ପୋଲ ନିର୍ମାଣ କାମ ଚାଲିଛି। ଜନସାଧାରଣଙ୍କ ଯାତାୟତ ଲାଗି କୌଣସି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇନାହିଁ। ଆଗରୁ ବେହେରା ସାହି ପର୍ଯ୍ୟନ୍ତ ରାସ୍ତାରେ ମୋରମ ପଡିଥିବାବେଳେ ଏ ସଂକ୍ରାନ୍ତ ବିଧିବଦ୍ଧ ସୂଚନା ଉଲ୍ଲେଖ କରାଯାଇନାହିଁ। ଏ ସମସ୍ତ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟାଳୟରୁ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ, ତେଣୁ କାର୍ଯ୍ୟର ସ୍ୱଚ୍ଛତା ଏବଂ ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଉକ୍ତ ପୋଲ ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରାଯିବା ସହ ସୂଚନା ଫଳକ, ଅସ୍ଥାୟୀ ରାସ୍ତା ନିର୍ମାଣ କରିବା ପାଇଁ ସେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ନିୟମରେ ସୀମିତ ନିଷେଧାଦେଶ

**ଭୁବନ, ୪।୭(ଡି.ଏନ୍.ଏ.)**



- ବ୍ୟବସାୟିକ ପ୍ରତିଷ୍ଠାନରେ କମୁନି ପଲିଥିନ ବ୍ୟବହାର
- କଡ଼ା ପଦକ୍ଷେପ ନେଲେ ଉପକୃତ ହେବେ ଠୁଙ୍ଗା କାରିଗର
- ବ୍ୟବସାୟୀଙ୍କୁ ସଚେତନ କରାଇବ ଏନ୍ଏସି ପ୍ରଶାସନ

ମାଟି, ପାଣି ଓ ପବନକୁ ବିଷାକ୍ତ କରୁଛି ପଲିଥିନ। ଖାଦ୍ୟ ଏବଂ ହାଲୁକା ସାମଗ୍ରୀ ପରିବହନରେ ଏହାର ମାତ୍ରାଧିକ ବ୍ୟବହାର ମାନବ ସଭ୍ୟତା ପାଇଁ ସାଜିଛି ବୁମେରାଂ। ବିଳମ୍ବରେ ହେଲେ ବି ଏହାକୁ ହୃଦୟଙ୍ଗମ କଲେଣି ବିଶ୍ୱବାସୀ। ଏହାକୁ ନଜରରେ ରଖି ଜୁଲାଇ ପହିଲାରୁ ଓଡ଼ିଶା ସରକାର ରାଜ୍ୟରେ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ବ୍ୟବହାର ଉପରେ ଲଗାଇଛନ୍ତି ଅଙ୍କୁଶ। ହେଲେ ଗ୍ରାମାଞ୍ଚଳରେ ଏହି ନିଷେଧାଦେଶ କେବଳ ନିୟମରେ ସୀମିତ ରହିଛି। ବ୍ୟବସାୟିକ ପ୍ରତିଷ୍ଠାନରେ ହ୍ରାସ ପାଉନି ପଲିଥିନ ବ୍ୟବହାର। ଅପରପକ୍ଷେ ଏଭଳି କଟକଣା ଠୁଙ୍ଗା ବ୍ୟବସାୟୀଙ୍କୁ ଉତ୍ସାହିତ କରିଥିବାବେଳେ ପଲିଥିନ ହଟିଲେ ଶିଥିଳ ହୋଇପଡ଼ିଥିବା ଜୀବିକାକୁ ନୂଆ ଦିଶା ମିଳିବ ବୋଲି ଆଶାବ୍ୟକ୍ତ କରିଛନ୍ତି ବର୍ଷ ବର୍ଷ ଧରି ଠୁଙ୍ଗା ବ୍ୟବସାୟ ସହ ଜଡ଼ିତ ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳର ବହୁ କାରିଗର ପରିବାର।

ଏକଦା କାଗଜ ତିଆରି ଠୁଙ୍ଗା ସାଜିଥିଲା ରାଶନ ସାମଗ୍ରୀ ନେଣଦେଣର ପ୍ରମୁଖ ମାଧ୍ୟମ। କାଳକ୍ରମେ ଏହାର ସ୍ଥାନ ନେଲା ସୁଲଭ ଦରରେ ମିଳୁଥିବା ପଲିଥିନ। ଉଭୟ ଶୁଖିଲା, ଓଦା ଖାଦ୍ୟ ସାମଗ୍ରୀ ସମେତ ଅନ୍ୟ ହାଲୁକା ଜିନିଷ ସହଜରେ ନେବା ଆଣିବାରେ ସହାୟକ ହେଉଥିବାରୁ ଏହାର ଗୁରୁତ୍ୱ ଏତେ ମାତ୍ରାରେ ବଢ଼ିଗଲା ଯେ, ଏଥିରେ ହଜିଗଲା ପରିବେଶ ଅନୁକୂଳ କାଗଜ ତିଆରି ଠୁଙ୍ଗା। ହେଲେ ଏହାର ବହୁଳ ବ୍ୟବହାର ଏବେ ସୃଷ୍ଟି କରିଛି ସାଂଘାତିକ ସ୍ଥିତି। ଠିକ୍ ଭାବେ ପରିଚାଳନା ହେଉ ନ ଥିବାରୁ ପଲିଥିନ ବର୍ଜ୍ୟର ପାହାଡ଼ ସୃଷ୍ଟି ହେଉଛି। ଏହାର ପ୍ରଭାବରେ ମୃତ୍ତିକା ସମ୍ପଦ, ବନ୍ୟ ସମ୍ପଦ ଏବଂ ପାନୀୟ ଜଳ ଉତ୍ସ ପ୍ରଦୂଷିତ ହେବାରେ ଲାଗିଛି। ଏହାକୁ ରୋକିବା ଲାଗି ପୂର୍ବରୁ ପଲିଥିନ ଉପରେ କଟକଣା ଜାରି କରାଯାଇଥିଲେ ହେଁ ତାହାର ସୁଫଳ ମିଳି ନ ଥିଲା। ଏବେ ପୁନର୍ବାର ସରକାର ଏଥିପ୍ରତି ଗୁରୁତ୍ୱ ଦେଇଛନ୍ତି। ଜୁଲାଇ ୧ରୁ ପଲିଥିନ ସମେତ ଏକକ ବ୍ୟବହାରଯୋଗ୍ୟ ସମସ୍ତ ପ୍ଲାଷ୍ଟିକ୍ ସାମଗ୍ରୀ ବିକ୍ରି, ବ୍ୟବହାର ଏବଂ ଉତ୍ପାଦନକୁ ବ୍ୟାନ୍ କରିଛନ୍ତି। ହେଲେ ଭୁବନ ଏନ୍ଏସି ଅଞ୍ଚଳରେ ଏହି କଟକଣା ପ୍ରଭାବଶୂନ୍ୟ ମନେହେଉଛି। ଜିଲାର ଅନ୍ୟତମ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳରେ ସହସ୍ରାଧିକ ଦୋକାନବଜାର ଗଢ଼ି ଉଠିଥିବାବେଳେ ସବୁଠି ଅବାଧରେ ଚାଲିଛି ପଲିଥିନ ବ୍ୟବହାର। ତେଣୁ ପଲିଥିନ ହଟିଲେ ଠୁଙ୍ଗା ବ୍ୟବସାୟ ବଢ଼ିବ ବୋଲି ଆଶା ବାନ୍ଧି ବସିଥିବା କାରିଗର ନିରାଶ ହେଉଛନ୍ତି।

କେତେଜଣ କାରିଗର କହିଛନ୍ତି, କରୋନା ସମୟରେ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ହୋଇଯିବା ପରେ ଠୁଙ୍ଗା ବ୍ୟବସାୟ ହ୍ରାସ ପାଇଥିଲା। ଏବେ ସ୍ଥିତିରେ ସୁଧାର ଆସିଛି। ନିକଟରେ ସରକାର ପଲିଥିନ ବ୍ୟବହାରକୁ ବ୍ୟାନ କରିବା ପରେ ଠୁଙ୍ଗା ତିଆରି କରୁଥିବା କାରିଗରମାନେ ଉତ୍ସାହିତ ଅଛନ୍ତି। ହେଲେ ଦୋକାନରୁ ପଲିଥିନ ହଟୁ ନ ଥିବାରୁ ଠୁଙ୍ଗାକୁ କେହି ପଚାରୁନାହାନ୍ତି। ଫଳରେ ବର୍ଷବର୍ଷ ଧରି ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଥିବା ପରିବାରକୁ ନିରାଶ ହେବାକୁ ପଡୁଛି। ଏନ୍ଏସି କର୍ତ୍ତୃପକ୍ଷ ସହରରୁ ପଲିଥିନ ହଟାଇବା ବ୍ୟବସ୍ଥା କଲେ ଠୁଙ୍ଗା ବ୍ୟବସାୟ ବଢ଼ିବ ଏବଂ ସେମାନଙ୍କ ଆର୍ଥିକସ୍ଥିତି ସୁଧୁରିବ ବୋଲି ସେମାନେ କହିଛନ୍ତି।

**ଉତ୍ପାଦନ କେନ୍ଦ୍ରରେ ଚଢ଼ାଉ ହେଉ**



“ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏବଂ ସୁରକ୍ଷିତ ରଖିବା ଲାଗି ସରକାରୀସ୍ତରରେ ଯେଉଁ ଏକକ ବ୍ୟବହାରଯୋଗ୍ୟ ପଲିଥିନ୍‌କୁ ନିଷିଦ୍ଧ କରାଯାଇଛି, ତାହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ହେଲେ ବ୍ୟବସାୟିକ ପ୍ରତିଷ୍ଠାନ ପରିବର୍ତ୍ତେ ପଲିଥିନ ଉତ୍ପାଦନ କେନ୍ଦ୍ରରେ ଚଢ଼ାଉ କରାଗଲେ ଲାଗୁ କରାଯାଇଥିବା ନିୟମର ସୁଫଳ ମିଳିବ। ନଚେତ ଏହି ନିୟମ କେବଳ ଲୋକ ଦେଖାଣିଆ ହୋଇ ରହିଯିବ।

-ନିରଞ୍ଜନ ନାୟକ, ଅଧାପକ

**ଜନସାଧାରଣ ବୁଝିଲେ ଜୀବିକା ବାଟ ଖୋଲିବ**



“ଦୀର୍ଘ ୨୫ବର୍ଷ ହେଲା ଠୁଙ୍ଗା ତିଆରି କରି ପରିବାର ପ୍ରତିପୋଷଣ କରୁଛୁ। ଏହା ଆମର ମୁଖ୍ୟ ବେଉସା। ପୂର୍ବରୁ ବ୍ୟବସାୟୀମାନେ ଠୁଙ୍ଗାରେ ସାମଗ୍ରୀ ଦେଉଥିଲେ। ହେଲେ ପଲିଥିନର ବହୁଳ ବ୍ୟବହାର ପରେ ଆମ ଜୀବିକା ଉପରେ କୋରଡ଼ା ମାଡ଼ ପଡ଼ିଛି। ପଲିଥିନ ଦ୍ୱାରା ପ୍ରଦୂଷଣ ବ୍ୟାପୁଛି। ଏକଥା ଜାଣିବା ସତ୍ତ୍ୱେ ଏହାର ବ୍ୟବହାର କମୁନାହିଁ। ଜନସାଧାରଣ ଏହା ବୁଝିଲେ ଆମ ଜୀବିକା ବାଟ ଖୋଲିବ।

-ବଳରାମ ସାହୁ, ଠୁଙ୍ଗା କାରିଗର

**ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ**



“ଭୁବନ ଏନ୍ଏସିକୁ ପଲିଥିନମୁକ୍ତ କରିବା ଲାଗି ସରକାରୀ ନିୟମ କଡ଼ାକଡ଼ି ପାଳନ କରାଯିବ। ପରିବେଶକୁ କ୍ଷତି ପହଞ୍ଚାଉଥିବା ଏହି ସାମଗ୍ରୀ ବ୍ୟବହାର ନ କରିବା ଲାଗି ବ୍ୟବସାୟୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବ। ଡାକବାଜି ଯନ୍ତ୍ର ସହାୟତାରେ ମଧ୍ୟ ପ୍ରଚାର କରାଯିବ। ଏହା ସତ୍ତ୍ୱେ ନିୟମ ଉଲ୍ଲଂଘନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

-ଶ୍ୟାମସୁନ୍ଦର ସାହୁ, ଏନ୍ଏସି ନିର୍ବାହୀ ଅଧିକାରୀ

### ଗେଲ୍ ଇଣ୍ଡିଆ ପାଇପ୍ କାଟିବା ଯୋଜନା ପଣ୍ଡ

# ପୋଲିସକୁ ଦେଖି ଅଭିଯୁକ୍ତ ଚମ୍ପଟ

**ଭୁବନ, ୪।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଭୂଷଳ ପଞ୍ଚାୟତ ଗୋପୀଆପଶି ଦେଇ ଯାଇଥିବା ‘ଗେଲ୍ ଇଣ୍ଡିଆ’ର ପାଇପ୍ ଲାଇନ କାଟିବାକୁ କେତେଜଣ ଅଭିଯୁକ୍ତ ଯୋଜନା କରୁଥିବାବେଳେ ପୋଲିସ ଚଢ଼ାଉ କରି ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଛି। ପୋଲିସକୁ ଦେଖି ଅଭିଯୁକ୍ତମାନେ ଚମ୍ପଟ ମାରିଥିବାବେଳେ ଘଟଣାସ୍ଥଳରୁ ଏକ ପିକ୍ଅପ୍ ଭ୍ୟାନ୍ (ନଂ. ଓଡ଼ି ୦୫ ଏଇ ୪୦୦୭) ଏବଂ ବାଇକ୍ ଜବତ କରାଯାଇଛି। ସୋମବାର ସକାଳେ ଏହି ଘଟଣା ଘଟିଥିବାବେଳେ ଖବର ଲେଖାଯିବା ସୁଦ୍ଧା କମ୍ପାନୀ ପକ୍ଷରୁ କୌଣସି ଅଭିଯୋଗ କରାଯାଇ ନ ଥିଲା। ପୋଲିସ ସୂଚନା ଅନୁଯାୟୀ, ଗୋପୀଆପଶି ଦେଇଯାଇଥିବା ‘ଗେଲ୍ ଇଣ୍ଡିଆ’ର ପାଇପ୍ ଲାଇନ ନିକଟରେ କେତେଜଣ ବ୍ୟକ୍ତିଙ୍କୁ ଗ୍ରାମବାସୀ ସନ୍ଦେହଜନକ ଅବସ୍ଥାରେ ଦେଖିଥିଲେ। ତନାଘନା କରିବା ବେଳେ ସେମାନେ ପାଇପ୍ କାଟିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଥିଲା। ସ୍ଥାନୀୟ ବାସିନ୍ଦାଙ୍କଠାରୁ ସୂଚନା ପାଇ ପୋଲିସ ଚଢ଼ାଉ କରିଥିଲା। ତେବେ ଅଭିଯୁକ୍ତମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ କୁହନ୍ତି, କମ୍ପାନୀ ପକ୍ଷରୁ ଅଭିଯୋଗ ହେଲେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହେବ।

# ବିଦ୍ୟାଳୟ ମିଶ୍ରଣକୁ ବିରୋଧ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

**ବନ୍ଧୁ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ**

**କାମାକ୍ଷାନଗର, ୪।୭(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ସାରୁଆଳି ପଞ୍ଚାୟତର ବନ୍ଧୁ ଗ୍ରାମରେ ଅବସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପ୍ରତିବାଦରେ ଗ୍ରାମବାସୀ ସୋମବାର ଜନଶୁଣାଣି ଶିବିରରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରଶାସନ ଏହାର ପୁନର୍ବିଚାର ନ କଲେ ପିଲାମାନଙ୍କୁ ସ୍କୁଲ ପଠାଇବେ ନାହିଁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବନ୍ଧୁ ଗ୍ରାମରେ ୨୦୦୩ରୁ ଉକ୍ତ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇଥିଲା। ଗ୍ରାମର ୬୦ ପରିବାରର ଛାତ୍ରୀଛାତ୍ର ଏଠାରେ ଶିକ୍ଷାଲାଭ କରୁଥିଲେ। ତେବେ ସରକାରୀ ନିୟମ ଅନୁଯାୟୀ ଏବେ ଏହି ବିଦ୍ୟାଳୟକୁ ମୋଟା ସ୍କୁଲରେ ସମ୍ମିଶ୍ରଣ କରାଯାଇଛି। ଫଳରେ ପିଲାମାନଙ୍କୁ ଦେଢ଼ କିମି ଦୂର ଯିବାକୁ ପଡୁଛି। ଜଙ୍ଗଲ ପରିବେଷ୍ଟିତ ବନ୍ଧୁ ଗ୍ରାମରେ ବର୍ଷତମାମ ହାତୀ, ଭାଲୁ, ବାର୍ହା ଆତଙ୍କ ଦେଖାଦେଇଥାଏ। ତେଣୁ ପିଲାଙ୍କ ଜୀବନ ସୁରକ୍ଷିତ ନୁହେଁ। ଯଦି କୌଣସି ସମୟରେ ଅଘଟଣ ଘଟେ, ତେବେ କିଏ ଦାୟୀ ରହିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ପୂର୍ବରୁ ସମସ୍ୟା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତେଣୁ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ବନ୍ଧୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପୁନର୍ବାର କାର୍ଯ୍ୟକ୍ଷମ କରିବାକୁ ସେମାନେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସନାତନ ଦେହୁରୀ, ପଙ୍କଜ ନାୟକ, ଅର୍ଜୁନ ଦିଆଣି, ପରମାନନ୍ଦ ଦେହୁରୀ, ପ୍ରଫୁଲ୍ଲ ନାୟକ, ଦିବାକର ବେହେରା, ବୈରାଗୀ ଦେହୁରୀ, ନୀଳ ନାୟକ, ଗଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ

**ଢେଙ୍କାନାଳ ଅଫିସ, ୪।୭**

ଢେଙ୍କାନାଳ ସହର ମିନାବଜାର ନିକଟ କୁମ୍ଭାର ସାହିରେ ରହୁଥିବା ଜଣେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ସୋମବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ମୃତା ହେଲେ ପିଙ୍କି ପରିଡ଼ା (୨୫)। ପିଙ୍କି ଆତ୍ମହତ୍ୟା କରିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ କେଉଁ କାରଣ ପାଇଁ ପିଙ୍କି ଏଭଳି ଚରମ ପଦକ୍ଷେପ ନେଲେ, ତାହା ଅସ୍ପଷ୍ଟ ରହିଛି। ପୋଲିସ ସୂଚନା ଅନୁଯାୟୀ, କଟକ ଜିଲା ତିଗିରିଆ ଥାନା ଅଞ୍ଚଳର ପିଙ୍କି ନିଜ ମା’ଙ୍କ ସହ ଢେଙ୍କାନାଳ ମିନାବଜାର ନିକଟ କୁମ୍ଭାର ସାହିରେ ଭଡ଼ାରେ ରହୁଥିଲେ। ଉଭୟେ ଲୁଗା ଦୋକାନରେ ସେଲ୍ସମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ତେବେ ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ପିଙ୍କିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଘର ଭିତରୁ ଠାବ କରାଯାଇଥିଲା। ସୂଚନା ପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାତି ୮ଟା ୧୫ ସୁଦ୍ଧା ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇ ନ ଥିବା ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# କାଳିଆ ସାଆନ୍ତେ ହୋ...

**ଢେଙ୍କାନାଳ ଅଫିସ୍, ୪।୭**

**ଭଜନରେ ଭିଜିଲେ ଶ୍ରୋତା**

ଢେଙ୍କାନାଳ ବାଜିଚୌକରେ ଚାଲିଥିବା ଶ୍ରୀଗୁଣ୍ଡିଚା ଭଜନ ସମାରୋହର ସୋମବାର ଥିଲା ୪ର୍ଥ ସନ୍ଧ୍ୟା। ବର୍ଷାଭିଜା ସନ୍ଧ୍ୟାରେ ‘ସଙ୍ଗୀତ ସାରେଗାମା’ ଅନୁଷ୍ଠାନର କଳାକାରମାନେ ଭେଟି ଦେଇଥିଲେ ଗୋଟିଏ ପରେ ଗୋଟିଏ ମନଛୁଆଁ ଭଜନ। ବିଶିଷ୍ଟ କଣ୍ଠଶିଳ୍ପୀ ପତିତପାବନଙ୍କ କଣ୍ଠରେ କାଳିଆ ସାଆନ୍ତେ ହୋ... ଭଜନପ୍ରେମୀ ଶ୍ରୋତାଙ୍କୁ ଭାବବିହ୍ୱଳ କରିଥିଲା। କଣ୍ଠଶିଳ୍ପୀ ସୁଧାକର ମିଶ୍ର, ସୌଜନ୍ୟା, କୃଷ୍ଣଚନ୍ଦ୍ର ସାହୁ, ଆଦିତ୍ରୀ ପ୍ରମୁଖ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଜନ ପରିବେଷଣ କରି ସୃଷ୍ଟି କରିଥିଲେ ଭକ୍ତି ଭାବମୟ ପରିବେଶ। ଯତୀନ୍ଦ୍ର କର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ଏହି କାର୍ଯ୍ୟକ୍ରମକୁ ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, କାଉନ୍‌ସିଲର ମଧୁସ୍ମିତା ସ୍ୱାଇଁ, ‘ଆମ ପ୍ରତିଭା ଆମ ସମ୍ମାନ’ ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତ, ସାମାଜିକ କର୍ମୀ ଚକ୍ରଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ରୁଦ୍ରାନ୍ତ ଦଳେଇ, କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

‘ସୁରସାଗର’ ଅନୁଷ୍ଠାନ ପକ୍ଷରୁ ରବିବାର ଭଜନ ପରିବେଷଣ କରାଯାଇଥିଲା। ଏହାକୁ ବିଶିଷ୍ଟ ସାମାଜିକ କର୍ମୀ ରାଜୀବ ଲୋଚନ ସିଂଦେଓ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଗୋବିନ୍ଦପୁର ସରପଞ୍ଚ ଅରୁଣ ପରିଡ଼ା ମଞ୍ଚାସୀନ ଥିଲେ।



କଣ୍ଠଶିଳ୍ପୀ ପତିତପାବନ ଭଜନ ପରିବେଷଣ କରୁଛନ୍ତି।

# ୧୧୨ ଅଭିଯୋଗ ପଞ୍ଜୀକୃତ, ୮୯ ଫଇସଲା

**କାମାକ୍ଷାନଗର, ୪।୭(ଡି.ଏନ୍.ଏ.)**



ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

**ମିଳିତ ଜନଅଭିଯୋଗ ଶୁଣାଣି**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପ ଜିଲାପାଳଙ୍କ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ ହୋଇଥିବା ମୋଟ ୧୧୨ ଅଭିଯୋଗ ମଧ୍ୟରୁ ୮୯ଟିର ତ୍ୱରିତ ଶୁଣାଣି କରି ଫଇସଲା କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ହିତାଧିକାରୀଙ୍କ ଆପତ୍ତି ଅଭିଯୋଗଗୁଡ଼ିକର ଶୁଣାଣି କରି ସମସ୍ୟାର ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଜୀକୃତ ହୋଇଥିବା ୧୧୨ ଅଭିଯୋଗ ମଧ୍ୟରୁ ୫ଟି ସାମୂହିକ ଏବଂ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ଥିଲା। ଆବାସ ଯୋଜନା, ଜମିଜମା ମାମଲା, ଭତ୍ତା ଏବଂ ପୋଲିସ ସଂକ୍ରାନ୍ତ ମାମଲା ବେଶି ଆସିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ୨ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏ, ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୭ଜଣଙ୍କୁ ୨୦,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା।

ଶିବିରରେ ଜିଲାପାଳଙ୍କ ସମେତ ଏସ୍‌ପି ଏଲ୍. ଦିବ୍ୟା ଭି., ପିଡି ଡିଆର୍‌ଡିଏ ସାଫଲ୍ୟ ମଣ୍ଡିତ ପ୍ରଧାନ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ବିଡିଓ ବିକାଶ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଅଶୋକ କୁମାର ଦାସ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ସୁବାସ ଚନ୍ଦ୍ର ମଣ୍ଡଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ବିଶ୍ୱାଳ, ଜିଲା ଯୋଗାଣ ଅଧିକାରୀ ନୀରୋଦ ରଞ୍ଜନ ଦାସ, ଜିଲା ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ ସୁରେନ୍ଦ୍ର କୁମାର ବେହେରା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ହିମାଂଶୁ ଶେଖର ନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ଅଂଶୁମାନ ପଟ୍ଟନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା ରାୟ, ଜିଲା ବାଳିକା ଶିକ୍ଷା ସଂଯୋଜିକା ପ୍ରଦୀପ୍ତା ପ୍ରିୟଦର୍ଶିନୀ, ଥାନାଧିକାରୀ ଶରତ ଚନ୍ଦ୍ର ମହାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜନଶୁଣାଣି ଅଭିଯୋଗ ପ୍ରକୋଷ୍ଠର ମୁଖ୍ୟ ସହାୟକ ଲଳିତ ମାଧବ ଚୌଧୁରୀ ଶିବିର ପରିଚାଳନା କରିଥିଲେ।

# ବିଦ୍ୟୁତ୍ ବିଭ୍ରାଟରୁ ବିଷମ ସ୍ଥିତି

**ଢେଙ୍କାନାଳ ଅଫିସ, ୪।୭**




ବୈଠକରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର କର୍ମକର୍ତ୍ତାଙ୍କ ସମେତ ଜନପ୍ରତିନିଧିମାନେ।

- ଏକାଠି ହେଲେ ୨୮ ଗ୍ରାମର ଉପଭୋକ୍ତା, ଜନପ୍ରତିନିଧି
- ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଆନ୍ଦୋଳନ ଚେତାବନୀ

ଟାଟା ପାୱାର ହାତକୁ ବିଦ୍ୟୁତ୍ ବିତରଣ ଦାୟିତ୍ୱ ଆସିବା ଦିନରୁ ସମସ୍ୟା ବଢ଼ିବାରେ ଲାଗିଛି। ବିନା କୌଣସି ସୂଚନାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଉଛି। ଏଥିରେ ଅତିଷ୍ଠ ହୋଇପଡ଼ିଲେଣି ଢେଙ୍କାନାଳ ସଦର ବ୍ଲକ କାଇମାଟି, ବେଲଟିକିରି, ନାଗିଆପଶି ପଞ୍ଚାୟତବାସୀ। ଏହାର ପ୍ରତିବାଦରେ ସମ୍ପୃକ୍ତ ପଞ୍ଚାୟତ ଅଧୀନ ୨୮ ଗ୍ରାମର ବାସିନ୍ଦା ଏକାଠି ହୋଇଥିବାବେଳେ ଉପଭୋକ୍ତା ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି।

ଅଞ୍ଚଳରେ ବିଦ୍ୟୁତ୍ ବିଭ୍ରାଟ ବିଷମ ସ୍ଥିତି ସୃଷ୍ଟି କରିଛି। ଏହାର ପ୍ରତିବାଦରେ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ସାଧାରଣ ପରିଷଦ ବୈଠକ ରବିବାର କାଇମାଟି ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ଗ୍ରାହକ, ଜନପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଟାଟା ପାୱାର କମ୍ପାନୀ ମନଇଚ୍ଛା ବିଜୁଳି ସଂଯୋଗ ବିଚ୍ଛିନ୍ନ କରୁଛି। ଲୋ-ଭୋଲ୍‌ଟେଜ ସମସ୍ୟା ଅସହ୍ୟ ହୋଇଛି। ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ରହୁ ନ ଥିବାରୁ ବେଲଟିକିରି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ପ୍ରତିବାଦ କଲେ ଦାୟିତ୍ୱରେ ଥିବା ଅଧିକାରୀ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। କାଇମାଟିରେ ପ୍ରସ୍ତାବିତ ଗ୍ରୀଡ୍ ଷ୍ଟେଶନ ପ୍ରତିଷ୍ଠାକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବାରୁ ସମସ୍ୟା ବଢ଼ିବାରେ ଲାଗିଛି। ସାଧାରଣ ମରାମତି କାର୍ଯ୍ୟ ମାସ ମାସ ଲାଗୁଛି। ବିନା ହାତଗୁଞ୍ଜାରେ କୌଣସି କାର୍ଯ୍ୟ ହେଉନାହିଁ। ରାସ୍ତାକଡ଼ରେ ଖୁଣ୍ଟ ଥାଇ ଘର ଉପର ଦେଇ ବିପଜ୍ଜନକ ଭାବେ ତାର ଟଣାଯାଇଛି। ଦେୟ ଆଦାୟରେ କମ୍ପାନୀ ଯେତିକି ତତ୍ପରତା ଦେଖାଉଛି, ସେବା ପ୍ରଦାନରେ ତାହା ଦେଖିବାକୁ ମିଳୁନାହିଁ। ଆସନ୍ତା ୩ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ସହିତ କାଇମାଟିରେ ପ୍ରସ୍ତାବିତ ଗ୍ରୀଡ୍ ଷ୍ଟେଶନ ପ୍ରତିଷ୍ଠା କରା ନ ଗଲେ ଜନ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ଉପଭୋକ୍ତା ମହାସଂଘ ସଭାପତି କପିଳେଶ୍ୱର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କାଇମାଟି ସରପଞ୍ଚ ଅମିତ୍‌ଜ୍ୟୋତି ସ୍ୱାଇଁ, ସମିତିସଭ୍ୟ ପ୍ରଶାନ୍ତ ଦେହୁରୀ, ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ନାଗିଆପଶି ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ସମିତିସଭ୍ୟଙ୍କ ପ୍ରତିନିଧି ସୁବାସ ଚନ୍ଦ୍ର ପୃଷ୍ଟି, ଉପଦେଷ୍ଟା ତଥା ଆଇନଜୀବୀ ପ୍ରକାଶ ଚନ୍ଦ୍ର ରାଉତ, ସାମାଜିକ କର୍ମୀ ସତ୍ୟବ୍ରତ ଦାସ, ଦିଲୀପ ସାମଲ, ପ୍ରଦୀପ ଦାସ, ମୁରଲୀଧର ମହାରଣା, ବାବୁ ସେଠୀ, ଅରବିନ୍ଦ ସାମଲ, କୃତ୍ତିବାସ ବିଶ୍ୱାଳ, ବିବେକାନନ୍ଦ ସାମଲ, ଆଶିଷ ସାହୁ, ଧ୍ରୁବଚରଣ ବେହେରା, ଶ୍ରୀକାନ୍ତ ଦେହୁରୀ, ନିର୍ମଳ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ | Press Regd. No. ORIORI/2005/14846 | Postal Regd. No. BN/42/21-23. | Edition Phone (06762) 224254, (06764) 237556 | ଢେଙ୍କାନାଳ, ମଙ୍ଗଳବାର, ଜୁଲାଇ ୫/୨୦୨୨ | Dhenkanal, | Tuesday, July 5/ 2022


# ଇଂଲଣ୍ଡ ସମ୍ମୁଖରେ ୩୭୮ ବିଜୟ ଲକ୍ଷ୍ୟ

**ବର୍ମିଂହାମ୍, ୪।୭**

ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଚାଲିଥିବା କ୍ରିକେଟ ଟେଷ୍ଟରେ ଭାରତ ଦ୍ୱିତୀୟ ଇନିଂସରେ ୨୪୫ ରନ୍ କରି ଅଲ୍‌ଆଉଟ ହୋଇଛି। ଫଳରେ ଇଂଲଣ୍ଡ ସମ୍ମୁଖରେ ୩୭୮ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ରିପୋର୍ଟ ଲେଖା ହେବା ବେଳକୁ ଇଂଲଣ୍ଡ ୩ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଛି। ଆକ୍ରମଣାତ୍ମକ ବ୍ୟାଟିଂ ରଣନୀତିରେ ଇନିଂସ ଆରମ୍ଭ କରିଥିବା ଆଲେକ୍ସ ଲିସ୍ ଓ ଜ୍ୟାକ କ୍ରଲି ବିନା କ୍ଷତିରେ ଦଳୀୟ ସ୍କୋରକୁ ୧୦୭ରେ ପହଞ୍ଚାଇଥିଲେ। ମାତ୍ର ଟିମ୍ ଇଣ୍ଡିଆ ଅଧିନାୟକ ଯଶପ୍ରୀତ୍ ବୁମ୍‌ରାଙ୍କ ଡବଲ ଷ୍ଟ୍ରାଇକ୍ ଇଂଲଣ୍ଡ ଅଗ୍ରଗତିରେ ବ୍ରେକ୍ ଲଗାଇଥିଲା। କ୍ରଲି (୪୬ ରନ୍)ଙ୍କୁ ଆଉଟ କରି ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ ବୁମ୍‌ରା। ଓଲି ପୋପ୍ ଖାତା ଖୋଲିବା ପୂର୍ବରୁ ବୁମ୍‌ରାଙ୍କ ଦ୍ୱିତୀୟ ଶିକାର ହୋଇଥିବାବେଳେ ୬୫ ବଲ୍‌ରୁ ୫୬ ରନ କରିଥିବାବେଳେ ଲିସ୍ ଦୁର୍ଭାଗ୍ୟଜନକଭାବେ ରନ୍‌ଆଉଟ ହୋଇ ଯାଇଥିଲେ। ୭ ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ଲକ୍ଷ୍ୟଠାରୁ ୨୨୧ ରନ ପଛରେ ରହିଛି।

ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ୧୨୫/୩ରୁ ଭାରତ ଖେଳ ଆରମ୍ଭ କରିଥିଲା। ଚେତେଶ୍ୱର ପୂଜାରା ଓ ରିଷଭ ପନ୍ତ ସତର୍କତାର ସହ ଖେଳି ଇନିଂସକୁ ଆଗେଇ ନେଇଥିଲେ। ତେବେ ପୂର୍ବ ସ୍କୋରରେ ଆଉ ୨୮ ରନ୍ ଯୋଗ ହେବାପରେ ଭାରତକୁ ପ୍ରଥମ ଝଟ୍‌କା ଦେଇଥିଲେ ଷ୍ଟୁଆର୍ଟ ବ୍ରଡ୍। ସେ ପୂଜାରାଙ୍କୁ ବ୍ୟାକ୍‌ୱାର୍ଡ ପଏଣ୍ଟରେ ଆଲେକ୍ସ ଲିସ୍‌ଙ୍କ ହାତରେ କ୍ୟାଚ କରାଇ ଇଂଲଣ୍ଡ ପାଇଁ ପ୍ରଥମ ସଫଳତା ଆଣିଥିଲେ। ପୂର୍ବଦିନ ଅର୍ଦ୍ଧଶତକ ହାସଲ କରିସାରିଥିବା ପୂଜାରା ମୋଟ ୬୬ (୧୬୮ ବଲ, ୬ ଚୌକା) ରନ କରି ପାଭିଲିୟନ ଫେରିଥିଲେ। ଦୁର୍ବଳ ଫର୍ମ ଜାରି ରଖି ଶ୍ରେୟାସ ଆୟାର ୧୯ ରନ୍ କରି ଆଉଟ ହୋଇଥିବାବେଳେ ପ୍ରଥମ ଇନିଂସରେ ଶତକ ହାସଲକାରୀ ପନ୍ତ ଦ୍ୱିତୀୟ ଇନିଂସରେ ଅର୍ଦ୍ଧଶତକ ପୂରଣ କରିଥିଲେ। ତେବେ ସେ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୮୬ ବଲ୍‌ରୁ ୮ ଚୌକା ସହାୟତାରେ ୫୭ ରନ୍ କରିଥିବାବେଳେ ସ୍ପିନର ଜ୍ୟାକ୍ ଲିଚ୍‌ଙ୍କ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ସ୍ଲିପ୍‌ରେ ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ କ୍ରିଜ୍ ଛାଡ଼ିଥିଲେ। ଭାରତର ଶେଷଭାଗ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ। ସେ ମହମ୍ମଦ ଶାମି (୧୩ ରନ), ରବୀନ୍ଦ୍ର ଜାଡେଜା (୨୩) ଓ ଯଶପ୍ରୀତ୍ ବୁମ୍‌ରା (୭)ଙ୍କୁ ଆଉଟ କରି ଭାରତର ଦ୍ୱିତୀୟ ଇନିଂସ୍‌କୁ ୨୪୫ ରନ୍‌ରେ ଶେଷ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଷ୍ଟୋକ୍ସ ମୋଟ ୪ ଉଇକେଟ ନେଇଥିବାବେଳେ ଅନ୍ୟ ଇଂଲଣ୍ଡ ବୋଲରଙ୍କ ମଧ୍ୟରେ ଷ୍ଟୁଆର୍ଟ ବ୍ରଡ୍ ଓ ମାଥ୍ୟୁ ପଟ୍ସ ୨ଟି ଲେଖାଏ ଏବଂ ଜେମ୍ସ ଆଣ୍ଡରସନ ଓ ଜ୍ୟାକ୍ ଲିଚ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଓଲି ପୋପ୍‌ଙ୍କ ଉଇକେଟ ନେବାପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍‌ରା।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ୍: ୪୧୬। ଇଂଲଣ୍ଡ ପ୍ରଥମ ଇନିଂସ: ୨୮୪। ଭାରତ ଦ୍ୱିତୀୟ ଇନିଂସ: ୨୪୫/ଅଲ୍‌ଆଉଟ (ଚେତେଶ୍ୱର ପୂଜାରା–୬୬, ରିଷଭ ପନ୍ତ–୫୭, ବେନ୍ ଷ୍ଟୋକ୍ସ–୪/୩୩, ଷ୍ଟୁଆର୍ଟ ବ୍ରଡ୍–୨/୫୮, ମାଥ୍ୟୁ ପଟ୍ସ–୨/୫୦, ଜେମ୍ସ ଆଣ୍ଡରସନ–୧/୪୬, ଜ୍ୟାକ୍ ଲିଚ୍–୧/୨୮)।

# ରାଜ୍ୟପାଳଙ୍କୁ ଭେଟିଲେ ଏଆଇସିଏଫ୍ ସମ୍ପାଦକ

**ଭୁବନେଶ୍ୱର, ୪।୭ (କ୍ରୀଡ଼ା ପ୍ରତିନିଧି)**

ଚେସ୍ ଅଲିମ୍ପିଆଡ୍‌ର ୪୪ତମ ସଂସ୍କରଣ ତାମିଲନାଡୁର ମହାବଳୀପୁରମ୍‌ଠାରେ ଚଳିତ ମାସ ୨୮ରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ୧୮୮ଟି ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ଅଲିମ୍ପିଆଡ୍ ମଶାଲ ରିଲେ ଭାରତ ଆସିଛି ଏବଂ ମହାବଳୀପୁରମ୍‌ରେ ପହଞ୍ଚିବା ପୂର୍ବରୁ ୭୫ଟି ସହର ଭ୍ରମଣ କରିବା କାର୍ଯ୍ୟକ୍ରମ ରହିଛି। ଜୁନ୍ ୧୯ରେ ନୂଆଦିଲ୍ଲୀର ଆଇଜି ଷ୍ଟାଡିୟମରେ ଫିଡେ ସଭାପତି ଆର୍କାଡି ଭୋର୍କୋଭିଚ୍‌ଙ୍କଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଶାଲ ଗ୍ରହଣ କରି ୫ ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କୁ ହସ୍ତାନ୍ତର କରିଥିଲେ। ଅଲିମ୍ପିଆଡ୍ ମଶାଲ ଆଗାମୀ ୧୫ ତାରିଖରେ ଓଡ଼ିଶାରେ ପହଞ୍ଚିବା ପରେ ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗ୍ରହଣ କରିବା କାର୍ଯ୍ୟକ୍ରମ ରହିଛି। ମଶାଲ ଭୁବନେଶ୍ୱର, ପୁରୀ ଓ କୋଣାର୍କ ପରିକ୍ରମା କରିବ। ଏହି ପରିପ୍ରେକ୍ଷୀରେ ସର୍ବଭାରତୀୟ ଚେସ୍ ଫେଡେରେଶନ (ଏଆଇସିଏଫ୍) ସମ୍ପାଦକ ଭରତ ସିଂ ଚୌହାନ ଓଡ଼ିଶା ଭ୍ରମଣରେ ଆସି ସୋମବାର ରାଜ୍ୟପାଳ ଗଣେଶୀ ଲାଲ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ରାଜ୍ୟପାଳ, କ୍ରୀଡ଼ାମନ୍ତ୍ରୀ, କ୍ରୀଡ଼ା ସଚିବଙ୍କୁ ଚେସ୍ ଉପକରଣ ପ୍ରଦାନ କରିଥିଲେ। କିଟ୍ ଓ କିସ୍ ପରିସରରେ ଚାଲିଥିବା ୧୭ ବର୍ଷରୁ କମ୍ ଚେସ୍ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ରାଉଣ୍ଡର ପ୍ରଥମ ମୁଭ୍ ଚାଳନା କରିଥିଲେ ଭରତ। ସେଠାରେ ତାଙ୍କୁ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇସିଏଫ୍ ଯୁଗ୍ମ ସମ୍ପାଦକ ରଞ୍ଜନ ମହାନ୍ତି, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପସଭାପତି ବସନ୍ତ କୁମାର ଦାସ, କୋଷାଧ୍ୟକ୍ଷ ଭବେଶ ମହାନ୍ତି, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ମୁଖ୍ୟ ଆର୍ବିଟର ଅସିତ ବରନ ଚୌଧାରୀ, ସହକାରୀ ଆର୍ବିଟର ତାପସ ମହାନ୍ତି, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ସନ୍ତୋଷ ମହାପାତ୍ର, ଅପରାଜିତ ଗୋଚ୍ଛିକାର ପ୍ରମୁଖ ଉପସ୍ଥିତ ଥିଲେ।


ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ ଅବସରରେ ଭରତ ସିଂ ଚୌହାନ।

**ଓଡ଼ିଶା ଆସିବ ଚେସ୍ ଅଲିମ୍ପିଆଡ୍ ମଶାଲ**

# ଶ୍ରୀଲଙ୍କାକୁ ୧୦ ଉଇକେଟରେ ହରାଇଲା ଭାରତ

**ମହିଳା ଦିନିକିଆ କ୍ରିକେଟ**

**ପାଲିକେଲ୍, ୪।୭(ପି.ଟି.)**

ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୧୦ ଉଇକେଟରେ ବିଜୟ ଲାଭ କରିଛି। ଏଥିସହିତ ଦଳ ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ଆଗୁଆ ଜିତିନେବା ସହ ୨–୦ରେ ଅଗ୍ରଣୀ ଲାଭ କରିଛି। ଟୁର୍‌ରେ ଭାରତୀୟ ଟିମ୍‌ର ଓପନରଦ୍ୱୟ ପ୍ରଥମ ଥର ପ୍ରଭାବୀ ବ୍ୟାଟିଂ କରିଛନ୍ତି। ସ୍ମୃତି ମନ୍ଧାନା ଓ ଶେଫାଳୀ ବର୍ମା ୧୭୪ ରନ୍‌ର ଅପରାଜିତ ପାର୍ଟନରଶିପ୍ ସହ ଭାରତକୁ ୨୫.୪ ଓଭରରେ ଜିତାଇଛନ୍ତି। ଫଳରେ ଭାରତ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ କୌଣସି ଉଇକେଟ ନ ହରାଇ ସର୍ବାଧିକ ବିଜୟ ଲକ୍ଷ୍ୟ ହାସଲ କରିବାର ସଫଳତା ହାସଲ କରିପାରିଛି। ମନ୍ଧାନା ୮୩ ବଲ୍‌ରେ ୧୧ ଚୌକା ଓ ଗୋଟିଏ ଛକା ସହ ୯୪ ରନ୍ କରି ଅପରାଜିତ ରହିଥିଲେ। ସେହିପରି ଶେଫାଳୀ ୭୧ ବଲରୁ ୪ ଚୌକା ଓ ଗୋଟିଏ ଛକା ସହ ୭୧ ରନ୍ ସଂଗ୍ରହ କରିଥିଲେ। ପୂର୍ବରୁ ବୋଲରମାନେ ଶ୍ରୀଲଙ୍କା ଇନିଂସ୍‌କୁ ୧୭୩ ରନ୍‌ରେ ସୀମିତ କରିଦେଇଥିଲେ। ଘରୋଇ ଦଳ ପକ୍ଷରୁ ଆମା କାଞ୍ଚନା ସର୍ବାଧିକ ୪୭ ରନ୍ କରି ଅପରାଜିତ ରହିଥିଲେ। ସଫଳ ଭାରତୀୟ ପେସ୍ ବୋଲର ରେଣୁକା ସିଂ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ୧୦ ଓଭର ବୋଲିଂରେ ୧ ମେଡେନ୍ ସହ ୨୮ରନ୍ ବିନିମୟରେ ୪ ଉଇକେଟ ଅକ୍ତିଆର କରିଥିଲେ। ସେ ଶ୍ରୀଲଙ୍କା ଦଳର ୩ ଉଇକେଟର ଶୀଘ୍ର ପତନ ଘଟାଇ ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ସେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦୀପ୍ତି ଶର୍ମା ଓ ମେଘନା ସିଂ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ ରେଣୁକା ସିଂ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ଇନିଂସ୍: ୫୦ ଓଭରରେ ୧୭୩/ ଅଲ୍‌ଆଉଟ (ଆମା କାଞ୍ଚନା–୪୭*, ନୀଳାକ୍ଷୀ ଡି'ସିଲ୍‌ଭା–୩୨, ଚାମରି ଆଟାପାଟୁ–୨୭, ଅନୁଷ୍କା ସଞ୍ଜୀବନୀ–୨୫ ; ରେଣୁକା ସିଂ–୪/୨୮, ଦୀପ୍ତି ଶର୍ମା–୨/୨୩, ମେଘନା ସିଂ–୨/୪୩)।

**ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ୍**

# ସେମିରେ ଓଡ଼ିଶା

**ଭୁବନେଶ୍ୱର, ୪।୭ (କ୍ରୀଡ଼ା ପ୍ରତିନିଧି):** ତାମିଲନାଡୁର କେଟିଠାରେ ଚାଲିଥିବା ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ୍ ପ୍ରତିଯୋଗିତାର ସେମିଫାଇନାଲରେ ଓଡ଼ିଶା ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପ୍ରି-କ୍ୱାର୍ଟର ଏବଂ କ୍ୱାର୍ଟରରେ ଡବଲ ବିଜୟ ସହ ଓଡ଼ିଶା ଦଳ ଏହି ସଫଳତା ପାଇଛି। ପ୍ରି–କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୮ ରନ୍‌ରେ ବିଦର୍ଭକୁ ପରାସ୍ତ କରିଥିଲା। ଶେଖର ସ୍ୱାଇଁ ୩୦ ରନକରି ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ। ସେହିଭଳି କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୦ ରନ୍‌ରେ ମହାରାଷ୍ଟ୍ରକୁ ହରାଇ ଦେଇଥିଲା। ଓଡ଼ିଶା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ୍ ହରାଇ ୪୮ ରନ୍ କରିଥିଲା। ପ୍ରକାଶ ସାହୁ ୨୬ ରନ୍ କରିଥିଲେ। ଜବାବରେ ମହାରାଷ୍ଟ୍ର ୫.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୩୯ ରନ୍ କରିପାରିଥିଲା। ଅନୁଭବ ଖଟୁଆ ୩ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ୱିମ୍ବଲଡନ: କିର୍ଗିଓସ୍ କ୍ୱାର୍ଟର ଫାଇନାଲରେ

**ୱିମ୍ବଲଡନ, ୪।୭:**

ନିକ୍ କିର୍ଗିଓସ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। କାନ୍ଧରେ ଆଘାତଜନିତ ସମସ୍ୟା ସତ୍ତ୍ୱେ ସେ ସୋମବାର ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କୁ ୪–୬, ୬–୪, ୭–୬ (୭–୨), ୩–୬, ୬–୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ମେଡିକାଲ ଟାଇମ୍‌ଆଉଟ ଆବଶ୍ୟକ କରିଥିଲେ ଏବଂ ନିୟମିତ ଫିଜିଓ ଚିକିତ୍ସା ନେଉଥିଲେ। କିର୍ଗିଓସ ବୁଧବାର କ୍ୱାର୍ଟରଫାଇନାଲରେ ବିଶ୍ୱର ୧୭ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଚିଲିର କ୍ରିଷ୍ଟିଆନ ଇଗ୍ନାସିଓ ଗାରିନ୍ ମେଡୋନଙ୍କୁ ଭେଟିବେ, ଯିଏକି ୨–୬, ୫–୭, ୭–୬ (୭–୩), ୬–୪, ୭–୬ (୧୦–୬)ସେଟ୍‌ରେ ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉରଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଦ୍ୱାରା ୨୦୦୯ରେ ଫର୍ନାଣ୍ଡୋ ଗୋଞ୍ଜାଲେଜ୍‌ଙ୍କ ପରେ ଚିଲିର ପ୍ରଥମ ଖେଳାଳି ଭାବେ ସେ ଏକ ଗ୍ରାଣ୍ଡସ୍ଲାମ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସରେ ରୁଷିଆରେ ଜନ୍ମିତ କାଜାଖସ୍ତାନୀ ଖେଳାଳି ଏଲିନା ଆନ୍ଦ୍ରେୟେଭନା ରାଇବାକିନା ୭–୫, ୬–୩ ସେଟ୍‌ରେ କ୍ରୋଏସିଆର ପେଟ୍ରା ମାର୍ଟିକ୍‌ଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।









# ପିଏଫ୍‌ଆଇ ପାଇଁ ତନ୍ମୟ ମନୋନୀତ



**ଭୁବନେଶ୍ୱର, ୪।୭ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ତନ୍ମୟ କିସାନ (କାଟେଗୋରି–୪ ରେଫରି) ପ୍ରୋଜେକ୍ଟ ଫ୍ୟୁଚର ଇଣ୍ଡିଆ (ପିଏଫ୍‌ଆଇ) ୨୦୨୨ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବେଙ୍ଗାଲୁରୁସ୍ଥିତ ପାଦୁକୋନେ–ଦ୍ରାବିଡ ସିଏସ୍‌ଇଠାରେ ଚୟନ ଟ୍ରାଏଲ୍ ଅନୁଷ୍ଠିତ ହୋଇଥିଲା। ଏଥିରୁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନର ପ୍ରୋଜେକ୍ଟ ଫ୍ୟୁଚର ଇଣ୍ଡିଆ ୨୦୨୨ ପ୍ରୋଗ୍ରାମ ପାଇଁ ମୋଟ ୧୫ ଜଣ ମନୋନୀତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ତନ୍ମୟ ସାମିଲ ଅଛନ୍ତି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟ କର୍ମକର୍ତ୍ତାମାନେ ତନ୍ମୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଫାଓ ଲିଗ୍: ସନ୍‌ରାଇଜ୍ ୩–୦ରେ ବିଜୟୀ

**ଭୁବନେଶ୍ୱର, ୪।୭ (କ୍ରୀଡ଼ା ପ୍ରତିନିଧି):** ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟ୍‌ବଲ ଲିଗ୍‌ରେ ସୋମବାର ସନ୍‌ରାଇଜ୍ କ୍ଲବ ୩–୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଇର୍ଶାଦ ଏସ୍.ପି. ୩୦ ଓ ୪୩ତମ ମିନିଟରେ ୨ଟି ଗୋଲ ଦେଇଥିବାବେଳେ ଫ୍ରାନ୍ସିସ ଲାକ୍ରା ୧୦ମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

# ମେଲବୋର୍ନ ରେନିଗେଡ୍ସରୁ ପୁଣି ଖେଳିବେ ହରମନପ୍ରୀତ୍

**ମେଲବୋର୍ନ, ୪।୭ (ପି.ଟି.):** ଓମେନ୍ସ ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍) ଟି୨୦ ଟୁର୍ନାମେଣ୍ଟର ୮ମ ସଂସ୍କରଣ ଚଳିତବର୍ଷ ପରବର୍ତ୍ତି ଭାଗରେ ହେବ। ଏଥିରେ ଭାରତ ଅଧିନାୟିକା ହରମନପ୍ରୀତ୍ ସିଂ ମେଲବୋର୍ନ ରେନିଗେଡ୍ସ ତରଫରୁ ଦ୍ୱିତୀୟ ସିଜନ ପାଇଁ ଖେଳିବା ଲାଗି ଆମନ୍ତ୍ରଣ ପାଇଛନ୍ତି। ହରମନପ୍ରୀତ ହେଉଛନ୍ତି ପ୍ରସିଦ୍ଧ ଅଲ୍‌ରାଉଣ୍ଡର। ସେ ବିସ୍ଫୋରକ ବ୍ୟାଟିଂ ସହ ଭଲ ଅଫ୍ ସ୍ପିନ୍ ବୋଲିଂ କରିପାରନ୍ତି।

# 'ସ୍ୱସ୍ତି, ଦୀନେଶଙ୍କ ସଫଳତା ଅନୁପ୍ରାଣିତ କରିବ'

**ସମ୍ବର୍ଦ୍ଧିତ କଲେ କ୍ରୀଡ଼ାମନ୍ତ୍ରୀ**

**ଭୁବନେଶ୍ୱର, ୪।୭(କ୍ରୀଡ଼ା ପ୍ରତିନିଧି)**

ନୂଆଦିଲ୍ଲୀଠାରେ ନିକଟରେ ଅନୁଷ୍ଠିତ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ସ୍ୱସ୍ତି ସିଂ ଓ ଦୀନେଶ କୁମାରଙ୍କୁ ସୋମବାର କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଉଭୟ ସାଇକ୍ଲିଷ୍ଟଙ୍କୁ ଉତ୍ତରୀୟ ଓ ଫଳକ ଦେଇ ସମ୍ବର୍ଦ୍ଧିତ କରିବା ସହ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। "ଆଗାମୀ ଦିନରେ ସେମାନେ ଅଧିକ ଭଲ ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶପାଇଁ ଗୌରବ ଆଣିବେ। ସେମାନଙ୍କ ଏହି ସଫଳତା ରାଜ୍ୟକୁ ଗୌରବାନ୍ୱିତା କରିବା ସହ ଆଗାମୀ ପୀଢ଼ିଙ୍କୁ ଅନୁପ୍ରାଣିତ କରିବ'' ବୋଲି ତୁଷାରକାନ୍ତି କହିଛନ୍ତି। ଅନ୍ୟପକ୍ଷରେ ଉଭୟ କ୍ରୀଡ଼ାବିତ୍ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇବା ସହ ଏହି ପ୍ରୋତ୍ସାହନ ସେମାନଙ୍କୁ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ଉତ୍ସାହିତ କରିବ ବୋଲି କହିଛନ୍ତି। ଦୀନେଶ ୨୦୨୨ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ମହିଳା ସାଇକ୍ଲିଷ୍ଟ ତଥା ଅର୍ଜୁନ ପୁରସ୍କାର ବିଜୟିନୀ ମିନତି ମହାପାତ୍ର, କ୍ରୀଡ଼ା ବିଭାଗର ଯୁଗ୍ମ ଶାସନ ସଚିବ କୈଳାସ ଚନ୍ଦ୍ର ଦାସ, ରଞ୍ଜିତ ପରିଡ଼ା, ଓଏସ୍‌ଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରକାଶଯୋଗ୍ୟ ଯେ, ଜୁନ୍ ୧୮ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ଟିମ୍ ପର୍ସୁଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟ ଥିଲେ ସ୍ୱସ୍ତି ଓ ଦୀନେଶ। ପୁରୁଷ ଟିମ୍ ପର୍ସୁଟରେ ଦୀନେଶଙ୍କ ସହ ବିଶ୍ୱଜିତ ସିଂ, ଭେଙ୍କାପ୍ପା କେଙ୍ଗାଲଗୁଟି, ଅନନ୍ତ ନାରାୟଣ ଓ ନମନ କପିଲ ଭାରତୀୟ ଦଳରେ ସାମିଲ ଥିଲେ। ଏହି ଇଭେଣ୍ଟରେ ଜାପାନ ସ୍ୱର୍ଣ୍ଣ ଓ ଦକ୍ଷିଣ କୋରିଆ ଦଳ ରୌପ୍ୟ ପଦକ ପାଇଥିଲେ। ସେହିପରି ମହିଳା ଟିମ୍ ପର୍ସୁଟ ଇଭେଣ୍ଟରେ ସ୍ୱସ୍ତି, ଚୟନିକା ଗୋଗୋଇ, ମୀନାକ୍ଷୀ, ମୋନିକା ଜାଟ୍ ଓ ରେଜିୟେ ଦେବୀ ଭାରତୀୟ ଦଳର ସଦସ୍ୟ ଥିଲେ। ଏଥିରେ ଦକ୍ଷିଣ କୋରିଆ ସ୍ୱର୍ଣ୍ଣ ଓ କାଜାଖସ୍ତାନ ଦଳ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଭାରତ ୧ ରୌପ୍ୟ ଓ ୮ ବ୍ରୋଞ୍ଜ ସହ ମୋଟ ୯ଟି ପଦକ ପାଇ ୭ମ ସ୍ଥାନରେ ରହିଥିଲା। ଜାପାନ (୧୪ ସ୍ୱର୍ଣ୍ଣ, ୪ ରୌପ୍ୟ, ୧ ବ୍ରୋଞ୍ଜ), ଦକ୍ଷିଣ କୋରିଆ (୪ ସ୍ୱର୍ଣ୍ଣ, ୮ ରୌପ୍ୟ, ୧ ବ୍ରୋଞ୍ଜ) ଓ ମାଲେସିଆ (୧ ସ୍ୱର୍ଣ୍ଣ, ୩ ରୌପ୍ୟ, ୧ ବ୍ରୋଞ୍ଜ) ପ୍ରଥମ ୩ ସ୍ଥାନ ଅଧିକାର କରିଥିଲେ।


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ସ୍ୱସ୍ତି ସିଂ ଓ ଦୀନେଶ କୁମାର।


Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ